

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୩ ଡିସେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 13 DECEMBER 2022

Vol.No. 33 ■ No. 324 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସୀମାରେ ଭାରତ-ଚାଇନା ସୈନ୍ୟ ମୁହାଁମୁହିଁ



ନୂଆଦିଲ୍ଲୀ, ୧୨/୧୨ : ଚାଇନାର ବିସ୍ତାରବାଦ ନୀତିକୁ ଭାରତ ଜୋରଦାର ବିରୋଧ କରିବାରୁ ସ୍ଥିତି ଦିନକୁ ଦିନ ବିଗୁଡୁଛି । ଉଭୟ ପକ୍ଷ ସୀମାରେ ଅଧିକ ସଂଖ୍ୟକ ସୁରକ୍ଷାକର୍ମୀ ମୁତୟନ କରିବା ସହ ଅସ୍ତ୍ରଶସ୍ତ୍ର ଠୁଳ କରିବାରେ ଲାଗିଛନ୍ତି । ପୁଣି ସୀମାରେ ଚାଇନା ସେନା ବଦମାସି କରିଛି । ପ୍ରକୃତ ନିୟନ୍ତ୍ରଣ ରେଖା (ଏଲଏସି)ରେ ମୁହାଁମୁହିଁ ହୋଇଛନ୍ତି ଭାରତୀୟ ସେନା ଓ ଚାଇନା ସେନା । ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହେବା ସହ କେତେକ ଭାରତୀୟ ଯବାନ ଆହତ ହୋଇଥିବା ଜଣାପଡ଼ିଛି । ଗତ ଡିସେମ୍ବର ୯ ତାରିଖରେ ଏହି ଘଟଣା ଘଟିଛି । ଅରୁଣାଚଳପ୍ରଦେଶର ତୱାଙ୍ଗ ସେକ୍ଟରରେ ୟାଙ୍ଗତ୍ସେ ଏରିଆରେ ଏହି ଘଟଣା ଘଟିଛି । ଭାରତୀୟ ସୈନ୍ୟଙ୍କ ପ୍ରତିଜବାବରେ କିଛି ଚାଇନା ସୈନ୍ୟ ମଧ୍ୟ ଆହତ ହୋଇଛନ୍ତି । ଏହି ସଂଘର୍ଷରେ ବନ୍ଧୁକର ବ୍ୟବହାର ହୋଇ ନଥିଲା । ଉଭୟ ପକ୍ଷର ସୈନ୍ୟ ହାତାହାତି ଓ ଅନ୍ୟ ପାରମ୍ପରିକ ଅସ୍ତ୍ରଶସ୍ତ୍ର ମାଧ୍ୟମରେ ମୁହାଁମୁହିଁ ହୋଇଥିଲେ । ଏହି ସଂଘର୍ଷରେ ଉଭୟ ପକ୍ଷର ସୈନ୍ୟ ଆହତ ହୋଇଛନ୍ତି । 'ଦି ହିନ୍ଦୁ'ର ଏକ ରିପୋର୍ଟ ଅନୁସାରେ ଚାଇନା ପକ୍ଷରୁ ପ୍ରାୟ ୬ ଶହରୁ ଅଧିକ ସୈନ୍ୟ ଭାରତୀୟ ସୀମା ମଧ୍ୟକୁ ଅନୁପ୍ରବେଶ ଉଦ୍ୟମ କରିବାବେଳେ ଭାରତୀୟ ସେନା ପକ୍ଷରୁ ସେମାନଙ୍କୁ ଜୋରଦାର ପ୍ରତିରୋଧ କରାଯାଇଥିଲା । ସଂଘର୍ଷ ପରେ ଉଭୟ ପକ୍ଷ ମଧ୍ୟରେ ଫ୍ଲାଗ୍ ମିଟିଂ ହୋଇଥିଲା ଓ ଚୀନ ସୈନ୍ୟମାନେ ଫେରିଯାଇଥିଲେ ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ, ଜୁନ୍ ୨୦୨୨ରେ ଲଦାଖର ଗଲୱାନରେ ଭାରତ ଓ ଚାଇନା ସେନା ମୁହାଁମୁହିଁ ହେବା ପରେ ୨୦ ଭାରତୀୟ ଯବାନଙ୍କ ମୃତ୍ୟୁ ଘଟିଥିଲା । ୨୦୧୭ ଅଗଷ୍ଟରେ ଲଦାଖର ପଙ୍ଗୋଙ୍ଗ୍ ହ୍ରଦଠାରେ ଭାରତ ଓ ଚାଇନା ସେନା ମଧ୍ୟରେ ଅନୁରୂପ ମୁଥ ମରାମରି ହୋଇଥିଲା । ସାମରିକ ପ୍ରୋଟୋକଲ୍ ଅନୁଯାୟୀ ଯବାନମାନେ ଆପୋସ ବୁଝାମଣାରେ ଏହାର ସମାଧାନ କରିଥିଲେ । ଦୁଇଦେଶ ମଧ୍ୟରେ ସୀମାକୁ ନେଇ ବିବାଦ ରହିଛି । ଭାରତର କେତେକ ଅଞ୍ଚଳକୁ ଚାଇନା ନିଜର ବୋଲି ଦାବି କରିଆସୁଛି । ଏହାକୁ ନେଇ ବେଳେବେଳେ ଦୁଇଦେଶର ସେନା ମଧ୍ୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି । ସୂଚନାଯୋଗ୍ୟ ୨୦୧୭ରେ ଡୋକଲାମଠାରେ ଭାରତ ଓ ଚାଇନା ସେନାଙ୍କ ମଧ୍ୟରେ ସୀମାକୁ ନେଇ ଦୀର୍ଘ ୭୩ ଦିନ ଧରି ମୁହାଁମୁହିଁ ପରିସ୍ଥିତ ଲାଗି ରହିଥିଲା । ସେତେବେଳେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଲାଗିଯିବାର ଆଶଙ୍କା ପ୍ରକାଶ ପାଇଥିଲା । ଭାରତ ଓ ଚାଇନା ମଧ୍ୟରେ ୩,୪୮୮ କିଲୋମିଟର ଦୀର୍ଘ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି) ରହିଛି । ଅରୁଣାଚଳପ୍ରଦେଶ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବାବେଳେ ଚାଇନା ଏହାକୁ ଦକ୍ଷିଣ ତିବ୍ବତ୍‌ର ଏକ ଅଂଶ ବୋଲି ଦାବି କରିଆସୁଛି । ଉଭୟ ଦେଶ ମଧ୍ୟ ସୀମାକୁ ନେଇ ବିବାଦ ଲାଗିରହିଛି ।

## ଶପଥ ନେଲେ ଭୂପେନ୍ଦ୍ର ପଟେଲ



ଗାନ୍ଧିନଗର, ୧୨/୧୨ (ନି.ପ୍ର): ଗୁଜରାଟରେ ଐତିହାସିକ ବିଜୟ ପରେ ଦୁଇଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ବରିଷ୍ଠ ବିଜେପି ନେତା ଭୂପେନ୍ଦ୍ର ପଟେଲ । ତାଙ୍କୁ ଗୁଜରାଟର ୧୮ତମ ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ଭୂପେନ୍ଦ୍ର ପଟେଲ ଗତବର୍ଷ ସେପ୍ଟେମ୍ବର ମାସରେ ବିଜୟ ରୂପାନୀଙ୍କ ସ୍ଥାନରେ ଅପ୍ରତ୍ୟାଶିତ ଭାବେ ମୁଖ୍ୟମନ୍ତ୍ରୀ ପଦ ବିଜେପି ପକ୍ଷରୁ ହାତେଇ ଥିଲେ । ତାଙ୍କ ନେତୃତ୍ୱରେ ଏଥର ବିଜେପି ନିର୍ବାଚନ ଲଢ଼ିବା ସହ ରେକର୍ଡ ୧୫୬ ଆସନ ଦଖଲ କରିଥିଲା । ତେଣୁ ବିଜେପି ହାଇକମାଣ୍ଡ ତାଙ୍କୁ ପୁଣିଥରେ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ ଜାରି ରଖିବାକୁ ଅନୁମତି ଦେଇଛନ୍ତି । ଆଜି ଗାନ୍ଧିନଗରରେ ଆୟୋଜିତ ଭବ୍ୟ ଶପଥପାଠ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଓ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଉପସ୍ଥିତ ଥିଲେ । ସେହିପରି ଅନେକ କେନ୍ଦ୍ରମନ୍ତ୍ରୀ ଓ ୨୦୦ ଜଣ ସାଧୁ ଶ୍ରୀ ପଟେଲଙ୍କ ଶପଥ ଉତ୍ସବରେ ଯୋଗଦେଇଛନ୍ତି । ରାଜ୍ୟରେ ରହୁଥିବା ଏହି ୨୦୦ ସାଧୁଙ୍କୁ ସ୍ୱତନ୍ତ୍ର ଅତିଥି ଭାବେ ବିଜେପି ପକ୍ଷରୁ ଶପଥପାଠ କାର୍ଯ୍ୟକ୍ରମକୁ ଡକାଯାଇଥିଲା । ଭୂପେନ୍ଦ୍ର ପଟେଲଙ୍କ ସମେତ ତାଙ୍କ ମନ୍ତ୍ରିମଣ୍ଡଳରେ ସାମିଲ ହେବାକୁ ଥିବା ଆଉ ୧୭ ଜଣ ସଦସ୍ୟ ମଧ୍ୟ ଶପଥ ଗ୍ରହଣ କରିଛନ୍ତି । ଏମାନଙ୍କ ମଧ୍ୟରେ ଅଧିକାଂଶ ପୁରୁଣା ମୁହଁ । ଶ୍ରୀ ପଟେଲଙ୍କ ପୂର୍ବ ମନ୍ତ୍ରିମଣ୍ଡଳରେ ସାମିଲ ଥିବା ଅନେକ ମନ୍ତ୍ରୀଙ୍କୁ ଏଥର ପୁଣିଥରେ ସୁଯୋଗ ମିଳିଛି । ବିଜେପି ଗୁଜରାଟରେ ଦୀର୍ଘ ୨୭ ବର୍ଷ ହେଲା କ୍ଷମତାରେ ରହିଛି । ତଥାପି ଦଳ ଏଥର ୧୮୨ ବିଧାନସଭା ଆସନରୁ ରେକର୍ଡ ୧୫୬ରେ ଜିତିଛି । କଂଗ୍ରେସ ମାତ୍ର ୧୭ଟି ଓ ବଡ଼ବଡ଼ ପ୍ରତିଶ୍ରୁତି ଦେଇ ନିଜର ଭାଗ୍ୟ ପରୀକ୍ଷା କରୁଥିବା ଆପ୍ କେବଳ ୫ଟି ଆସନ ଜିତିବାକୁ ସକ୍ଷମ ହୋଇଛନ୍ତି । ବିଜେପିର ଐତିହାସିକ ବିଜୟ ପରେ ଶୁକ୍ରବାର ଭୂପେନ୍ଦ୍ର ପଟେଲ ତାଙ୍କ ପୂରା କ୍ୟାବିନେଟ ସଦସ୍ୟଙ୍କ ସହ ଇସ୍ତଫା ଦେଇଥିଲେ । ଏଥିସହ ନୂଆ ସରକାର ଗଠନ ପାଇଁ ରାଜ୍ୟପାଳଙ୍କ ନିକଟରେ ବିଧିବଦ୍ଧ ଭାବେ ଦାବି ଜଣାଇଥିଲେ । ଶନିବାର ଶ୍ରୀ ପଟେଲ ବିଜେପି ବିଧାୟକ ଦଳ ନେତା ଭାବେ ନିର୍ବାଚିତ ହୋଇଥିଲେ ।

## ୨୦୨୪ ପୂର୍ବରୁ ଆଗୁଆ ହେବ କି ନିର୍ବାଚନ ? ପୁଣି ମୁହାଁମୁହିଁ ବିଜେଡି–ବିଜେପି



ଭୁବନେଶ୍ୱର, ୧୨/୧୨ (ନି.ପ୍ର): ରାଜ୍ୟରେ ଆଗୁଆ ହେବ ନିର୍ବାଚନ ପ୍ରସଙ୍ଗରେ ମୁହାଁମୁହିଁ ବିଜେଡି-ବିଜେପି । ବିଜେଡି ନୁହେଁ ବିଜେପି ଆଗୁଆ ନିର୍ବାଚନ କରିବାକୁ ଯୋଜନା କରୁଥିବା କହିଲେ ବିଜେଡି ବିଧାୟକ ସୁଶାନ୍ତ ସିଂହ । ହିମାଚଳ ପ୍ରଦେଶରେ ହାରିବା ପରେ ୫ ରାଜ୍ୟର ନିର୍ବାଚନ ଫଳାଫଳକୁ ଦୃଷ୍ଟିରେ ରଖି ଆଗୁଆ ନିର୍ବାଚନ ପାଇଁ ବିଜେପି ଯୋଜନା କରୁଥିବା ବିଜେଡି ବିଧାୟକ ପ୍ରତିକ୍ରିୟା ଦେଇଛନ୍ତି । ଯଦି କେନ୍ଦ୍ରରେ ଆଗୁଆ ନିର୍ବାଚନ ହୁଏ ଏଠି ମୁଖ୍ୟମନ୍ତ୍ରୀ ଚିନ୍ତା କରିବେ । ଜନସାଧାରଣ ବିଜେଡିକୁ ୫ବର୍ଷ ପାଇଁ ଭୋଟ ଦେଇଛନ୍ତି । ତେଣୁ ଆଗୁଆ ନିର୍ବାଚନ ପାଇଁ ବିଜେଡି କିଛି ଚିନ୍ତା କରୁ ନାହିଁ । କିନ୍ତୁ ନିର୍ବାଚନ ଯେକୌଣସି ସମୟରେ ହେଲେ ବିଜେଡି ପ୍ରସ୍ତୁତ ଥିବା ସୁଶାନ୍ତ ସିଂହ କହିଛନ୍ତି । ସେପଟେ ଆଗୁଆ ନିର୍ବାଚନ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଇଥିବା ମନ୍ତବ୍ୟକୁ ସ୍ୱାଗତ କରିଛନ୍ତି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର । କହିଲେ ମୁଁ ବି ଶୁଣିଛି ରାଜ୍ୟରେ ଆଗୁଆ ନିର୍ବାଚନ ହେବ । ନବୀନ ପଟ୍ଟନାୟକ ଆଗୁଆ ନିର୍ବାଚନ କରିଦେବେ । ଯେହେତୁ ବିଜେପିର ଗ୍ରୋଥ୍ ହେଉଛି ଏବଂ ବିଜେଡି ପ୍ରତି ଲୋକଙ୍କ ସମର୍ଥନ କମିଯାଉଛି ତାକୁ ପ୍ରତିହତ କରିବାକୁ ଆଗୁଆ ନିର୍ବାଚନ ପାଇଁ ରାଜ୍ୟ ସରକାର ଯୋଜନା କରୁଥିବା ଜୟ ନାରାୟଣ ମିଶ୍ର କହିଛନ୍ତି ।

## ଅର୍ଚ୍ଚନା ନାଗଙ୍କୁ ପୁଣି ଥରେ ରିମାଣ୍ଡରେ ନେବାକୁ ଇଡିର ଯୋଜନା

ଭୁବନେଶ୍ୱର, ୧୨/୧୨ (ନି.ପ୍ର): ବହୁଚର୍ଚ୍ଚିତ ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପୁଣି ଥରେ ଅର୍ଚ୍ଚନା ନାଗଙ୍କୁ ରିମାଣ୍ଡରେ ନେବାକୁ ଯୋଜନା କରୁଛି । ଆଜି ଅର୍ଚ୍ଚନାଙ୍କ ରିମାଣ୍ଡ ସମାପ୍ତ ହେଉଛି । ଅନ୍ୟ ପକ୍ଷରେ ସେ ଇଡିକୁ ତଦନ୍ତରେ ସହଯୋହ କରୁ ନ ଥିବା କାରଣରୁ ଇଡି ତାଙ୍କୁ ପୁଣି ଥରେ ରିମାଣ୍ଡରେ ନେବାକୁ ଯୋଜନା କରୁଥିବା ଜଣା ପଡିଛି । ସେହିପରି ଆସନ୍ତାକାଲି ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁଙ୍କୁ କୋର୍ଟରେ ହାଜର କରାଯିବ । ଉଭୟଙ୍କୁ ରିମାଣ୍ଡରେ ଆଣି ମୁହାଁମୁହିଁ ଜେରା କରିବାକୁ ପ୍ରସ୍ତୁତି କରୁଛି ଇଡି ।

## ଇଡିରେ ହାଜର ହେଲେ ଚର୍ଚ୍ଚିତ ମିଶ୍ର

ଭୁବନେଶ୍ୱର, ୧୨/୧୨ (ନି.ପ୍ର): ଇଡିରେ ହାଜର ହୋଇଛନ୍ତି ମହିମା ମିଶ୍ରଙ୍କ ପୁଅ ଚର୍ଚ୍ଚିତ ମିଶ୍ର । ପୂର୍ବତନ ଆଇଏଫଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ବିଏମଡବ୍ଲୁ ଗାଡ଼ି କିଣା ମାମଲାରେ ଚର୍ଚ୍ଚିତ ଭୁବନେଶ୍ୱର ଇଡି ଅଫିସରେ ହାଜର ହେବା ପାଇଁ ନୋଟିସ୍ ଜାରି କରାଯାଇଥିଲା । ଇଡିର ନୋଟିସ ଆଧାରରେ ଚର୍ଚ୍ଚିତ ସୋମବାର ଇଡିରେ ହାଜର ପରେ ତାଙ୍କୁ ଜେରା କରିଛି । ୨ ଘଂଟାର ଜେରା ପରେ ଚର୍ଚ୍ଚିତ ଇଡି ଅଫିସ୍‌ରୁ ବାହାରିଥିବା ଜଣାପଡିଛି ।

## ଶପଥ ନେଲେ ନବନିର୍ବାଚିତ ବିଧାୟିକା ବର୍ଷା ସିଂ ବରିହା



ଭୁବନେଶ୍ୱର, ୧୨/୧୨ (ନି.ପ୍ର): ପଦମପୁରର ନବନିର୍ବାଚିତ ବିଧାୟିକା ବର୍ଷା ସିଂ ବରିହା ସୋମବାର ଦିନ ବିଧାୟିକା ଭାବେ ଶପଥ ନେଇଛନ୍ତି । ବାଚସ୍ପତି ବିକ୍ରମ କେଶରୀ ଆରୁଖ ବର୍ଷାଙ୍କୁ ଶପଥ ପାଠ କରାଇଛନ୍ତି । ଶପଥ ଗ୍ରହଣ ପରେ ଉପନିର୍ବାଚନ ସମୟରେ ପଦମପୁରବାସୀଙ୍କୁ ଦେଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ କରିବେ ବୋଲି ବର୍ଷା କହିଛନ୍ତି । ସେମାନଙ୍କ ପାଖରେ ରହି ସେବା କରିବେ ବୋଲି ବର୍ଷା କହିଛନ୍ତି । ଲୋକ କିପରି ସରକାରୀ ଯୋଜନାର ସୁବିଧା ପାଇପାରିବେ, ସେନେଇ ଗୁରୁତ୍ୱ ଦେବା ସହ ଲୋକଙ୍କ ସମସ୍ୟା ସମାଧାନକୁ ପ୍ରାଥମିକତା ଦେବେ ବୋଲି ସେ କହିଛନ୍ତି । ବାଚସ୍ପତିଙ୍କ ପ୍ରକୋଷ୍ଠରେ ଆୟୋଜିତ ଏହି ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀମତୀ ପ୍ରମିଳା ମଲ୍ଲିକ, ଜଳସଂପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ରିତା ସାହୁ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ବରିଷ୍ଠ ବିଧାୟକ ପ୍ରଫୁଲ୍ଲ ସାମଲ, ସୁଶାନ୍ତ ସିଂ, ବିଧାୟିକା ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ, ବିଧାନସଭା ସଚିବ ଦାଶରଥୀ ଶତପଥୀ ଏବଂ ବିଧାନସଭାର ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ । ଉଲ୍ଲେଖନୀୟ ଯେ ବିଜୟ ରଞ୍ଜନ ସିଂ ବରିହାଙ୍କ ବିୟୋଗ ପରେ ଗତ ପାଂଚ ତାରିଖ ଦିନ ପଦମପୁରରେ ଉପନିର୍ବାଚନ ହୋଇଥିଲା । ଡିସେମ୍ବର ୮ ତାରିଖ ଦିନ ଏହାର ଗଣତି ହୋଇଥିଲା । ଏଥିରେ ବଡ଼ ବ୍ୟବଧାନରେ ବର୍ଷା ବିଜୟୀ ହୋଇଥିଲେ । ଶପଥ ନେବା ପୂର୍ବରୁ ଗତ ଶନିବାର ବର୍ଷା ବାଚସ୍ପତି ଶ୍ରୀ ଆରୁଖଙ୍କ ସରକାରୀ ବାସଭବନକୁ ଯାଇ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଏହା ପୂର୍ବରୁ ବର୍ଷା ବିଜେଡି ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ମିଶନ ଶକ୍ତି ମହିଳା

ଭୁବନେଶ୍ୱର, ୧୨/୧୨ (ନି.ପ୍ର): ବିଭିନ୍ନ ଜିଲ୍ଲାର ମିଶନ ଶକ୍ତି ମହିଳାମାନେ ସୋମବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସ ଠାରେ ସାକ୍ଷାତ କରିଛନ୍ତି । ଏସମ୍ପର୍କରେ ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି ଯେ ବିଭିନ୍ନ ଜିଲ୍ଲାରୁ ଆସିଥିବା ମିଶନ ଶକ୍ତି ମା'ମାନଙ୍କୁ ଭେଟି ସେମାନଙ୍କ ସୁବିଧା ଅସୁବିଧା ବିଷୟରେ ଆଲୋଚନା କଲି । ମିଶନ ଶକ୍ତି କାର୍ଯ୍ୟକ୍ରମ ଜରିଆରେ ମା'ମାନେ ସଫଳତା ହାସଲ କରୁଥିବାବେଳେ ସେମାନଙ୍କ ଅର୍ଥନୈତିକ ସଶକ୍ତିକରଣ ବିଷୟରେ ଜାଣି ଖୁସି ହେଲି । ସମସ୍ତଙ୍କୁ ମୋର ସାଧୁବାଦ ଜଣାଉଛି ।

## ଆନନ୍ଦ ଟପ୍ପୋ ମୃତ୍ୟୁ ମାମଲାରେ ଇନଫୋସିଟି ଥାନାରେ ହାଜର ହେଲେ ବୀରେନ୍ଦ୍ର ଲାକ୍ରା



ଭୁବନେଶ୍ୱର, ୧୨/୧୨ (ନି.ପ୍ର): ଆନନ୍ଦ ଟପ୍ପୋ ମୃତ୍ୟୁ ମାମଲାରେ ଇନଫୋସିଟି ଥାନାରେ ହାଜର ହୋଇଛନ୍ତି ପୂର୍ବତନ ହକି ଖେଳାଳୀ ବୀରେନ୍ଦ୍ର ଲାକ୍ରା । ବୀରେନ୍ଦ୍ର ଲାକ୍ରା ଥାନାରେ ହାଜର ହେବା ପରେ ଅତିରିକ୍ତ ଡିସିପି ବୀରେନ୍ଦ୍ରଙ୍କୁ ପଚରାଉଚୁରା କରୁଛନ୍ତି । ଗତ ଫେବ୍ରୁଆରି ୨୮ ତାରିଖରେ ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଏକ ଫ୍ଲାଟ୍‌ରେ ବେକରେ ଶାଢ଼ି ଦେଇ ଆନନ୍ଦ ଟପ୍ପୋ ଆତ୍ମହତ୍ୟା କରିଥିବା ନେଇ ବୀରେନ୍ଦ୍ର ମୃତକଙ୍କ ବାପାଙ୍କୁ ଫୋନରେ ସୂଚନା ଦେଇଥିଲେ । ମୃତ ଶରୀରର ବେକରେ ୨ଟି ଦାଗ ରହିଥିଲା । କିଛିଦିନ ପୂର୍ବରୁ ଆନନ୍ଦ ବିବାହ କରିଥିଲେ । ଆନନ୍ଦ ଆତ୍ମହତ୍ୟା କରିବା ଭଳି କୌଣସି କାରଣ ନଥିଲା । ଆନନ୍ଦଙ୍କ ବାପା ହତ୍ୟା ଅଭିଯୋଗ ଆଣିଥିଲେ । ଆନନ୍ଦଙ୍କୁ ବୀରେନ୍ଦ୍ର ଓ ତାଙ୍କ ବାନ୍ଧବୀ ହତ୍ୟା କରିଥିବା ନେଇ ମୃତକଙ୍କ ବାପା ମାର୍ଚ୍ଚ ୧ରେ ଇନଫୋସିଟି ଥାନାରେ ଏତଲା ଦେଇଥିବା ବେଳେ ପୁଲିସ ଏହାକୁ ଗ୍ରହଣ କରି ନଥିଲା । ପରେ ଆନନ୍ଦଙ୍କ ବାପା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏହି ମାମଲାରେ ହାଇକୋର୍ଟ ଇନ୍‌ଫୋସିଟି ଥାନା ଆଇଆଇସିଙ୍କ କାର୍ଯ୍ୟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ତାଙ୍କୁ ଏକ ବର୍ଷ ପାଇଁ କୌଣସି ଫିଲ୍ଡ ପୋଷ୍ଟିଂ ନ ଦେବାକୁ ପୁଲିସ କମିସନରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସଂପୃକ୍ତ ପୁଲିସ ଅଧିକାରୀଙ୍କୁ ବିଜୁ ପଟ୍ଟନାୟକ ପୁଲିସ ଏକାଡେମୀକୁ ସମ୍ବେଦନଶୀଳ ହେବାକୁ ତାଲିମ୍ ପାଇଁ ପଠାଇବାକୁ ପୁଲିସ କମିସନର ପଦକ୍ଷେପ ନିଅନ୍ତୁ ବୋଲି ହାଇକୋର୍ଟ କହିଥିଲେ ।

## ପୂର୍ବତନ ସାଂସଦ ମୋହନ ଜେନାଙ୍କ ପରଲୋକ

ଭୁବନେଶ୍ୱର, ୧୨/୧୨ (ନି.ପ୍ର): ପୂର୍ବତନ ସାଂସଦ ମୋହନ ଜେନାଙ୍କର ପରଲୋକ ଘଟିଛି । ସୋମବାର ଦିନ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ଦୀର୍ଘଦିନ ହେବ କିଡନୀ ଜନିତ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ । ଯାଜପୁର ନିର୍ବାଚନ ମଣ୍ଡଳୀରୁ ସେ ୨ ଥର ଲୋକସଭାକୁ ନିର୍ବାଚିତ ହୋଇଥିଲେ । ୨୦୦୪ ଓ ୨୦୦୯ ଲୋକସଭା ନିର୍ବାଚନରେ ସେ ବିଜେଡି ଟିକେଟରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ପରେ ସେ ବିଜୁ ଜନତା ଦଳ ପରିତ୍ୟାଗ କରି ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଥିଲେ । ମୃତ୍ୟୁବେଳକୁ ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା । ତାଙ୍କ ବିୟୋଗରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ , କେନ୍ଦ୍ରମନ୍ତ୍ରୀ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି । ଯାଜପୁର ବଡଚଣାର ଶାସନସିମାରେ ୧୪ ଜୁଲାଇ ୧୯୫୭ରେ ଜନ୍ମଗ୍ରହଣ କରିଥିଲେ ମୋହନ ଜେନା । ପ୍ରଥମେ କେନ୍ଦ୍ରାପଡା କଲେଜ ଓ ପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଉଚ୍ଚଶିକ୍ଷା ଲାଭ କରିଥିଲେ । ଏହି ସମୟରେ ସେ ଛାତ୍ର ରାଜନୀତିରେ ପ୍ରବେଶ କରିଥିଲେ । ବିଜୁ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ଜନତା ଦଳ ରେ ଯୋଗ ଦେଇ ୧୯୯୨ରୁ ୧୯୯୪ ପର୍ଯ୍ୟନ୍ତ ସେ ଯୁବ ଜନତା ଦଳର ସାଧାରଣ ସମ୍ପାଦକ, ୧୯୯୪-୯୮ ପର୍ଯ୍ୟନ୍ତ ଜନତା ଦଳର ସମ୍ପାଦକ ଥିଲେ । ୨୦୦୪ ମସିହାରେ ସେ ବିଜୁ ଜନତା ଦଳ ଟିକେଟରେ ଲୋକସଭା ନିର୍ବାଚନ ଲଢ଼ିଥିଲେ । ଏହି ନିର୍ବାଚନରେ ସେ ଜିତି ଲୋକସଭାକୁ ନିର୍ବାଚିତ ହୋଇଥିଲେ । ସେହିପରି ୨୦୦୯ରେ ତାଙ୍କୁ ପୁଣି ବିଜେଡି ପକ୍ଷରୁ ଟିକେଟ ଦିଆଯାଇଥିଲା । ଆଉ ୨୦୦୯ ମସିହାରେ ବି ସେ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ମାତ୍ର ୨୦୧୪ ଓ ୨୦୧୯ରେ ବିଜେଡି ପକ୍ଷରୁ ତାଙ୍କୁ ପ୍ରାର୍ଥୀ କରା ନଯିବାରୁ ୨୦୧୯ ମସିହାରେ ସେ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିଲେ ।

## ପ୍ରଧାନମନ୍ତ୍ରୀଙ୍କ ବିରୋଧରେ କଂଗ୍ରେସ ନେତାଙ୍କ ଆପତ୍ତିଜନକ ଟିପ୍ପଣୀ



ନୂଆଦିଲ୍ଲୀ, ୧୨/୧୨ : ମଧ୍ୟପ୍ରଦେଶର ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ରାଜ ପଟେରିଆଙ୍କ ବିବାଦୀୟ ବୟାନ୍ ସାମ୍ନାକୁ ଆସିଛି । ସମ୍ବିଧାନ ବଂଚାଇବାର ଅଛି ତ, ମୋଦୀଙ୍କୁ ହତ୍ୟା କରିବାକୁ ପ୍ରସ୍ତୁତ ରୁହ, ଏଭଳି ବୟାନ୍ ଦେଇ ବିବାଦରେ ଫଶିଛନ୍ତି ଏହି କଂଗ୍ରେସ ନେତା । ପାନ୍ନାରେ ଏକ ରାଜନୈତିକ ସଭାରେ ଯୋଗ ଦେଇ କର୍ମୀଙ୍କୁ ଏଭଳି ବିବାଦୀୟ ମନ୍ତବ୍ୟ ଦେଇଛନ୍ତି ରାଜା ପଟୋରିଆ । ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବା ସାଙ୍ଗକୁ ଏ ଘଟଣାକୁ ନେଇ ବିଜେପି ତାଙ୍କୁ ଘେରିବା ଆରମ୍ଭ କରିଛନ୍ତି । ରାଜ ପଟେରିଆ କହିଥିଲେ କି, ଯଦି ସମ୍ବିଧାନ ବଂଚାଇବାର ଅଛି, ତେବେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ହତ୍ୟା କରିବାକୁ ପ୍ରସ୍ତୁତ ରୁହ । ଏକ ରାଜନୈତିକ ସଭାରେ ଖୋଲାଖୋଲି ଭାବେ କର୍ମୀଙ୍କୁ ଏଭଳି ଗୁରୁମନ୍ତ୍ରଣା ଦେଇ ବିବାଦରେ ଫଶିଛନ୍ତି ମଧ୍ୟପ୍ରଦେଶର ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ରାଜା ପଟେରିଆ । ରବିବାର ପାନ୍ନାରେ କଂଗ୍ରେସର ଏକ କାର୍ଯ୍ୟକ୍ରମ ଚାଲିଥିଲା । ଏହି ସଭାରେ କର୍ମୀଙ୍କ ସହ ଆଲୋଚନା କରିବା ବେଳେ ରାଜା ପଟେରିଆ କହିଥିଲେ, ମୋଦୀ ଧର୍ମ, ଜାତି, ଭାଷା ଆଧାରରେ ଦେଶକୁ ବିଭାଜନ କରୁଛନ୍ତି । ଯଦି ଆପଣମାନେ ସମ୍ବିଧାନ ବଂଚାଇବାକୁ ଚାହୁଁଛନ୍ତି, ତେବେ ମୋଦୀଙ୍କୁ ହତ୍ୟା କରିବାକୁ ପ୍ରସ୍ତୁତ ରୁହ । ସେପଟେ ଏଭଳି ବୟାନ୍ ସାମ୍ନାକୁ ଆସିବା ପରେ ବିଜେପି ଏହାକୁ ନେଇ କଂଗ୍ରେସକୁ ଟାର୍ଗେଟ କରିଛି । ଘଟଣାକୁ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ନିନ୍ଦା କରିଛନ୍ତି । ସେହିପରି ଗୃହମନ୍ତ୍ରୀ ନରୋତମ ମିଶ୍ର ତାଙ୍କ ବିରୁଦ୍ଧରେ ମାମଲା ରୁଜୁ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ସେ କହିଛନ୍ତି, କଂଗ୍ରେସ ମହାତ୍ମାଗାନ୍ଧୀଙ୍କୁ ନୁହେଁ ବରଂ ଫାଶୀବାଦୀ ଚିନ୍ତାଧାରା ରଖିଥିବା ମୁସୋଲିନିକୁ ଅନୁସରଣ କରୁଛି । ସେପଟେ ବିବାଦୀୟ ବୟାନକୁ ନେଇ ବିଜେପି ଘେରିବା ପରେ ସଫେଇ ରଖିଛନ୍ତି ରାଜା ପଟେରିଆ । ଏକ ବିବୃତିରେ ସ୍ପଷ୍ଟୀକରଣ ଦେଇ ▶▶ପୃଷ୍ଠା ୭

## ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବଳ ଗୋଟାଉଛନ୍ତି ବିରୋଧୀ



ନୂଆଦିଲ୍ଲୀ, ୧୨/୧୨ : ୨୦୨୪ ସାଧାରଣ ନିର୍ବାଚନ ପାଇଁ ସଜାଗ ବିରୋଧୀ । ବିଜେପି ବିରୋଧୀ ବିହାର ମୁଖ୍ୟମନ୍ତ୍ରୀଙ୍କ ରଣହୁଙ୍କାର । ବିରୋଧୀ ଦଳମାନଙ୍କୁ ଏକାଠି ହେବାକୁ ଦେଲେ ଆହ୍ୱାନ । ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବଳ ଗୋଟାଇବାକୁ ଚେଷ୍ଟା କରୁଛନ୍ତି ବିରୋଧୀ । ପଶ୍ଚିମବଙ୍ଗରୁ ନୂଆଦିଲ୍ଲୀରେ ପହଁଚ ମମତା ବାର୍ନାଜୀ କେତେବେଳେ ବିରୋଧୀ ନେତୃତ୍ୱଙ୍କ ସହ ବୈଠକ କରୁଛନ୍ତି ତ ପୁଣି କେତେବେଳେ ଦିଲ୍ଲୀ ଦରବାରରେ ବସୁଛି ଘନ ଘନ ବୈଠକ । ▶▶ପୃଷ୍ଠା ୭

# ଫୁଲବାଣୀରେ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଶୋଭାଯାତ୍ରା ଓ ସାଧାରଣ ସଭା

କନ୍ଧମାଳ, ୧୨/୧୨ (ନି.ପ୍ର): ରାଜ୍ୟରେ ଏକ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ସରକାର ଗଠନ କରିବା ପାଇଁ ଆମ ଆଦମୀ ପାର୍ଟିରେ ସାମିଲ ହୋଇ ସଂଗଠନକୁ ସୁଦୃଢ଼ କରିବା ପାଇଁ ରବିବାର ଫୁଲବାଣୀ ସ୍ଥିତ ଗାନ୍ଧୀ ସ୍ମୃତି ଭବନ ଠାରେ ଆୟୋଜିତ କର୍ମୀ ସମ୍ମିଳନୀରେ ଯୋଗଦେଇ ରାଜ୍ୟ ଆବାହକ ନିଶିକାନ୍ତ ରଥ ଆହ୍ୱାନ ଦେଇଛନ୍ତି । କର୍ମୀ ମାନେ ନିଷ୍ଠା ଓ ଆନ୍ତରିକତା ର ସହ କାର୍ଯ୍ୟ କରି ଆମ ଆଦମୀ ପାର୍ଟି ର ସଙ୍ଗଠନକୁ ସୁଦୃଢ଼ କରିବାକୁ ରାଜ୍ୟ ଆବାହକ ନିଶିକାନ୍ତ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ବଳରାମ ଡିଗାଲ, ଉପସଭାପତି ଯୌବନ ମଲ୍ଲିକ, କନ୍ଧମାଳ ପର୍ଯ୍ୟବେକ୍ଷକ ଆଦିତ୍ୟ ନାରାୟଣ ରଥ, ନାରୀ ନେତ୍ରୀ ରଶ୍ମିତା ପଟ୍ଟନାୟକ, ଯୁବନେତା ଗିରିଶ ପଟ୍ଟନାୟକ, ତ୍ରିନାଥ ମାଝୀ ଅଧ୍ୟକ୍ଷ ଅନୁସୂଚିତ ଜାତି, ମହେନ୍ଦ୍ର ମଲ୍ଲିକ ଅଧ୍ୟକ୍ଷ ଅନୁସୁଚିତ ଜନଜାତି ଯୁବ ନେତା ସଞ୍ଜୀବ ପ୍ରଧାନ ପ୍ରମୁଖ ଯୋଗଦେଇ ଦୁର୍ନିତୀ ଓ ଭ୍ରଷ୍ଟାଚାର ଦୂର ସହ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାଣି ଓ ରୋଜଗାର ପାଇଁ ଆମ ଆଦମୀ ପାର୍ଟି କୁ ସହଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ ।

ଏହି ଅବସରରେ ଏକ ଶୋଭାଯାତ୍ରା ସ୍ଥାନୀୟ ମାଦିକୁନ୍ଦା ଛକରୁ ବାହାରି ମୁଖ୍ୟରାସ୍ତାରେ ଆସି ଗାନ୍ଧୀ ସ୍ମୃତି ଭବନ ରେ ପହଂଚି ଥିଲା । ଜିଲ୍ଲାର ବିଭିନ୍ନ ଅଂଚଳରୁ ଶତାଧିକ ଆମ ଆଦମୀ ପାର୍ଟି ର କର୍ମୀ ଏଥିରେ ଯୋଗ ଦେଇଥିଲେ ।

# ରାଇରଙ୍ଗପୁର ମହାବିଦ୍ୟାଳୟରେ ସ୍ୱର୍ଗତଃ ସୂର୍ଯ୍ୟମଣି ମହନ୍ତିଙ୍କ ଶ୍ରାଦ୍ଧସଭା

ରାଇରଙ୍ଗପୁର, ୧୨/୧୨ (ନି.ପ୍ର): ସ୍ୱର୍ଗତଃ ସୂର୍ଯ୍ୟମଣି ମହନ୍ତିଙ୍କ ୩୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଏକ ଶ୍ରାଦ୍ଧସଭା ରାଇରଙ୍ଗପୁର କଲେଜରେ ଅନୁଷ୍ଠିତ ହୋଇଯାଇଛି । ରାଇରଙ୍ଗପୁର କଲେଜର ଅଧ୍ୟକ୍ଷ କୁବେର କୁମାର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ବୀର ନାରାୟଣ ଚ୍ୟାଉ ପଟ୍ଟନାୟକ, ଅଧ୍ୟାପକ ଆଲୋକ କୁମାର ପଟ୍ଟନାୟକ, ଅଧ୍ୟାପକ ହେମନ୍ତ କୁମାର ଗିରି ଓ ଦାରାସିଂ ମହାନ୍ତ ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତଃ ସୂର୍ଯ୍ୟମଣି ମହନ୍ତିଙ୍କ ଗୁଣାବଳୀ ସମ୍ପର୍କରେ ଆଲୋଚନା କରିବା ସହ ତାଙ୍କପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦୀପକ କୁମାର ମହାନ୍ତ, ଚନ୍ଦ୍ରକାନ୍ତ ମହାନ୍ତ, ଦୀପକ ନନ୍ଦ ଏବଂ କଲେଜର ସମସ୍ତ କର୍ମଚାରୀବୃନ୍ଦ ତଥା ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ହୋଇ ସ୍ୱର୍ଗତଃ ସୂର୍ଯ୍ୟମଣି ମହନ୍ତିଙ୍କ ସ୍ମୃତି ଚାରଣକରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶେଷରେ ଖେଳ ଶିକ୍ଷକ ହେମେନ୍ଦ୍ର କୁମାର ରାଉତ ଧନ୍ୟବାଦ ଦେଇଥିଲେ ।

# ଜୟପୁରରେ ପଥ ଉତ୍ସବ

ଜୟପୁର, ୧୨/୧୨ (ନି.ପ୍ର): ଜୟପୁର ମୁଖ୍ୟ ରାସ୍ତାରେ ପଥ ଉତ୍ସବ ଅନୁଷ୍ଠିତ ହୋଇଛି । ଜିଲା ପ୍ରଶାସନ ତରଫରୁ ଜୟପୁର ପୌରପାଳିକା ଦ୍ୱାରା ଏହି ପଥ ଉତ୍ସବ ଅନୁଷ୍ଠିତ ହୋଇଛି । ବିଧାୟକ ତାରା ପ୍ରସାଦ ବାହିନିପତିଙ୍କ ଉଦ୍ୟମରେ ଏହି ପଥ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ପୌର କାଯ୍ୟନିର୍ବାହି ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକଙ୍କ ସଭାପତିତ୍ୱରେ ସକାଳ ୭ ଟାରୁ ୧୨ଟା ପଯ୍ୟନ୍ତ ଅନୁଷ୍ଠିତ ହୋଇଛି । ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଂସ୍କୃତିକ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧକ୍ଷ ରାଧା ବିନୋଦ ସାମନ୍ତରାୟ, ଉପ ଜିଲାପାଳ ବେଦବର ପ୍ରଧାନ, ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଏସଡିପିଓ ଅରୁପ ଅଭିଷେକ ବେହେରା, ପୌର ଉପାଧକ୍ଷ ବି. ସୁନିତା, ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ମା, ଏସଡିପିଆରଓ ଯଶୋଦା ଗାଧବାଙ୍କ ସହ କାଉନସିଲର ମାନେ ଉପସ୍ଥିତ ଥିଲେ । ପଥ ଉତ୍ସୋବରେ ଡେନ୍ସ ଷ୍ଟେଜ, ମ୍ୟୁଜିକାଲ ଚେୟାର, ସାଇନ୍ସ ପାର୍କ, ଆଖଡା, ବାସ୍କେଟ ବଲ, ଦଉଡି ଡିଆଁ, ବାଲି କଳା, ଫେନସି ଡ୍ରେସ, ସ୍ୱଚ୍ଛ ଜୟପୁର, ସେଲଫି ଜୋନ, ଯୋଗ, ବିଏସଏଫ ଆର୍ମିଙ୍କ ଅସ୍ତ୍ର ସସ୍ତ୍ର, ପେପର କ୍ରାଫ୍ଟ, ବିନା ଅଗ୍ନିରେ ରୋଷେଇ, ମେହେନ୍ଦି, ଗୀତର ରଙ୍ଗୋଲି ମେଜିକ ସୋ, ଫେସନ ସୋ, ଡ୍ୟାନ୍ସ, ସଂକିର୍ତନ ଆଦି ପ୍ରଦର୍ଶନ କରିଥିଲେ । ଏହା ସହ ବାହାରୁ ଓଲିଉଡ ଗାୟିକା ଦେବାଂଶି ଦାସ, ଗାୟକ ଅଭିଜିତ ମିଶ୍ର, କଳାକାର ଗୁନ ଗୁନ ଉପସ୍ଥିତ ରହି ପଥ ଉତ୍ସବର ଆକର୍ଷଣକୁ ଦ୍ୱିଗୁଣିତ କରିଥିଲେ ।

# କୋଟଗଡରେ ଗ୍ରାମାଂଚଳସ୍ତରୀୟ ଖେଳକୁଦ ପ୍ରତିଯୋଗିତା

କନ୍ଧମାଳ, ୧୨/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା କୋଟଗଡ଼ ବ୍ଲକ୍ କଲୋନୀ ସାହିଠାରେ ମଙ୍ଗଳବାର ଦିନ ସମୟ ୧୧ ଘଟିକାରେ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ତରଫରୁ ଗ୍ରାମାଂଚଳ ସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ସାଂସଦ ପ୍ରତିନିଧି ମନୋଜ ସାବତ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମହାବୀର ଯୁବକ ସଂଘର ସଭାପତି ବ୍ରଜବନ୍ଧୁ ସାହୁ, କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର୍ ବେହେରା, କାହ୍ନୁ ଚରଣ ଦିଗାଲ, ମୁନା ସିଂହ, ରିଙ୍କୁ ପ୍ରଧାନ, ଟିଲୁ ସାହାଣୀ, ଉତ୍କଳ ମାଝୀ, ଯୁଗଳ ମାଝୀ, ଗାନ୍ଧୀ, ମଂଟୁ ସିଂହ, ପୁଷ୍କର, ପିଂଟୁ, ଅର୍ଜୁନ, ମିଳନ ନାୟକ, ଗୁରୁଦେବ ମଲ୍ଲିକ ସମସ୍ତ ସଦସ୍ୟ ଓ ନେହେରୁ ଯୁବ କେନ୍ଦ୍ରର ବ୍ଲକ୍ କର୍ଡିନେଟର ସୂର ?ଯ୍ୟକାନ୍ତ କାର୍ଜିମାଝୀ, ଅଜିତ ମଝିଆସେଠ ସମ୍ପୂର୍ଣ୍ଣ ଭାବରେ ସହଯୋଗ କରିଥିଲେ । ଆଜିର ଏହି ଟୁର୍ଣ୍ଣାମେଂଟ ପ୍ରଥମ ଦିନରେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ମନୋଜ ସାବତ, ସରପଂଚ ଶ୍ୱେତଲିନା ସୁକମାଝୀ ଓ କଳାଶ୍ରୀ ଯୁବକ ସଂଘ ର ସଦସ୍ୟ ସୁରେଶ ବେରୁକ, ଟୁକୁନା ପଶାୟତ ଯୋଗ ଦେଇଥିଲେ । ବ୍ଲକ୍ ର ୧୬ ଗୋଟି ଭଲି ଟିମକୁ ନେଇ ଏହି ଟୁର୍ଣ୍ଣାମେଂଟ ଆୟୋଜନ କରାଯାଇଛି । ଫାଇନାଲ ରେ ଯେଉଁ ଦଳ ବିଜେତା ହେବ ସେହି ଟିମ୍ କୁ ଟ୍ରଫି ସହିତ ୧୦୦୦୦ ଟଙ୍କା ଓ ପରାଜୟ ଟିମ୍ କୁ ଟ୍ରଫି ସହିତ ୮୦୦୦ ଟଙ୍କା ପ୍ରଦାନ କରାଯିବ ଓ ବେଷ୍ଟ୍ ହିଟର, ବେଷ୍ଟ ନେଟର, ଶୃଙ୍ଖଳିତ ଦଳ , ଶ୍ରେଷ୍ଠ ଦର୍ଶକଙ୍କ ପାଇଁ ମଧ୍ୟ ପୁରସ୍କାର ରଖାଯାଇଛି ।

# କେନ୍ଦୁଝରରେ ଗୁଣିଗାରେଡି ସନ୍ଦେହରେ ଦମ୍ପତିଙ୍କୁ ନିର୍ମମ ଭାବେ ହତ୍ୟା

କେନ୍ଦୁଝର, ୧୨/୧୨ (ନି.ପ୍ର): ଆଦିବାସୀ ବହୁଳ କେନ୍ଦୁଝର ଜିଲ୍ଲାର ଆଦିବାସୀ ସଂପ୍ରଦାୟ ମଧ୍ୟରେ ଆଜି ବି ଅନ୍ଧବିଶ୍ୱାସ ବଂଚି ରହିଛି । ଯେଉଁଥିପାଇଁ ଅନେକ ସମୟରେ ଅନେକ ନିରୀହ ଦମ୍ପତିଙ୍କୁ ପ୍ରାଣ ହରାଇବାକୁ ପଡିଥାଏ । ଆଦିବାସୀ ମାନଙ୍କ ମଧ୍ୟରେ ଜମାଟ ବାନ୍ଧିରହିଥିବା ଅନ୍ଧ ବିଶ୍ୱାସରୁ ସେମାନଙ୍କୁ ମୁକ୍ତ କରିବା ଲାଗି ସରକାରଙ୍କ ସମସ୍ତ ପ୍ରଚେଷ୍ଟା ଏକ ପ୍ରକାର ଫେଲ ମାରିଥିବା କୁହାଯାଇପାରେ । ଗୁଣିଗାରେଡି ସନ୍ଦେହରେ କେନ୍ଦୁଝର ଜିଲ୍ଲାରେ ଏକ ଦମ୍ପତିଙ୍କ ହତ୍ୟା ଏହାର ଜ୍ୱଳନ୍ତ ଉଦାହରଁ ବୋଲି କୁହାଯାଇପାରେ । ଗତକାଲି ବିଳମ୍ବିତ ରାତ୍ରୀରେ କେନ୍ଦୁଝର ଜିଲ୍ଲାର ଦୈତାରୀ ଥାନା ଅନ୍ତର୍ଗତ ରାସୋଳ ଝୁମୁକିପାଟିଆ ସାହୀରେ ଶୋଇଥିବା ଅବସ୍ଥାରେ କେହି ଦୁର୍ବୃର୍ତ୍ତ ସ୍ୱାମୀ ସ୍ତ୍ରୀଙ୍କୁ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଛି । ମୃତକ ଦ୍ୱୟ ହେଲେ ବାହାଡା ମୁର୍ମୁ ଓ ଧାନୀ ମୁର୍ମୁ । ଘଟଣାସ୍ଥଳରେ ପହଚିଂ ପୋଲିସ ତଦନ୍ତ ଆରମ୍ଭ କରିଥିଲେ ବି ଘଟଣାର କାରଣ ସ୍ପଷ୍ଟ ହୋଇପାରିନାହିଁ । କିନ୍ତୁ ଏହି ହତ୍ୟାକାଣ୍ଡ ପଛରେ ଗୁଣିଗାରେଡି କାରଣ ଥିବା ସନ୍ଦେହ କରାଯାଉଛି । ଗତକାଲି ବିଳମ୍ବିତ ରାତ୍ରୀରେ ଖାଇ ପିଇ ସାରି ଉଭୟେ ସ୍ୱାମୀ ସ୍ତ୍ରୀ ଘର ବାହାରେ ଶୋଇଥିଲେ । ବିଲମ୍ବିତ ରାତ୍ରୀରେ ଚିତ୍କାର ଶୁଣି ଘର ଭିତରେ ଶୋଇଥିବା ତାଙ୍କର ଝିଅ ସିନିଗୋ ମୁର୍ମୁ ଘର ଭିତରୁ ବାହାରି ଆସି ଦେଖିଲା ବେଳକୁ ବାପ ମା ଦୁହିଁଙ୍କୁ ରକ୍ତାତ ଅବସ୍ଥାରେ ଦେଖିବାକୁ ପାଇଥିଲେ । ଏହି ଦେଖି ସେ ସଙ୍ଗେ ସଙ୍ଗେ ସଂପର୍କୀୟ ମାନଙ୍କୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ଘଟଗାଁ ଏସ.ଡି.ପି.ଓ . ସୁଶୀଲ କୁମାର ମିଶ୍ର ଙ୍କ ସହ ହରିଚନ୍ଦନପୁର ଓ ଦୈତାରୀ ପୋଲିସ ପହଂଚି ତଦନ୍ତ ଜାରି ରଖିଛନ୍ତି । ମୃତ ଦେହ ଦ୍ୱୟକୁ ଆନନ୍ଦପୁର ମେଡିକାଲରେ ବ୍ୟବଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ମୃତକ ବାହାଡା ମୁର୍ମୁ ଗ୍ରାମ ଦେବତୀଙ୍କର ପୂଜକ ଭାବେ କାମ କରୁଥିଲେ ଏବଂ ଝଡାଫୁଙ୍କା ମଧ କରୁଥିବା ଗ୍ରାମ ଲୋକଙ୍କଠାରୁ ସୂଚନା ମିଳିଛି । ସେହି ଦୃଷ୍ଟିରୁ ପତି ପତ୍ନୀଙ୍କୁ ହୁଏତ ଗୁଣିଗାରେଡି କରୁଥିବାର ସନ୍ଦେହ କରି କେହି ହଭଳି ବିଭତ୍ସଭାବେ ହତ୍ୟା କରିଥିବା ସନ୍ଦେହ କରାଯାଉଛି । କେନ୍ଦୁଝର ଜିଲ୍ଲାରେ ବିଭିନ୍ନ ସମୟରେ ଏଭଳି ଘଟଣା ମାନ ଘଟୁଥିଲେ ମଧ ତାହା ଉପରେ ଅଙ୍କୁଶ ଲାଗି ନପାରିବା ଦୁଖଃଦ ଘଟଣା ବୋଲି ମତ ପ୍ରକାଶ ପାଇଛି ।

# ସୀତାରାମ ସେବା ସମିତି ଦ୍ୱାରା କମ୍ବଳ ବଂଟନ

କୋରାଇ, ୧୨/୧୨ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ଧନେଶ୍ୱର ପଂଚାୟତର ଧନପୁର ଗ୍ରାମର ସୀତାରାମ ସେବା ସମିତି ପକ୍ଷରୁ ୨ୟ ପର୍ଯ୍ୟାୟ କମ୍ବଳ ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୧୦ ତାରିଖ ରାତ୍ରୀରେ ପାଣିକୋଇଲି, ଯାଜପୁରରୋଡ ରାସ୍ତା କଡ ଓ ଓଭରବ୍ରିଜ ତଳ ଓ ରେଲୱେ ଷ୍ଟେସନ କଡରେ ରହିଥିବା ଅସହାୟମାନଙ୍କୁ କମ୍ବଳ ବଂଟନ କରାଯାଇଥିଲା । ଆଜି ଧନପୁର ଦୋଳ ମଣ୍ଡପ ଠାରେ ଧନପୁର, ଓଚିନ୍ଦା, ମୁଲରୀ, ତାଜପୁର, ଆଲିଆ, ଫର୍ତିପୁର, ବେଗନା, ମୃତ୍ୟୁଂଜୟପୁର ଅଲଡା, ରଣସରପୁର, କୋରାଇ ଆଦି ଗ୍ରାମରୁ ଆସିଥି ୧୦୬ଜଣ ଅସହାୟ, ଭିନ୍ନକ୍ଷମ, ବୃଦ୍ଧ/ବୃଦ୍ଧା ମାନଙ୍କୁ ସମିତି ପକ୍ଷରୁ କମ୍ବଳ, ତେଲ ଓ ଖାଦ୍ୟ ପୁଡିଆ ବିତରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗାୟକ ରନ୍ ରଘୁନାଥ ପାଢୀ, ଜିଲ୍ଲା ସାମ୍ବାଦିକ ସଙ୍ଘ ସଭାପତି ସୁବାସ ଧଳ ଅତିଥିଭାବେ ଯୋଗଦେଇଥିବା ବେଳେ ଗ୍ରାମ୍ୟ ମୁରବୀ ଶ୍ରୀଧର ସ୍ୱାଇଁ, କୃଷ୍ଣ ଚନ୍ଦ୍ର ସାହୁ, ନିତ୍ୟାନନ୍ଦ ବାରିକ, ଜଗତ ମହାନ୍ତି, ରବି ନାରାୟଣ ମାଝୀ, ଅନିଲ ବୋଇତାଇ, ପ୍ରଶାନ୍ତ ସାହୁ ଓ ଅଜୟ ସାହୁ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସୀତାରାମ ସେବା ସମିତିର ପ୍ରତିଷ୍ଠାତା ଯୁଧିଷ୍ଠିର ସାହୁ, ସମ୍ପାଦକ ଆନନ୍ଦ ଚନ୍ଦ୍ର ବେହେରା, ସହସମ୍ପାଦକ ପ୍ରୀୟବ୍ରତ ମାଝୀ, କୋଷାଧ୍ୟକ୍ଷ ଅମୀୟ କୁମାର ସାହୁ, ସଭ୍ୟ କୃଷ୍ଣ ଚନ୍ଦ୍ର ପାଢୀ, ଚନ୍ଦନ କବି, ରଘୁନାଥ ମହାପାତ୍ର, ଅଶୋକ ମହାରଣା, କାଳନ୍ଦୀ ସାହୁ, ସୌମ୍ୟରଂଜନ ସାହୁ, ରାମେଶ୍ୱର ସାହୁ ପ୍ରମୁଖ ଯୋଗଦାନ କରିଥିଲେ ।

# କୁଇ ଭାଷା ଓ ଲିପିକୁ ସରକାରୀ ମାନ୍ୟତା ପାଇଁ ୩ ଦିନିଆ ପ୍ରସ୍ତୁତି କାର୍ଯ୍ୟକ୍ରମ

କନ୍ଧମାଳ , ୧୨/୧୨ (ନି.ପ୍ର): କୁଇ ଲିପିର ସ୍ୱୀକୃତି ପାଇଁ ବିଧାୟକ ଭାବେ ଯଥା ସମ୍ଭବ ଉଦ୍ୟମ କରିବେ ବୋଲି ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଓ ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ କୁଇ ଭାଷା ସାହିତ୍ୟ ସମିତି କର୍ମଶାଳାର ଦ୍ୱିତୀୟ ଦିନର କର୍ମଶାଳାରେ ଯୋଗ ଦେଇ କହିଥିଲେ । କାହିଁ କେଉଁ ଆବାହନ କାଳରୁ କୁଇ ଭାଷା ପ୍ରଚଳିତ ହୋଇ ଆସୁଛି । କୁଇ ଭାଷା ଅତିଲୋକ ପ୍ରିୟ ଅଟେ । କନ୍ଧମାଳର ଅଧିକାଂଶ ଅଧିବାସୀ କୁଇ ଭାଷାରେ କଥାବାର୍ତା ହୋଇଥାନ୍ତି କିନ୍ତୁ ଏହି ଭାଷା ଏଯାଏଁ ମାନ୍ୟତା ଲାଭ କରିପାରିନି ବୋଲି କହିଥିଲେ । ବିଳମ୍ବରେ ହେଲେ ବି ଏବେ କୁଇ ଭାଷା ଲିପି ପ୍ରସ୍ତୁତ ହୋଇଛି । ତାହା କୁଇ ସମାଜ ଭାଷା ସାହିତ୍ୟ ସମିତିର ଅନୁମୋଦନ ହେଲା ପରେ ସରକାରୀ ମାନ୍ୟତା ପାଇଁ ଉଦ୍ୟମ କରାଯିବ ଆଉ ବିଧାୟକ ଭାବେ ସେମାନେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ଭାଷଣ ପ୍ରସଙ୍ଗରେ କହିଥିଲେ । ଲିପିକୁ ଚୂଡାନ୍ତ ରୂପ ଦେବା ଲାଗି ଜୁରୀଙ୍କ (ବିଚାରକ ମଣ୍ଡଳୀ) ଗତକାଲି ତିନି ଦିନିଆ କନଫରେନ୍ସ ଆରମ୍ଭ ହୋଇଛି । ଓଡ଼ିଶାର ବହୁ ଆଦିବାସୀ ଲେଖକ, ଅବସରପ୍ରାପ୍ତ ଅଫିସର, କର୍ମଚାରୀ, ବିଧାୟକ, ଅଧ୍ୟାପକ ଓ ଅଧ୍ୟାପିକା, ସାମ୍ବାଦିକ, କୁଇ ସମାଜର କର୍ମକର୍ତା ଓ ନେତା ଯୋଗ ଦେଇ କୁଇ ଭାଷା ପ୍ରଚଳନ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଇଂ ଅବନୀ କହଁର, ଡ଼ଃ ନିରଦ କହଁର ପ୍ରମୁଖ ଉପସ୍ଥିତ ଥିଲେ ।

# ସମବାୟ ସମିତି ପରିବାରର ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସଭା

ଭୁବନ, ୧୨/୧୨ (ନି.ପ୍ର): ଭୁବନ ପୂର୍ତ ବିଭାଗ ଡାକବଙ୍ଗଳା ପରିସରରେ ଅନୁଗୁଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ୧୨ ନମ୍ବର ଜୋନ ଅନ୍ତର୍ଗତ ଭୁବନ ଓ ଗଁନ୍ଦିଆ ବ୍ଲକ ସମବାୟ ସମିତି ପରିବାରର ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ୧୨ ନମ୍ବର ଜୋନ ସଭାପତି ଅଭିମନ୍ୟୁ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଣି, ଇସ୍ପାତ ଓ ପୂର୍ତମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ରାଜ୍ୟ ସରକାର କୃଷି ଓ କୃଷକଙ୍କୁ ସର୍ବଦା ଅଗ୍ରାଧିକାର ଦେଉଛନ୍ତି । କୃଷକଙ୍କ ଆୟ ଦ୍ୱିଗୁଣ କରିବାକୁ ପ୍ରୟାସ କରୁଛନ୍ତି । ସ୍ୱୟଂସହାୟକ ଗୋଷ୍ଠୀ ମା'ମାନଙ୍କୁ ବିନାସୁଧରେ ୫ ଲକ୍ଷଟଙ୍କା ଋଣ ଭଳି ଚାଷୀଭାଇମାନଙ୍କୁ ମଧ ବିନାସୁଧରେ ୧ ଲକ୍ଷଟଙ୍କା ଋଣ ପ୍ରଦାନ କରାଯାଉଛି । ଖୁବଶୀଘ୍ର ଏୟୁସିସି ବ୍ୟାଙ୍କ ଭୁବନ ଶାଖାର ନୂତନ ବିଲଡିଙ୍ଗ ନିର୍ମାଣ ହେବବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ଘୋଷଣା କରିଥିଲେ । ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଏୟୁସିସି ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ ଯୋଗଦେଇ ଚାଷୀଭାଇମାନେ ସମବାୟ ସମିତି ଓ ଏୟୁସିସି ବ୍ୟାଙ୍କର ମେରୁଦଣ୍ଡ । ଚାଷୀଭାଇମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଆପଣମାନେ କାର୍ଯ୍ୟ କରନ୍ତୁ , ଠିକ୍ ସମୟରେ ସାର, ବିହନ ଯୋଗାଇବା ସହ ଋଣ ମଧ ମଂଜୁର କରନ୍ତୁ । ଚାଷୀଙ୍କ ଉନ୍ନତି, ବ୍ୟାଙ୍କର ଆର୍ଥିକ ଅଭିବୃଦ୍ଧି ମୂଳଲକ୍ଷ୍ୟ ହେଉବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, ଏନ୍‌ଏସି ନଗରପାଳ ଶୁଭେନ୍ଦୁ ସାହୁ, ବରିଷ୍ଠ ବିଜେଡି ନେତା ସୁଧାକର ସାହୁ, ନରେନ୍ଦ୍ର କୁମାର ସାହୁଙ୍କ ସମେତ ଭୁବନ ସମବାୟ ସମିତି ସଭାପତି ଶଙ୍କର୍ଷଣ ପୃଷ୍ଟି, ବାଲିବୋ ସଭାପତି ମଳୟ କୁମାର ତ୍ରିପାଠୀ, ଭୂଷଳ ସଭାପତି ସହଦେବ ପରିଡ଼ା, ମହୁଲପାଳ ସଭାପତି ଲିଲିଆ ବେହେରା, ଗଡ଼ନୃସିଂହ ପ୍ରସାଦ ସଭାପତି ପତିତ ପାବନ କଅଁର, ବାରୁଆଁ ସଭାପତି ସ୍ନେହଲତା ଦାଶ, ସୁରପ୍ରତାପପୁର ସଭାପତି ପୁଷ୍ପଲତା ରାଉତ, ମଠକରଗୋଳା ସଭାପତି ନିରଂଜନ ବେହେରା, ମାର୍ଥାପୁର ସଭାପତି ଅଭିମନ୍ୟୁ ମିଶ୍ର , ଜିରାଳ ସଭାପତି ରବି ନାରାୟଣ ଲେଙ୍କା, ବାଇଁଶିଆ ସଭାପତି ସଂଜୀବ ସାମଲ, କରମୂଳସଭାପତି ସୁରେଶ ତରାଇ, କାଲୁରିଆ ସଭାପତି ହିମାଦ୍ରି ବିହାରୀ ଦାସ, ଯୋରନ୍ଦା ସଭାପତି ଚିତରଂଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଉପରୋକ୍ତ ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଭୁବନ ସେବା ସମବାୟ ସମିତି ସଂପାଦକ ବିଜୟ ପାତ୍ର, ଏୟୁସିସି ବ୍ୟାଙ୍କ ସୁପରଭାଇଜର କ୍ଷୀରୋଦ ଚନ୍ଦ୍ର ପାତ୍ର ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ ।

# ଫୁଲବାଣୀରେ ବରିଷ୍ଠ ନାଗରିକ କମିଟିର ବୈଠକ ଅନୁଷ୍ଠିତ

କନ୍ଧମାଳ , ୧୨/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲାର ବରିଷ୍ଠ ନାଗରିକ ମାନେ ସୁରକ୍ଷିତ ଭାବେ ରହିବା ସହ ନ୍ୟାୟ ଓ ହକ ପାଇବେ ସେ ନେଇ ରବିବାର ବରିଷ୍ଠ ନାଗରିକ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ପାରିଜାତ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା । ମିଳିତ ନାଗରିକ କମିଟି ସଭାପତି ଡ଼ଃ ଅରୂପ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ନାଗରିକ ତଥା ପୂର୍ବତନ ନଗରପାଳ କମଳା କାନ୍ତ ପାଣ୍ଡେ, ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ପଣ୍ଡିତ ଅନନ୍ତ ନାରାୟଣ ମିଶ୍ର, ପ୍ରଣବ ମଣ୍ଡଳ ଯୋଗ ଦେଇ ଏହି ସଙ୍ଗଠନ ବରିଷ୍ଠ ନାଗରିକ ମାନଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଦୃଷ୍ଟି ଦେଇ ଆସିଛି । ବିଭିନ୍ନ ସମୟରେ ବରିଷ୍ଠ ନାଗରିକ ଓ ସେମାନଙ୍କ ପରିବାର ପାଇଁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ କରିଛି ଆଗକୁ ଆହୁରି ଅନେକ ଗଠନ ମୂଳକ କାର୍ଯ୍ୟ ହାତକୁ ନିଆଯିବ ଏଣୁ ଏଥିରେ ସମସ୍ତଙ୍କ ଆନ୍ତରିକ ସହଯୋଗ କାମନା କରିଥିଲେ । ଅମୀୟ ଦାଶ, ପ୍ରଣବ ମଣ୍ଡଳ, ସାମ୍ବାଦିକ ବିଜୟ ମହାନ୍ତି, ରାଜେନ୍ଦ୍ର ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ସଙ୍ଘକୁ ସୁଦୃଢ଼ କରିବା ଲାଗି ଗଠନ ମୂଳକ ପରାମର୍ଶ ଦେଇଥିଲେ । ସଙ୍ଘର ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ଭେଦ ଭାବ ମନାନ୍ତର ଓ ମତାନ୍ତର ଭୁଲି ଏକଜୁଟ ହୋଇ କାମ କାଲେ ଅଧିକ ସୁଫଳ ମିଳିବ ବୋଲି କହିଥିଲେ ।

# ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ୍ ଟୁର୍ଣ୍ଣାମେଂଟ : ଇଲେଭେନଷ୍ଟାର ଯାଜପୁର ଟାଉନ ସେମିରେ

ଧର୍ମଶାଳା, ୧୨/୧୨ (ନି.ପ୍ର): ଯାଜପୁର ବ୍ଲକ ଝାଲପଡା ପଂଚାୟତ କାକୁଡିକୁଦ-ନିଳକଣ୍ଠପୁର ସତ୍ୟସାଇ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ୪୦ତମ ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ୍ ଟୁର୍ଣ୍ଣାମେଂଟ୍‌ର ଆଜି ୧ମ କ୍ୱାଟର ମ୍ୟାଚ ଇଲେଭେନଷ୍ଟାର ଯାଜପୁର ଟାଉନ ଓ ସହିଦ ସ୍ୱୋଂଟି ଭୁବନେଶ୍ୱର ମଧ୍ୟରେ ଖେଳା ଯାଇଥିଲା । ଏହି ମ୍ୟାଚରେ ସହିଦ ସ୍ୱୋଂଟିକୁ ୧୨ ରନରେ ପରାସ୍ତ କରି ପ୍ରଥମ ଦଳଭାବେ ଯାଜପୁର ସେମିଫାଇନାଲରେ ପ୍ରବେଶ କରିଛି ।

ପ୍ରଥମେ ସହିଦ ସ୍ୱୋଂଟି ଟସ୍‌ରେ ଜିତି ବୋଲିଂର ନିସ୍ପତି ନେଇଥିଲା । ଯାଜପୁର ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଓ୍ୱିକେଟ୍ ହରାଇ ବିଶାଳ ୧୮୧ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଚନନ୍ଦ ନାୟକ୨୯ ବଲରେ ସମ୍ମୁଖୀନ ହୋଇ ୬୧ ଓ ଅଧିନାୟକ ଅଭିଳାଷ ରାଉତରାୟ ୩୪ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ବୋଲର ବିନୟ ଦାସ ୨ଟି ଓ୍ୱିକେଟ୍ ନେଇଥିଲେ । ୧୮୨ ରନର ବିଜୟ ଲକ୍ଷ ପିଛା କରି ସହିଦ ସ୍ୱୋଂଟି ୨୦ ଓଭରରେ ୮ ଓ୍ୱିକେଟ୍ ହରାଇ ୧୭୦ ରନ ସଂଗ୍ରହ କରି ଏହି ମ୍ୟାଚକୁ ୧୨ ରନରେ ମ୍ୟାଚ ହାରି ଯାଇଥିଲା । ଦଳ ପକ୍ଷରୁ ବିଶ୍ୱଭୂଷଣ ମୁଦୁଲୀ ୪୪ ବଲରୁ ୬୩ ଓ ମାନସ ରଂଜନ ନାୟକ ୧୬ ବଲରୁ ୩୨ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ବୋଲର ଚନ୍ଦନ ନାୟକ ସର୍ବାଧିକ ୩ ଗୋଟି ଓ୍ୱିକେଟ୍ ନେଇଥିଲେ । ଚନ୍ଦନକୁ ମ୍ୟାନ ଅଫ ଦ ମ୍ୟାଚ ଘୋଷିତ କରାଯାଇଥିଲା । ଖେଳ ପରିଚାଳନାରେ ଶରତ ଜେନା ଓ ପ୍ରଭାତ କୁମାର ଜେନା ସହଯୋଗ କରିଥିଲେ । ଭାଷ୍ୟକାରଭାବେ ମଂଟୁ ଦାସ,ଅରୁଣ ପତି ଓ ଶ୍ରଦ୍ଧା ସୁମନ ସାହୁ ଓ ସ୍କୋରଭାବେ ଅୟସକାନ୍ତ ସାହୁ,ନିରଞ୍ଜନ ସାହୁ,ବିରଞ୍ଚି ନାରାୟଣ ସାହୁ ଓ ଲିପୁ ରଂଜନ ପଲ୍ଲାର ପ୍ରମୁଖ ସହଯୋଗ କରିଥିଲେ । ସମ୍ପୂର୍ଣ୍ଣ ଖେଳ ପରିଚାଳନାରେ ପ୍ରିୟନାଥ ରାଉତ, ମାଧବାନନ୍ଦ ଜେନା, ରଘୁନାଥ ଜେନା, ଦିଲିପ ଜେନା, ହେମନ୍ତ ସାହୁ , ବଳରାମ ସାହୁ, ସୁନିଲ କୁମାର ଜେନା ଓ ଉତ୍କଳ ଜେନା ପ୍ରମୁଖ ସହଯୋଗ କରିଥିଲେ । ସୋମବାର ଦିନ ୨ୟ କ୍ୱାଟର ଫାଇନାଲ ମ୍ୟାଚ ବଟ ମଙ୍ଗଳା କ୍ରିକେଟ୍ ଗୋଲକୁଣ୍ଡ ଓ ସ୍ୱର୍ତନ କ୍ରିକେଟ କ୍ଲବ ଭୁବନେଶ୍ୱର ମଧ୍ୟରେ ମ୍ୟାଚ ଖେଳା ଯିବ ବୋଲି ଆୟୋଜକ ସତ୍ୟସାଇ କିକେଟ ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି ।

# ପଟାଭାଡି ରାମଜୀ ଓ ହନୁମାନ ମନ୍ଦିର ପରିସର ସଫେଇ କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର, ୧୨/୧୨ (ନି.ପ୍ର): ସ୍ଥାନୀୟ ପଟାଭାଡି ରାମଜୀ ଓ ହନୁମାନ ମନ୍ଦିର ପରିସରରେ ସ୍ୱଚ୍ଛ ଭାରତ ସଂଗଠନ ସୋନପୁର - ମନମୁଣ୍ଡା ପକ୍ଷରୁ ଏକ ସଫେଇ ଓ ପଲିଥିନ ମୁକ୍ତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ସଭାପତି ଲକ୍ଷ୍ମୀ ନାରାୟଣ ମେହେରଙ୍କ ପରାମର୍ଶ କ୍ରମେ ସଂଘ ଉପଦେଷ୍ଟା ଗରିବ ଲୋଇ, ଇନ୍ଦୁମତୀ ପୁରୋହିତଙ୍କ ତତ୍ୱାବଧାନରେ ମନୋରଞ୍ଜନ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରହଲ୍ଲାଦ ମିଶ୍ର, ଲଡୁ କିଶୋର ମଲ୍ଲିକ, ପ୍ରଫୁଲ୍ଲ ନାଏକ, ପ୍ରମୋଦ କୁମାର ସାହୁ, ଡା. ସରୋଜ ପଟେଲ, ସୁଶାନ୍ତ ସାହୁ, ଅମର ଭୁତ, ସିମାଂଚଳ ହୋତା, ପ୍ରମୋଦ ମହାରଣା, ତରଣୀ ମେହେର, ତ୍ରିଲୋଚନ ତରିଆ ପ୍ରମୁଖ ସ୍ୱଚ୍ଛ ଭାରତର ଅନେକ ସଭ୍ୟ ଯୋଗଦେଇ ମନ୍ଦିର ପରିସର ଓ ଶମ୍ମୁଖରେ ଅଳିଆ ଆବର୍ଜନା ଓ ପଲିଥିନ ସଫେଇ କରି ଜନସାଧାରଣଙ୍କୁ ସଚେତନ କରାଇଥିଲେ ।

# ଯାଜପୁର ଜିଲ୍ଲା ଆଶାକର୍ମୀ ସଙ୍ଘର ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ

କୋରାଇ, ୧୨/୧୨ (ନି.ପ୍ର): ପାଣିକୋଇଲି ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଆଜି ଯାଜପୁର ଜିଲ୍ଲା ଆଶାକର୍ମୀ ସଙ୍ଘର ଆନ୍ଦୋଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଭାରତୀୟ ମଜଦୁର ସଙ୍ଘର ସଭାପତି ବଟକୃଷ୍ଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆଶାକର୍ମୀ ସଙ୍ଘର ଯାଜପୁର ସଭାପତି ପୁଷ୍ପଲତା ମହାନ୍ତିଙ୍କ ସଂଚଳନାରେ ଆୟୋଜିତ ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଶା କର୍ମୀ ମାନଙ୍କ ନାର୍ଯ୍ୟ ଦାବିର ଅବହେଳା ବିରୁଦ୍ଧରେ ଦୃଢ ପ୍ରତିବାଦ କରି ଆସନ୍ତା ଡିସେମ୍ବର ୧୪ ତାରିଖ ବୁଧବାର ଯାଜପୁର ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ, ପ୍ରତିବାଦ ସଭା ଓ ଶୋଭାଯାତ୍ରା ସହ ଜେଲଭରୋ ଆନ୍ଦୋଳନ କରିବା ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇଥିଲା । ୭ଦଫା ନାର୍ଯ୍ୟ ଦାବି ଯଥା ଜାତୀୟ ସ୍ୱାସ୍ଥ୍ୟ ମିଶନରେ ଆଶା କର୍ମୀଙ୍କୁ ସ୍ଥାୟୀ ନିଯୁକ୍ତି, ଅଶା କର୍ମୀଙ୍କୁ ସର୍ବନିମ୍ନ ୧୮ହଜାର ଟଙ୍କା ମାସିକ ବେତନ, ସାମାଜିକ ସୁରକ୍ଷା ବ୍ୟବସ୍ଥାରେ ଆଶା କର୍ମୀମାନଙ୍କ ଭବିଷ୍ୟନିଧି ଯୋଜନା ଲାଗୁ କରିବା, ଅବସର ଗ୍ରହଣ କରୁଥିବା ଆଶାକର୍ମୀଙ୍କୁ ୫ ଲକ୍ଷ ଟଙ୍କାର ସହାୟତା ସହିତ ମାସିକ ୫ ହଜାର ଟଙ୍କା ପେନସନ ବ୍ୟବସ୍ଥା, ଦକ୍ଷ ଆଶାକର୍ମୀଙ୍କୁ ଏଏନଏମ ପଦବୀକୁ ପଦୋନ୍ନତୀ, ଆଶାକର୍ମୀଙ୍କ ଆକସ୍ମିକ ମୃତ୍ୟୁରେ ଦଶ ଲକ୍ଷଟଙ୍କା ଅନୁକମ୍ପା ରାଶିପ୍ରଦାନ, କୋଭିଡ ସମୟରେ ମୃତ୍ୟୁ ବରଣ କରିଥିବା ଆଶାକର୍ମୀଙ୍କ ପରିବାରକୁ ୫୦ ଲକ୍ଷଟଙ୍କାର ସହାୟତା ରାଶି ପ୍ରଦାନ ନିମନ୍ତେ ୭ ଦଫା ସମ୍ବଳିତ ମୁଖ୍ୟ ଦାବି ନେଇ ଯାଜପୁର କିଆନାଳୀ କୂଳ ଠାରୁ ରେଡକ୍ରସ ଛକ ଦେଇ ଗାନ୍ଧୀ ଛକ ଓ ଜିଲ୍ଲାପାଳଙ୍କ ମୁଖ୍ୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାଲି, ଧାରଣା, ପ୍ରତିବାଦ ସଭା ଓ ଦାବିପତ୍ର ପ୍ରଦାନ କରାଯିବ । ଆନ୍ଦୋଳନ ନିମନ୍ତେ ବିଭିନ୍ନ ବ୍ଲକରୁ ବଡଚଣାରୁ ଭାନୁମତୀ ରାଓ, ଧର୍ମଶାଳାରୁ କବିତା ଶତପଥି, ରସୁଲପୁରରୁ ସୁଲୋଚନା ଦାସ, ବରୀରୁ ସୁରମାରାଣୀ କର, କୋରାଇରୁ ସୀତା ବେହେରା. ଯାଜପୁରରୁ ରଂଜିତା ନାୟକ, ଦାନଗଦୀରୁ ଅବନ୍ତୀ ନାୟକ, ସୁକିନ୍ଦାରୁ ସାବିତ୍ରୀ ହେମ୍ରମ, ଦଶରଥପୁରରୁ ସଂଜୁଲତା ଓ ବିଂଝାରପୁରରୁ ସବିତା ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ହଜାର ହଜାର ସଂଖ୍ୟାରେ ଆଶା କର୍ମୀ ଆନ୍ଦୋଳନରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ ।

# କେଶରୀକୁଣ୍ଡଠାରେ ବିଧାୟିକାଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ

ଚମ୍ପୁଆ, ୧୨/୧୨ (ନି.ପ୍ର): ଉପାନ୍ତ ଚମ୍ପୁଆ ବ୍ଲକ ସରେଇ ପଂଚାୟତ ଅନ୍ତର୍ଗତ ପର୍ଯ୍ୟଟନ ସ୍ଥଳୀ କେଶରୀକୁଣ୍ଡ ୨୦୦୮ ମସିହା ଠାରୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଥିଲେ ମଧ ଏଯାବତ ଏହାର ଉର୍ନ୍ନତି ନିମନ୍ତେ କୌଣସି ପଦକ୍ଷେପ ନିଆଯାଇ ନ ଥିବାବେଳେ ଆଜି ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତଙ୍କ ଦ୍ୱାରା ସଂଯୋଗୀ କରଣ ରାସ୍ତା ଓ ଯାନ ବାହନ ରହଣିସ୍ଥଳ ନିର୍ମାଣ ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଯାଇଛି । ଓଡିଶା ସରକାରଙ୍କ ପୂର୍ତ୍ତ ଓ ନିର୍ମାଣ ବିଭାଗ ତଥା ରାଜ୍ୟ ପର୍ଯ୍ୟଟନ ବିକାଶ ଅଧୀନରେ କରାଯାଉଥିବା ଏହି ଉର୍ନ୍ନତି କରଣ ପ୍ରାୟ ୨୦ ଲକ୍ଷ ବ୍ୟୟ ଅଟକଳରେ ଏହି କାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଥିବାବେଳେ ଏହାସହିତ ଆବଶ୍ୟକ ଉର୍ନ୍ନତି ମୂଳକ କାର୍ଯ୍ୟ ପର୍ଯ୍ୟାୟକ୍ରମେ କରାଯାଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯିବ ବୋଲି ବିଧାୟିକା ଶ୍ରୀମତୀ ମହାନ୍ତ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ସୁପରିଟେଣ୍ଡ ଇଞ୍ଜିନିଅର ସନ୍ତୋଷ କୁମାର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ବୁଦ୍ଧିଆ ମାରାଣ୍ଡି, ଯନ୍ତ୍ରୀ ହରେକୃଷ୍ଣ ପାତ୍ର, ସ୍ଥାନୀୟ ସରପଂଚ ସୁଶାନ୍ତ କୁମାର ନାୟକ, ପ୍ରମୁଖ ଉପସ୍ଥିତ ଥିଲେ ।

# ୪୦ ଫୁଟ ଗଭୀର କୂଅରୁ ଷଣ୍ଢ ଉଦ୍ଧାର

ଭୁବନ, ୧୨/୧୨ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ଏକତାଳି ପଂଚାୟତ ନିମେଇପୁର ଗ୍ରାମରେ ଆଜି ଅପରାହ୍ନ ସାଢେ ୪ ଘଟିକା ସମୟରେ ୪୦ ଫୁଟ ଗଭୀର ଖୋଲା କୂଅରେ ଏକ ଷଣ୍ଢ ପଡିଯାଇଥିଲା । ଏ ସଂପର୍କରେ ଖବର ପାଇବା ପରେ ଭୁବନ ଅଗ୍ନିଶମ ଅଧିକାରୀ ମନୋରଂଜନ ବିଶ୍ୱାଲଙ୍କ ନିର୍ଦ୍ଦେଶରେ କର୍ମଚାରୀମାନେ ତତ୍‌କ୍ଷଣାତ ଘଟଣାସ୍ଥଳରେ ପହଂଚି ୪୦ ଫୁଟ କୁଅରୁ ଷଣ୍ଢକୁ ଉଦ୍ଧାର କରିଥିଲେ ।

# ମୂର୍ତ୍ତିମାନଙ୍କ ଗାଁ ପାଲଟିଛି ରଘୁନନ୍ଦନ ପାହାଡ

ବିଚିତ୍ର ଏ ବିଶ୍ୱ ବ୍ରହ୍ମାଣ୍ଡ, ବିଚିତ୍ର ତାର ପରିକଳ୍ପନା । ଯେଉଁଠାରେ ଲୁଚି ରହିଛି ଅନେକ ରହସ୍ୟମୟ ତଥ୍ୟ ଓ ପରମ୍ପରା । ଯାହାକି ଆଜିବି ରହସ୍ୟ ହୋଇ ରହିଛି । ତେବେ ସେହିଭଳି ଏକ ପାହାଡ ହେଉଛି ତ୍ରିପୁରାର ରଘୁନନ୍ଦନ ପାହାଡ । ଯେଉଁଠାରେ ରହିଛି ଅନେକ ମୂର୍ତ୍ତି । ଯାହାକୁ ଦେଖିଲେ ମନେ ହୁଏ ସତେ ଯେପରି ତାହା ହେଉଛି ମୂର୍ତ୍ତିମାନଙ୍କର ଏକ ଗାଁ ଏବଂ ସେଠାରେ ମୂର୍ତ୍ତିମାନ ସେହି ପାହାଡକୁ ଜଗି ବସିଛନ୍ତି । ତେବେ ଏହି ପାହାଡକୁ ନେଇ ଅନେକ ଲୋକକଥା ମଧ୍ୟ ରହିଛି । ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଏବଂ ଚକିତ କରିଦିଏ । ବର୍ତ୍ତମାନ ଆସନ୍ତୁ ଜାଣିବା ଏହି ରହସ୍ୟମୟ ପାହାଡ ବିଷୟରେ...















ତ୍ରିପୁରାର ଏକ ପାହାଡ ହେଉଛି ରଘୁନନ୍ଦନ ପାହାଡ଼ । ଯେଉଁଠାରେ ଖୋଦିତ ହୋଇଛି ଅନେକ ମୂର୍ତ୍ତି । କୁହାଯାଏ ଯେ ଏଠାରେ ପ୍ରାୟ ୯୯ ଲକ୍ଷ ୯୯ ହଜାର ୯୯୯ ମୂର୍ତ୍ତି ରହିଛି । ଏହି ସବୁ ମୂର୍ତ୍ତି ମାନଙ୍କୁ କିଏ ଏବଂ କେବେ ତିଆରି କରିଥିଲେ ତାହା କାହାରିକୁ ମଧ୍ୟ ଜଣାନାହିଁ । କିନ୍ତୁ ସେଠାକାର ଲୋକଙ୍କ ବିଶ୍ୱାସ ଏବଂ କହିବା ଅନୁଯାୟୀ, ଅଷ୍ଟମ କିମ୍ବା ନବମ ଶତାବ୍ଦିରେ ଏହାକୁ ନିର୍ମାଣ କରାଯାଇଥିଲା । ତେବେ ଉଭୟ ପ୍ରତ୍ନତତ୍ୱ ସର୍ବେକ୍ଷଣ ଏବଂ ସରକାର ଏହାକୁ ବିଶ୍ୱ ଐତିହ୍ୟ ସ୍ଥଳୀ ଘୋଷଣା କରିବାକୁ ଉଦ୍ୟମ କରୁଛନ୍ତି । ସେହିପରି ଇତିହାସକାର କୁହନ୍ତି କି ଏହି ପଥର ମୂର୍ତ୍ତିମାନ ବହୁତ ଦୁର୍ଲଭ ଅଟନ୍ତି । ଏହି ସବୁ ମୂର୍ତ୍ତି କମ୍ବୋଡ଼ିଆର ଅଙ୍ଗୋରବାଟରେ ଦେଖାଯାଇଥିବା ମୂର୍ତ୍ତି ଭଳି । ଯାହା ଉପରେ ଇତିହାସକାରମାନେ ବହୁ ବର୍ଷରୁ ଅଧ୍ୟୟନ କରି ଆସୁଛନ୍ତି । ତେବେ ବଙ୍ଗାଳିରେ ଏହି ସବୁ ମୂର୍ତ୍ତିକୁ ଉନାକୋଟି କୁହାଯାଏ । ଯାହାର ଅର୍ଥ ହେଉଛି ଗୋଟେ କୋଟିରୁ ଗୋଟିଏ କମ୍ । ସେଥିପାଇଁ ଏଠାରେ ୯୯ ଲକ୍ଷ ୯୯ ହଜାର ୯୯୯ ମୂର୍ତ୍ତି ରହିଛି । ତେବେ ଏହି ରଘୁନନ୍ଦନ ପାହାଡରେ ଥିବା ଅନେକ ମୂର୍ତ୍ତି ଖରାପ ପାଣିପାଗ କାରଣରୁ ନଷ୍ଟ ହୋଇଗଲାଣି । ଏହି ପାହାଡରେ ଥିବା ମୂର୍ତ୍ତିମାନଙ୍କ ଉପରେ ଝରଣା ବହୁଥିବାର ମଧ୍ୟ ଦେଖାଯାଏ । ଯାହାକି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବା ସହ ଏହାର ମନୋରମ ଦୃଶ୍ୟ ଅନେକ ପର୍ଯ୍ୟଟକଙ୍କୁ ଏଠାକୁ ଟାଣିଆଣେ । ତ୍ରିପୁରା ସରକାର ମୂର୍ତ୍ତିମାନଙ୍କ ଆଖପାଖରେ ପର୍ଯ୍ୟଟନ ସ୍ଥଳୀ ଘୋଷଣା କରିଛି । ତେବେ ଅନେକ ବିଶେଷଜ୍ଞ ମାନେ କହୁଛନ୍ତି ଏହି ପାହାଡ଼ ଭିତରେ ଲୁଚି ରହିଛି ଅନେକ ଗୁପ୍ତ ଧନ । ଗୁପ୍ତ ଧନକୁ ଲୁଚାଇ ଏଠାରେ ଏମିତି ସବୁ ମୂର୍ତ୍ତି କରାଯାଇଛି ବୋଲି ବିଶ୍ୱାସ କରାଯାଉଛି । ତେବେ ଏହିସବୁ ମୂର୍ତ୍ତିମାନଙ୍କ ଉଚ୍ଚତା ୩୦ ଫୁଟ ଏବଂ ୧୦ ଫୁଟ ହେବ । ମୂର୍ତ୍ତିମାନଙ୍କ ମଧ୍ୟରେ ଭଗବାନ ଶିବଙ୍କର ମଧ୍ୟ ମୂର୍ତ୍ତି ରହିଛି । ଗଣେଷ ଏବଂ ଭୃଷବ ମଧ୍ୟ ରହିଛନ୍ତି । ତେବେ ଏହି ପାହାଡ଼କୁ ଦେଖିଲେ ଫିଲ୍ମ ଦେଖିଲା ଭଳି ଲାଗିବ । ଲାଗିବ ଯେମିତି ଫିଲ୍ମ ପାଇଁ ଏହି ସବୁ ସେଟ୍ ଗୁଡ଼ିକୁ ତିଆରି କରାଯାଇଛି ।

## ଶୀତଦିନେ ତମ୍ବା ବାସନ ବ୍ୟବହାର କରିବା ଉଚିତ କି ? ଜାଣନ୍ତୁ କେଉଁ ରୋଗରୁ ମିଳିବ ମୁକ୍ତି



ତମ୍ବା ବାସନ ବ୍ୟବହାର ପ୍ରାୟତଃ ସ୍ୱାସ୍ଥ୍ୟ ସହିତ ଜଡିତ ଥାଏ । ଆପଣ ନିଶ୍ଚିତ ଭାବରେ ଆପଣଙ୍କ ଘରର ବଡ଼ ଲୋକମାନଙ୍କ ଠାରୁ ଶୁଣିଥିବେ ଯେ ତମ୍ବା ପାତ୍ରରେ ପାଣି ପିଇବାର ଅନେକ ଲାଭ ରହିଛି । ବର୍ତ୍ତମାନ ପ୍ରଶ୍ନ ହେଉଛି ଶୀତ ଋତୁରେ ତମ୍ବା ବାସନ ବ୍ୟବହାର କରାଯିବା ଉଚିତ କି ? ଏହାର ଉତ୍ତର ଆୟୁର୍ବେଦରେ ସ୍ପଷ୍ଟ ଭାବରେ ବର୍ଣ୍ଣନା କରାଯାଇଛି । ବାସ୍ତବରେ ଆୟୁର୍ବେଦ ଅନୁଯାୟୀ, ଶୀତଦିନେ ତମ୍ବା ବାସନ ବ୍ୟବହାର କରିବା ଦ୍ୱାରା ଶରୀରରେ ଥଣ୍ଡାରୁ ହେଉଥିବା ଅନେକ ରୋଗ ଭଲ ହୋଇଥାଏ । ଜଳର ପ୍ରଭାବ ଗରମ ରହିଥାଏ । ସଂକ୍ରମଣକୁ ଦୂର କରିବାରେ ମଧ୍ୟ ଏହା ସହାୟକ ହୋଇଥାଏ । ସେଥିପାଇଁ ଶୀତ ଦିନେ ତମ୍ବା ବାସନ ବ୍ୟବହାର କରାଯିବା ଉଚିତ । ଆସନ୍ତୁ ଜାଣିବା ଏହାର ସ୍ୱାସ୍ଥ୍ୟ ଉପରେ ଉପକାର କ'ଣ ରହିଛି ।

ଶୀତଦିନେ ସମସ୍ତଙ୍କୁ ଗୋଟିଏ ସମସ୍ୟାକୁ ସାମ୍ନା କରିବାକୁ ପଡ଼ିଥାଏ ତାହା ହେଉଛି ହାଡ ଏବଂ ଗଣ୍ଠି ଯନ୍ତ୍ରଣା । ଏପରି ପରିସ୍ଥିତିରେ, ତମ୍ବା ପାତ୍ରରେ ପାଣି ପିଇ ଏହି ଯନ୍ତ୍ରଣା ଦୂର ହୋଇପାରିବ । ତମ୍ବାରେ ଆଣ୍ଟି-ଇନ୍ଫ୍ଲାମେଟୋରୀ ଗୁଣ ରହିଥିବାରୁ ଏହା ଯନ୍ତ୍ରଣାରୁ ମୁକ୍ତି ପାଇଁ ସାହାଯ୍ୟ କରିଥାଏ । ଶୀତଦିନେ ଆର୍ଥ୍ରାଇଟିସ୍ ଯନ୍ତ୍ରଣା ମଧ୍ୟ ବହୁତ କଷ୍ଟ ଦେଇଥାଏ । ଏହି ପରିସ୍ଥିତିରେ, ଆର୍ଥ୍ରାଇଟିସ୍ ରୋଗୀ ସକାଳେ ଏକ ତମ୍ବା ପାତ୍ରରେ ପାଣି ପିଇବା ଉଚିତ୍ । ଏହା ଗଣ୍ଠି ଯନ୍ତ୍ରଣାରେ ଆରାମ ଦେଇଥାଏ । ତମ୍ବା ପାତ୍ରରେ ପାଣି ପିଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ହୁଏ ଏବଂ ଶରୀରର ଅନେକ ରୋଗ ବିରୁଦ୍ଧରେ ଲଢିବାର କ୍ଷମତା ବଢିଥାଏ ।

## ମୋଟାପଣର କାରଣ

କାନାଡ଼ାର ଗବେଷକ ଦଳ ନିକଟରେ ସଂଖ୍ୟାଧିକ ଲୋକଙ୍କୁ ନେଇ ଏକ ପରୀକ୍ଷା କରିଥିଲେ । ନାନାପ୍ରକାର ପରୀକ୍ଷାନିରୀକ୍ଷା ସହ ସନ୍ତୁଳିତ ଭୋଜନରେ କେତେଜଣଙ୍କ ଓଜନ ନିୟନ୍ତ୍ରଣ ହୋଇଥିଲା । ହେଲେ ଅନ୍ୟ କେତେଜଣଙ୍କ ଓଜନ କମିବା ବଦଳରେ ଦିନକୁ ଦିନ ବଢ଼ିବାକୁ ଲାଗିଲା । ଗବେଷକମାନେ ଏହାର କାରଣ ଖୋଜିବାକୁ ତତ୍‌କ୍ଷଣାତ୍ ଲାଗିପଡ଼ିଲେ ।



ଆମେରିକାରେ ଉପଲବ୍ଧ ହେଉଥିବା ଏକ ନାମକରା କମ୍ପାନୀକୁ ହ୍ୟାଣ୍ଡ ୱାଶ କାରଣରୁ ଲୋକେ ମୋଟା ହେଉଥିବାର ତଥ୍ୟ ଜଣାପଡ଼ିଲା । ହ୍ୟାଣ୍ଡ ୱାଶରେ ଟ୍ରିକଲୋସାନ୍ ନାମକ ଆଣ୍ଟି-ବ୍ୟାକ୍ଟେରିଆ ତତ୍ତ୍ୱ ହର୍ମୋନ୍ ସିଷ୍ଟମକୁ ପ୍ରଭାବିତ କରୁଥିବାରୁ ଲୋକେ ମୋଟା ହେଉଥିବାର ଗବେଷରୁ ପ୍ରକାଶ । ଆମେରିକାର କେତୋଟି ଅଂଚଳରେ ଏହି ଏହି ହ୍ୟାଣ୍ଡ ୱାଶ୍ ବିକ୍ରି ନେଇ କଟକଣା ଲାଗୁ କରାଯାଇଛି ।

ସୋସିଆଲ ସାଇଟରେ ଅନ୍-ଲାଇନ୍ ରହୁଥିବାବେଳେ ଯୁବପିଢ଼ି ଆବଶ୍ୟକତାଠାରୁ ଅଧିକ ଖାଉଥିବାର ପ୍ରକାଶ ।

ନିଜ ପ୍ରିୟ ବ୍ୟଂଜନକୁ ଟେଲିଭିଜନ କିମ୍ବା ରେଷ୍ଟୋରାଁରେ ଦେଖିବା ମାତ୍ରେ ଏଡ୍ରେନାଲିନ୍ ଓ ଏଡ୍ରେନାଲାଇନ୍ ନାମକ ହରମୋନ୍ ବାହାରୁଥିବାରୁ ମଧ୍ୟ ମୋଟାପଣ ବଢ଼ିଥାଏ ।



ଲୁଣ ଅଧିକ ପରିମାଣରେ ଖାଉଥିବା ଲୋକଙ୍କ ପେଟ ଫୁଲିବା ସହ ଓଜନ ବଢ଼େ । ପ୍ଲାଷ୍ଟିକ ବୋତଲରେ ପାଣିପିଇବା ମଧ୍ୟ କ୍ଷତିକାରକ । ଏଥିରେ ଥିବା ଏକ ପ୍ରକାର ରାସାୟନିକ ଦ୍ରବ୍ୟ ମୋଟା କରାଉଥିବାର ଗବେଷକଙ୍କ ମତ ।

## ଗୋଟିଏ ବି ଗାଡ଼ି ଚାଲେ ନାହିଁ ଏହି ଗାଁରେ

ନେଦରଲ୍ୟାଣ୍ଡସ୍‌ର ଗୋଟିଏ ଛୋଟ ଗାଁ ଗିୟେଥୁର୍ନ । ଆୟତନରେ ଛୋଟ ହୋଇପାରେ । ଅଥଚ ଏହା ଦେଖିବାକୁ ଏତେ ସୁନ୍ଦର ଓ ସବୁଜିମାରା ଯେ ଥରେ ଏଠାକୁ ଗଲେ ଫେରି ଆସିବାକୁ ମନ ହେବ ନାହିଁ । ପର୍ଯ୍ୟଟକମାନଙ୍କ ପାଇଁ ଲୋକପ୍ରିୟ ଏହି ଗାଁ । କିନ୍ତୁ ଏଠାକୁ ଅତି ସୀମିତ ସଂଖ୍ୟକ ପର୍ଯ୍ୟଟକ ଆସିଥାଆନ୍ତି । ଯଦିଓ କୋଭିଡ-୧୯ ମହାମାରୀ ପରଠାରୁ ଏହି ଗାଁରେର ପର୍ଯ୍ୟଟକଙ୍କ ପାଦ ପଡ଼ିନାହିଁ । ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ନୁହେଁ, ଆଉ ଗୋଟିଏ ବିଶେଷ କାରଣ ପାଇଁ ଏହି ଗାଁର ଏତେ ପରିଚୟ । ଏହି ଗାଁ ମଧ୍ୟରେ





ଯାତାୟତ କରିବା ପାଇଁ ଗୋଟିଏ ବିଶେଷ କାରଣ ପାଇଁ ଏହି ଗାଁର ଏତେ ପରିଚୟ । ଏହି ଗାଁ ମଧ୍ୟରେ ଯାତାୟତ କରିବା ପାଇଁ ଗୋଟିଏ ବୋଲି ସଡ଼କ ପଥ ନାହିଁ । ସଡ଼କ ନଥିବାରୁ ଗାଡ଼ି ମଧ୍ୟ ନାହିଁ । ଆଉ ଗାଡ଼ି ନଥିବାରୁ ଏହି ଗାଁରେ କୌଣସି କୋଳାହଳ ନାହିଁ ।

ସାରାଦିନ ଶାନ୍ତ ଥାଏ ଏଠାକାର ପ୍ରକୃତି । ଯାତାୟତ ପାଇଁ ଯଦି ରାସ୍ତା ନଥାଏ, ତେବେ ଗାଁର ଲୋକମାନେ ଯାତାୟତ କିଭଳି ଭାବେ କରନ୍ତି ? ସବୁକିଛି ଜଳପଥରେ । ଅର୍ଥାତ୍ ଗାଁର ପ୍ରତି ପ୍ରାନ୍ତରେ ଜଳପଥର ବ୍ୟବସ୍ଥା କରାଯାଇଛି । ଏହି ଜଳପଥ ସାହାଯ୍ୟରେ ହିଁ ଏହି ଗାଁର ଲୋକମାନେ ଗୋଟିଏ ପ୍ରାନ୍ତରୁ ଆଉ ଗୋଟିଏ ପ୍ରାନ୍ତରେ ପହଞ୍ଚି ଯାଆନ୍ତି । ଏହା ମଧ୍ୟରେ ଯେଉଁ ନୌକା ବ୍ୟବହାର କରାଯାଏ, ଗ୍ରାମର ଶାନ୍ତ ପରିବେଶ ବଜାୟ ରଖିବାରେ ସେଗୁଡ଼ିକରେ ଶବ୍ଦହୀନ ଇଞ୍ଜିନ ଖଞ୍ଜାଯାଇଥାଏ । ଏହି ବିଶେଷତ୍ୱ ହିଁ ଗ୍ରାମଟିକୁ ଅନନ୍ୟ କରିଛି । ଏହି ଗ୍ରାମରେ ସବୁଠାରୁ ଜୋରରେ ଯଦି କିଛି ଶୁଣାଯାଏ ତେବେ ତାହା ହୁଏତ କୌଣସି ପକ୍ଷୀର କାକଳି ହୋଇଥିବ । କାହିଁକି ଏହି ଗ୍ରାମରେ କୌଣସି ରାସ୍ତା ନାହିଁ ? ଏହି ଗ୍ରାମକୁ ନେଦରଲ୍ୟାଣ୍ଡସ୍‌ର ଭେନିସ ବୋଲି ମଧ୍ୟ କୁହାଯାଏ । ତେବେ ଭେନିସ ଭଳି ପ୍ରାକୃତିକ ଭାବେ ଏହି ଗାଁ ଗଢ଼ି ଉଠିନଥିଲା । ଏହି ଗାଁରେ ଯେତେବେଳେ ପ୍ରଥମେ ଲୋକମାନେ ବସବାସ କରିବା ଆରମ୍ଭ କରିଥିଲେ ସେହି ସମୟରେ ଗାଁ ମଧ୍ୟରେର ଅନେକ ସ୍ଥାନରେର ମାଟି ତଳେ ଫମ୍ପା ଅଂଶ ଥିଲା । ଗାଁରେ ବସବାସ ଆରମ୍ଭ କଲାବେଳେ ଲୋକମାନେ ସେହି ସବୁ ସ୍ଥାନକୁ ଖୋଳିବା ଆରମ୍ଭ କରିଥିଲେ । ବର୍ଷ ବର୍ଷ ଧରି ସେହି ଫମ୍ପା ସ୍ଥାନଗୁଡ଼ିକ ଖୋଳିଲା ପରେ ଗାଁ ମଧ୍ୟରେର ସ୍ଥାନରେ ଛୋଟ ଛୋଟ ହ୍ରଦ ସୃଷ୍ଟି ହୋଇଗଲା । ଧୀରେ ଧୀରେ ସେହି ହ୍ରଦଗୁଡ଼ିକୁ ଯୋଡ଼ି କେନାଲ୍ ଭଳି ତିଆରି କରାଗଲା । ଗାଁ ଭିତରେ ଭିନ୍ନ ଭିନ୍ନ ଦିଗରେ ଏହି କେନାଲ ଗୁଡ଼ିକ ଯାଇଥିବାରୁ ଆଉ ପାଦ ଚଲା ରାସ୍ତା ରହିଲା ନାହିଁ । ଏମିତିକି ଲୋକମାନେ ସାମ୍ନା ଘରେ ରହୁଥିବା ପଡ଼ୋଶୀଙ୍କ ଘରରକୁ ଯିବାକୁ ଚାହିଁଲେ କାଠ ଓ ଲୁହାରେ ତିଆରି ଛୋଟ କଲଭର୍ଟ ଉପରେ ଯାତାୟତ କରିଥାଆନ୍ତି । ଗାଁଟି ଏକ ଛୋଟ ଦ୍ୱୀପ ଭଳି ମନେହୁଏ । ପୂରା ଗାଁରେର ଛୋଟ ଛୋଟ ୧୫୦ଟି ସେତୁ ତିଆରି ହୋଇଛି । ତେବେ ଏହି ଗାଁ ବିଷୟରେ ୧୯୮୫ ମସିହାରେର ପ୍ରଥମ ଥର ପାଇଁ ବାହାର ଦୁନିଆର ଲୋକମାନେ ଜାଣିବାକୁ ପାଇଲେ । ଡଚ୍ ଫିଲ୍ମ ନିର୍ମାତା ବାର୍ଟ ହାନଷ୍ଟ୍ରା ତାଙ୍କ କମେଡି ଫିଲ୍ମ 'ଫ୍ୟାନଫେୟାର'ର ସୁଟିଂ ଏହି ଗ୍ରାମରେ କରିଥିଲେ । ଏହି ଗାଁର ଲୋକସଂଖ୍ୟା ଅଢ଼େି ହଜାର ପାଖାପାଖି ହେବ । ଅତି ଆବଶ୍ୟକ ନ ହେଲେ ଏହି ଗାଁର ଲୋକମାନେ ସହରକୁ ଯାଆନ୍ତି ନାହିଁ । ବରଂ ସରକାରଙ୍କ ତରଫରୁ ଏହି ଗାଁର ଲୋକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇ ଦିଆଯାଏ । ଗାଁର ଲୋକମାନେ ଅତ୍ୟନ୍ତ ସରଳ ଓ ନିରାଡମ୍ବର ଜୀବନ ଅତିବାହିତ କରିଥାଆନ୍ତି । ଏହି ଲୋକମାନଙ୍କ ଅନୁସାରେ ସେମାନଙ୍କ ଚାହିଦା ଆଦି ସ୍ୱଳ୍ପ ହୋଇଥିବାରୁ ସେମାନେ କେବେ ବି ମନଦୁଃଖରେ ରହନ୍ତି ନାହିଁ । ସ୍ୱଳ୍ପରେ ସନ୍ତୁଷ୍ଟ ରହୁଥିବାରୁ ଏହି ଗାଁର ଲୋକମାନେ ସବୁବେଳେ ହସଖୁସିରେ ଜୀବନ ବିତାଇ ଥାଆନ୍ତି । ପର୍ଯ୍ୟଟକମାନଙ୍କ ସହିତ ଏହି



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଆର୍ଥିକ ସଂଯମତା ଓ ଟିକସ ବ୍ୟବସ୍ଥା..

ନିଜ କରଜ ବା କ୍ଷୟ ହୋଇ ଯାଇଥିବା ପାଣ୍ଠିର ପାରିବାରିକ ଜୀବନରେ ଅତ୍ୟଧିକ ଆର୍ଥିକ ସଂଯମତା ଅବଲମ୍ବନର ଚାପ ପରିବାରର ସବୁ ସଦସ୍ୟଙ୍କ ଉପରେ ତ ଉଣା ଅଧିକେ ପଡ଼ିଥାଏ, କିନ୍ତୁ ସର୍ବାଧିକ ପଡ଼ିଥାଏ ଗୃହକର୍ତ୍ତ୍ରୀଙ୍କ ଉପରେ । ଏକ ରାଷ୍ଟ୍ର କ୍ଷେତ୍ରରେ ମଧ ସମାନ କଥା ଦେଖିବାକୁ ମିଳିଥାଏ । କରଜଦାତାଙ୍କ ଆଗରେ ନିଜର ବିଶ୍ୱସନୀୟତା ବା ଏକ ଦେଶର ଋଣ ପାଇବାର ଯୋଗ୍ୟତାକୁ ପ୍ରଦର୍ଶନ କରିବା ନିମନ୍ତେ ଏହାର ଆବଶ୍ୟକତା ରହିଛି । ୨୦୦୭ରୁ ୨୦୦୯ର ଆର୍ଥିକ ମାନ୍ଦାବସ୍ଥା ସମୟରେ ଗ୍ରୀସ୍, ପର୍ତ୍ତୁଗାଲ, ସ୍ପେନ୍, ଆର୍ୟାଲ୍ୟାଣ୍ଡ, ଇଟାଲୀ ଏବଂ ଯୁକ୍ତରାଜ୍ୟ (ୟୁକେ)- ସମସ୍ତେ ଏହି ବିକଳ୍ପକୁ ବାଛିଥିଲେ । ଏହି ରାଷ୍ଟ୍ରଗୁଡ଼ିକ ସରକାରୀ ମଜୁରି ବିଲ୍ ଏବଂ ସାମାଜିକ ସୁରକ୍ଷା ବଜେଟ୍‌ରେ କାଣ୍ଟଛାଣ୍ଟ କରିଥିଲେ, କାରଣ ଏକ ମିତବ୍ୟୟୀ ସରକାର ପାଇଁ ଏହା ହିଁ ମୌଳିକ ଆବଶ୍ୟକତା ହୋଇଥାଏ । ଏହାର ପରିଣତିରେ ଲୋକମାନଙ୍କୁ କଷ୍ଟ ଭୋଗିବାକୁ ପଡ଼ିଥାଏ ବା ଗୋଟିଏ ବାକ୍ୟରେ କହିଲେ, ମିତବ୍ୟୟିତାର ପୀଡ଼ାକୁ ସହ୍ୟ କରିବାକୁ ହୋଇଥାଏ । ଏହି ପୀଡ଼ା ଦ୍ୱାରା ସୃଷ୍ଟି ହୋଇଥବା ଅନ୍ତର ପ୍ରତି ପରିବାର ଉପରକୁ ଯିବା ବେଳେ ଏହା ମହିଳାମାନଙ୍କୁ ଅଧିକ ପରିମାଣରେ ପ୍ରତିକୂଳ ଭାବରେ ପ୍ରଭାବିତ କରିଥାଏ । ନିକଟରେ ଅକ୍ସଫାମ୍ ଦ୍ୱାରା ପ୍ରକାଶିତ ଏକ ନୂଆ ରିପୋର୍ଟ, ସମୟରେ ମଧ ପ୍ରାସଙ୍ଗିକତା ରହିଛି, ତାହା ଦର୍ଶାଇଛି । ପୂର୍ବ ଦୁଇ ବର୍ଷରେ କୋଭିଡ୍-୧୯ ମହାମାରୀର ବୈଶ୍ୱିକ ବ୍ୟାପକତା ଫଳରେ ସମଗ୍ର ବିଶ୍ୱର ଦ୍ୱିଶତାତ୍ତ୍ୱିକ ରାଷ୍ଟ୍ରରେ ସୃଷ୍ଟି ହୋଇଥିବା ବିଭୀଷିକା ଏବଂ ଏହା ଉପରାନ୍ତ ଆର୍ଥିକ ସଂକଟ ଦେଇ ବର୍ତ୍ତମାନ ପ୍ରଭାବିତ ରାଷ୍ଟ୍ରଗୁଡ଼ିକ ଗତି କରୁଥିବା ବେଳେ ଯୁଦ୍ଧ ଏବଂ ଜଳବାୟୁ ସଂକଟ ଯୋଗୁଁ ପ୍ରତି ପାଞ୍ଚ ଗୋଟି ସରକାରଙ୍କ ମଧ୍ୟରୁ ଚାରିଗୋଟି ରାଷ୍ଟ୍ର ସମ୍ପଦ ଏବଂ ତତ୍କାଳ ଲାଭ ଅର୍ଜନ କରୁଥିବା ଉଦ୍ୟୋଗମାନଙ୍କର ଟିକସଗୁଡ଼ିକୁ ସୂକ୍ଷ୍ମ ଭାବରେ କର୍ତ୍ତନ କରିବା ଅପେକ୍ଷା ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସାମାଜିକ ସୁରକ୍ଷା ଭଳି ଜନସେବାଗୁଡ଼ିକରେ କାଣ୍ଟଛାଣ୍ଟ କରୁଛନ୍ତି । ଏହାଦ୍ୱାରା ମହିଳାମାନଙ୍କ ଉପରେ ମିତବ୍ୟୟିତା ଅନ୍ୱେଷଣର ଯେଉଁ ପ୍ରଭାବ ପଡୁଛି, ତାହା ଯେ ଦୁଃଖଦ ହେଉଛି, କହିବା ବାହୁଲ୍ୟ ମାତ୍ର । ଉଦାହରଣ ସ୍ୱରୂପ, ତଥ୍ୟ ଅନୁସାରେ, ୨୦୨୦ରେ ୧.୭ ମିଲିଅନ୍ ମହିଳା ଦାରିଦ୍ର୍ୟ ସୀମାରେଖା ତଳକୁ ଠେଲି ହୋଇଯିବା ସହିତ ସେମାନଙ୍କ ଉପରେ ଅଧିକ ପରିମାଣରେ ପରିବାରର ଯତ୍ନ ନେବା କାର୍ଯ୍ୟ ଲଦି ହୋଇ ଯାଇଥିଲା, ଯେତେବେଳେ କି ସେମାନଙ୍କୁ ଅତିରିକ୍ତ ୫୧୨ ବିଲିଅନ୍ ବିନା ପାରିଶ୍ରମିକ ଦିବସର କାମ କରିବାକୁ ପଡ଼ିଥିଲା । ୨୦୨୦ଠାରୁ ସମଗ୍ର ବିଶ୍ୱରେ ୧୦ ମିଲିଅନ୍‌ରୁ ଅଧିକ ସଂଖ୍ୟକ ମହିଳା କର୍ମ ଶକ୍ତିରୁ ବାଦ୍ ପଡ଼ିଛନ୍ତି ଏବଂ ସେମାନେ ୮୦୦ ବିଲିଅନ୍ ଡଲାରର ଆୟ ହରାଇଛନ୍ତି । ଭାରତରେ କେବଳ ୭ ପ୍ରତିଶତ ପୁରୁଷ ସେମାନଙ୍କ ଚାକିରି ହରାଇ ଥିବା ବେଳେ ୪୭ ପ୍ରତିଶତ ମହିଳା ସେମାନଙ୍କର ଚାକିରି ହରାଇଛନ୍ତି । ଏହାର ପରିଣତି ହୋଇଛି ଚିନ୍ତା ଉଦ୍ରେକକାରୀ, ଅର୍ଥାତ୍ ଏଭଳି ପରିସ୍ଥିତିର 'ଅଦୃଶ୍ୟ' ମୂଲ୍ୟ ସ୍ୱରୂପ ଅନ୍ତରଙ୍ଗ ସାଥୀ ହିଂସାରେ ଅଭୂତପୂର୍ବ ବୃଦ୍ଧି ଘଟିଥିବା ପରିଲକ୍ଷିତ ହୋଇଛି ପ୍ରତି ୧୦ ଜଣ ମହିଳାଙ୍କ ମଧ୍ୟରୁ ଜଣେ ସେମାନଙ୍କ ନିଜ ପରିବାରରେ ଉତ୍ପୀଡ଼ନର ଶିକାର ହୋଇଛନ୍ତି । ସର୍ବୋପରି, ଲକ୍‌ଡାଉନ୍ ସମୟରେ ବଜେଟ୍‌ରେ କାଟ କରାଯିବା ବିଶ୍ୱର ୮୫ ପ୍ରତିଶତ ଦେଶଙ୍କୁ ଲିଙ୍ଗ-ଆଧାରିତ ହିଂସାରୁ ବର୍ତ୍ତି ଯାଇଥିବା ଲୋକମାନଙ୍କୁ ଜରୁରୀକାଳୀନ ସେବାଗୁଡ଼ିକ ପ୍ରଦାନରେ ହ୍ରାସ କରିବାକୁ ବାଧ କରିଛି । ସାଧାରଣ ଜୀବନର ସୁବିଧା ସୁଯୋଗଗୁଡ଼ିକ ହାସଲ କ୍ଷେତ୍ରରେ ମଧ ବ୍ୟାଘାତ ସୃଷ୍ଟି ହୋଇଛି । ଏମିତିକି ମହିଳା ଏବଂ ବାଳିକାମାନେ ଅସ୍ୱାଭାବିକ ଭାବରେ ଦ୍ରୁତ ଗତିରେ ଦରବୃଦ୍ଧି ଯୋଗୁଁ ସୁଲଭ ମୂଲ୍ୟରେ ଖାଦ୍ୟ ସହିତ ସ୍ୱଚ୍ଛ ପାଣି ପାଇବା କ୍ଷେତ୍ରରେ ମଧ ଅଧିକ କଷ୍ଟ ଯନ୍ତ୍ରଣା ଭୋଗ କରିଛନ୍ତି । ଅକ୍ସଫାମ୍ ମତରେ, ୨୦୨୩ରେ ସରକାରମାନେ ଖର୍ଚ୍ଚ କାଟ ଜରିଆରେ ଯେତିକି ସଞ୍ଚୟ କରିବାର ଯୋଜନା କରୁଛନ୍ତି, ଧନୀକ ବର୍ଗର ଲୋକମାନଙ୍କ ଉପରେ ଏକ ପ୍ରଗତିଶୀଳ ସମ୍ପଦ ଟିକସ ଧାର୍ଯ୍ୟ କରାଯିବ, ତାହେଲେ ତା'ଠାରୁ ପ୍ରାୟ ୧ ଟ୍ରିଲିଅନ୍ ଡଲାର ଅଧିକ ଅର୍ଥ ସୃଷ୍ଟି କରିପାରିବ ।

## ସମ୍ରାଟ ଅଶୋକ: 'ଚଣ୍ଡାଶୋକ'ରୁ 'ଧର୍ମାଶୋକ'

ଶ୍ରୀବତ୍ସ ନାୟକ

ମୌର୍ଯ୍ୟ ସାମ୍ରାଜ୍ୟର ଦ୍ୱିତୀୟ ସମ୍ରାଟ ବିନ୍ଦୁସାର ଓ ରାଣୀ ସୁଭଦ୍ରାଙ୍ଗୀଙ୍କ କୋଳ ମଣ୍ଡନ କରିଥିଲେ ଅଶୋକ । ଅଶୋକଙ୍କ ଜନ୍ମ ପରେ ରାଣୀ ସୁଭଦ୍ରାଙ୍ଗୀଙ୍କର ସମସ୍ତ ଶୋକ ଲାଘବ ହେବାରୁ ସେ ପୁଅଟିର ନାମ ଅଶୋକ(ନ- ଶୋକ) ରଖିଥିଲେ । 'ଅଶୋକ କାହାର ଶୋକର କାରଣ ନହେଉ ଅନ୍ୟମାନଙ୍କୁ ଶୋକରୁ ଉଦ୍ଧାର କରି ଶାନ୍ତିର ବାର୍ତ୍ତାବହ ହେଉ' ବୋଲି ଚିନ୍ତା କରୁଥିଲେ ସୁଭଦ୍ରାଙ୍ଗୀ । କାଳର କରାଳ ଗତିରେ ଧୀରେ ଧୀରେ ଅଶୋକ ବଡ଼ ହେବାକୁ ଲାଗିଲେ । ପିତା ବିନ୍ଦୁସାର ଅଶୋକଙ୍କୁ ସମ୍ମାନ ସ୍ୱରୂପ ଏକ ତରବାରୀଟିଏ ଉପହାର ଦେଲେ । ଏହି ଖବରଟି ଅଶୋକ ତୁରନ୍ତ ତାଙ୍କ ମାଙ୍କୁ ଜଣାଇଲେ କି ମା, ଏକ ଯୋଦ୍ଧାର ସବୁଠାରୁ ବଡ ପୁରସ୍କାର ହେଲା ତାର ତରବାରୀ ଯେଉଁଟା ମୁଁ ଆଜି ପିତାଙ୍କ ଠାରୁ ଗ୍ରହଣ କଲି । ପିଲାଟିର ଏହି ଭଳି କଥା ଶୁଣି ମା ସୁଭଦ୍ରାଙ୍ଗୀ ତାଙ୍କୁ ବୁଝାଇ କହିଲେ କି ତରବାରୀକୁ ଉପଯୁକ୍ତ ଭାବେ ନିୟନ୍ତ୍ରଣ କଲେ ସମ୍ମାନ ବଢିବ । ଯଦି ସେ ତରବାରୀ ତୁମକୁ ନିୟନ୍ତ୍ରଣ କରେ ତେବେ ଏହା ତୁମ ପତନର କାରଣ ହେବ କାରଣ କୌଣସି ବି ଅସ୍ତ୍ର କୌଣସି ବ୍ୟକ୍ତି ମନରେ ଯଦି ନିରଙ୍କୁଶତାର ଭାବ ଉତ୍ପନ୍ନ କରେ ତେବେ ତା ମନରେ ଅହଙ୍କାର ଜାଗ୍ରତ ହୁଏ, ନୈତିକତା ଦୂରେଇଯାଏ, ସଂସ୍କାର, ସମବେଦନା, ଅନୁକମ୍ପା, କ୍ଷମା ପ୍ରବଣତା ସବୁ ବିସ୍ମୃତି ହେବାକୁ ଲାଗେ । ଦଣ୍ଡର ସ୍ୱରୂପ ହିଂସା ନୁହେଁ । ଦଣ୍ଡ ହେଉଛି ସେଇଆ ଯାହା ଅପରାଧୀ ମନରେ ଅପରାଧରର ବୋଧ ଉତ୍ପନ୍ନ କରିଥାଏ । ତାକୁ ତା କର୍ମର ଆଭାସ କରାଇଥାଏ । ଅପରାଧ ବୋଧ ହିଁ ଅପରାଧୀକୁ ପ୍ରାୟଶ୍ଚିତ ଆଡ଼କୁ ନେଇଥାଏ । ହିଂସା ଓ କ୍ରୋଧ ମଣିଷର ଚରମ ଶତ୍ରୁ । ହିଂସା କିମ୍ବା ଯୁଦ୍ଧ ଦ୍ୱାରା କାହାକୁ ଜୟ କରାଯାଇ ନପାରେ । ଏହିଭଳି କଥା ଶୁଣି ଅଶୋକଙ୍କ ମନରେ ଦୟା ଓ କ୍ଷମା ଜାଗ୍ରତ ହେଲା ।

ପିତା ବିନ୍ଦୁସାରଙ୍କ ମୃତ୍ୟୁ ପରେ ଖ୍ରୀଷ୍ଟପୂର୍ବ ୨୭୩ରେ ମଗଧର ଶାସନ ଭାର ଗ୍ରହଣ କରି ଭାରତ ଇତିହାସ ରେ ଏକ ଗୌରବମୟ ନୂତନ ଯୁଗର ଅୟମାରମ୍ଭ କଲେ । ନିଜର ପିତା ଓ ଭାତୃମାନଙ୍କୁ ହରେଇବା ସହ ଆଭ୍ୟନ୍ତରୀଣ ବିବାଦ ସହ ଦୁଃଖରେ ମ୍ରିୟମାଣ ହୋଇ ଥିଲେ ଫଳରେ ଶାସନଭାର ଖ୍ରୀଷ୍ଟପୂର୍ବ ୨୭୩ ରେ ଗ୍ରହଣ କରିଥିଲେ ମଧ ଖ୍ରୀଷ୍ଟପୂର୍ବ ୨୬୯ରେ ତାଙ୍କର ରାଜାଭିଷେକ ହୋଇଥିଲା । ରାଜମୁକୁଟ ପରିଧାନ କରି ତରବାରୀ ଧରି ସିଂହାସନ ଆରୋହଣ କରି ଅଶୋକ ହୋଇଗଲେ ମୌର୍ଯ୍ୟ ସାମ୍ରାଜ୍ୟ ର ତୃତୀୟ ସମ୍ରାଟ 'ସମ୍ରାଟ ଅଶୋକ' ଏବଂ 'ଦେବାନମ୍ ପ୍ରିୟ' ଉପାଧିରେ ଭୂଷିତ ହେଲେ । ପ୍ରଜାମାନଙ୍କର ସର୍ବବିଧ ଉନ୍ନତି ତଥା ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ତାଙ୍କ ମନରେ ଥିଲା ଅନେକ ଉତ୍ସୁକତା । ସେ ପ୍ରଜାମାନଙ୍କୁ ନିଜର ପୁତ୍ର ଭଳି ସ୍ନେହ କରୁଥିଲେ । ଅଶୋକଙ୍କର ସାମ୍ରାଜ୍ୟ କଳିଙ୍ଗ ବ୍ୟତିତ ଉତ୍ତରରେ ହିନ୍ଦୁକୁଶ ପର୍ବତମାଳାଠାରୁ ଦକ୍ଷିଣ ରେ ମହୀଶୂର ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । କହିବାକୁ ଗଲେ କଳିଙ୍ଗକୁ ଛାଡ଼ିଦେଲେ ସାରା ଭାରତ ତାଙ୍କ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିଲା । ସୁ- ସଜ୍ଜିତ ଏବଂ ସୁ- ସଂଗଠିତ ପ୍ରଶାସନିକ କଳ ଦ୍ୱାରା ଏହି ବିଶାଳ ସାମ୍ରାଜ୍ୟରେ ସୁଚାରୁ ରୂପେ ଶାସନ ପରିଚାଳନା କରି ଶାନ୍ତି ଶୃଙ୍ଖଳା ପ୍ରତିଷ୍ଠା କରିବା ସହ ନିଜ ଶାସନ ଦକ୍ଷତାର ପରିଚୟ ଦେଇଥିଲେ । ସେ ମୌର୍ଯ୍ୟବଂଶର ପାରମ୍ପରିକ ଆକ୍ରମଣାତ୍ମକ ସାମ୍ରାଜ୍ୟ ବିସ୍ତାର ନୀତି ଗ୍ରହଣ କରିଥିବା ବେଳେ ବୈଦେଶିକ ରାଜ୍ୟ ଗୁଡ଼ିକ ସହ ପ୍ରଶାନ୍ତୀକରଣ, ତୃଷ୍ଟିକରଣ ଏବଂ ବନ୍ଧୁତ୍ୱ ନୀତି ଗ୍ରହଣ କରିଥିଲେ । ପ୍ରଜାଙ୍କ ପାଇଁ ଉନ୍ନତ ମୂଳକ କାର୍ଯ୍ୟ କରିବା ସହ ପ୍ରଜା ମାନଙ୍କୁ ପୁତ୍ରସମ ସ୍ନେହ କରୁଥିଲେ । ଏକଦା 'ଦେବନାମ ପ୍ରିୟ' ଅଶୋକଙ୍କୁ ତାଙ୍କର ପରାମର୍ଶଦାତା ମାନେ କହିଲେ କି ମହାରାଜ ଅତୀତରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଏବଂ ବିନ୍ଦୁସାର୍ କଳିଙ୍ଗ ବିଜୟ କରିବାର ସ୍ୱପ୍ନ ଦେଖିଥିଲେ ମଧ ସଫଳ ହୋଇନଥିଲେ । ଆମ୍ଭେ ସମସ୍ତେ ପ୍ରଜାଗଣ ଆଶା କରୁଛୁ କି ଆପଣ ଏହି ଅଧୁରା ସ୍ୱପ୍ନକୁ ପୁରା କରିବେ । ଏହା ଦ୍ୱାରା ସମ୍ରାଟ ଅଶୋକଙ୍କ ମନରେ ରାଜ୍ୟ ପ୍ରତି ଆସକ୍ତି ବଢିବା ସହ କ୍ଷମତା ପ୍ରତି ଲୋଭ ଜାଗ୍ରତ ହେଲା । ବିଚଳିତ ହୋଇପଡିଲେ ସମ୍ରାଟ ଅଶୋକ । କଳିଙ୍ଗ ବିଷୟରେ ତଥ୍ୟ ସଂଗ୍ରହ କରିବାକୁ ଲାଗିଲେ ।

ଅତୀତର ମୌର୍ଯ୍ୟ ସମ୍ରାଟ ମାନେ ସମଗ୍ର ଭାରତ ବର୍ଷକୁ ପଦାନତ କରିଥିଲେ ମଧ କେବେ କଳିଙ୍ଗ ସହିତ ଯୁଦ୍ଧରେ ଲିପ୍ତ ହେବାପାଇଁ ସାହସ କରିନଥିଲେ । କଳିଙ୍ଗର ଉଭୟ ରାଜନୈତିକ, ଅର୍ଥନୈତିକ, ସାମରିକ ଶକ୍ତି ଯୋଗୁଁ ମଗଧର ପାରମ୍ପରିକ ଶତ୍ରୁ ଥିଲା କଳିଙ୍ଗ । ମଗଧ ମାନେ ସାମ୍ରାଜ୍ୟ ବିସ୍ତାର ପାଇଁ ଦୃଢ଼ପରିକର ଥିଲାବେଳେ କଳିଙ୍ଗବାସୀ ବାଣିଜ୍ୟ ଏବଂ ସ୍ୱାଧୀନତାର ସୁରକ୍ଷା ପାଇଁ ଉତ୍ସର୍ଗୀକୃତ ଥିଲେ । ଭାରତ ମହାସାଗର ଏବଂ ଭୂମଧ୍ୟସାଗର ଅଞ୍ଚଳରେ ଉଭୟ ଅନ୍ତଃ ଓ ବହିଃବାଣିଜ୍ୟରେ ଅପ୍ରତିଦ୍ୱନ୍ଦୀ ଥିଲେ । କଳିଙ୍ଗର ସାମରିକ ଶକ୍ତି ୬୦,୦୦୦ ପଦାତିକ ବାହିନୀ, ୧୦୦ ଅଶ୍ୱାରୋହୀ, ୩୦୦୦ ରଥାରୋହୀ, ଏବଂ ୭୦୦ ଯୁଦ୍ଧ ହସ୍ତୀକୁ ନେଇ ବହୁତ୍ ଶକ୍ତିଶାଳୀ ଥିଲା । କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରର ମତ ଅନୁସାରେ ବିଶେଷ କରି କଳିଙ୍ଗର ଯୁଦ୍ଧହସ୍ତୀ ହିଁ ମୁଖ୍ୟ ଅସ୍ତ୍ର । ସେନାବାହିନୀର ପୁନର୍ଗଠନ, ପ୍ରଶିକ୍ଷଣ, ଶକ୍ତିବୃଦ୍ଧି, ଆଧୁନିକ ଅସ୍ତ୍ରଶସ୍ତ୍ର ସଂଗ୍ରହ କରିବା ପାଇଁ କଳିଙ୍ଗର ସମେତ ଅର୍ଦ୍ଧାଧିକ ରାଜସ୍ୱ ଖର୍ଚ୍ଚ କରୁଥିଲେ । ଫଳରେ ମୌର୍ଯ୍ୟ ସମ୍ରାଟ ଚନ୍ଦ୍ରଗୁପ୍ତ ଏବଂ ବିନ୍ଦୁସାର ଚାହିଁଲେ ମଧ କଳିଙ୍ଗ ସହ ଯୁଦ୍ଧ କରିବା ପାଇଁ ସାହସ କରିପାରି ନଥିଲେ । କିନ୍ତୁ ମୌର୍ଯ୍ୟ ସାମ୍ରାଜ୍ୟର ଯୁବ ସମ୍ରାଟ ଅଶୋକ ନିଜର ପିତାଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବା ପାଇଁ ଲାଗିପଡିଲେ । ଖ୍ରୀଷ୍ଟପୂର୍ବ ୨୭୩ରୁ ଖ୍ରୀଷ୍ଟପୂର୍ବ ୨୬୧ ଯାଏଁ କଳିଙ୍ଗ ଆକ୍ରମଣର ପ୍ରସ୍ତୁତି ଓ ଯୋଜନାରେ ନିମଗ୍ନ ରହିଲେ ସମ୍ରାଟ ଅଶୋକ । ତାଙ୍କ ମନରେ ପ୍ରତିହିଂସା ଜାଗ୍ରତ ହେଲା । କଳିଙ୍ଗକୁ ଆକ୍ରମଣ କରିବା ହିଁ ତାଙ୍କର ସତେ ଯେମିତି ନିଶା ପାଲଟି ଯାଇଥିଲା । କଳିଙ୍ଗର ବାଣିଜ୍ୟ, ସାମରିକ ଶକ୍ତି ତଥା ସମୃଦ୍ଧିକୁ ସହ୍ୟ ନ କରିପାରି କଳିଙ୍ଗ ରାଜ୍ୟକୁ ନିଜ ଅକ୍ତିଆର ଭିତରକୁ ଆଣିବାପାଇଁ ଅହରହ ସଂଗ୍ରାମ ଚଳେଇଲେ । ସାମ୍ରାଜ୍ୟ ବିସ୍ତାର କରିବା ପାଇଁ କ୍ରୋଧ, କ୍ରୁର ଓ ଆକ୍ରମଣାତ୍ମକ ମନୋଭାବ ଆପଣାଇ ନେଲେ ଅଶୋକ । ରାଜତ୍ୱର ଅଷ୍ଟମ ବର୍ଷରେ ଅର୍ଥାତ ଖ୍ରୀ.ପୂ ୨୬୧ରେ ବିଶାଳ ଯୁଦ୍ଧ ବାହିନୀ ( ୬୦,୦୦୦ ପଦାତିକ ସୈନ୍ୟ, ୯୦୦୦ଯୁଦ୍ଧ ହସ୍ତୀ, ୩୦୦୦ ଅଶ୍ୱରୋହୀ, ୮୦୦୦ ରଥାରୋହୀ) ସହ କଳିଙ୍ଗ ଆକ୍ରମଣ କଲେ ।

ବୌଦ୍ଧ ଧର୍ମ ଗ୍ରନ୍ଥ ଦୀପବଂଶର ତଥ୍ୟ ଅନୁସାରେ ଅଶୋକ ତାଙ୍କର ୯୯ ଜଣ ଭାଇଙ୍କୁ ହତ୍ୟା କରି ସିଂହାସନ ଆରୋହଣ କରିଥିଲେ । ଏହି ଭଳିସବୁ ଆକ୍ରମଣାତ୍ମକ ଆଭିମୁଖ୍ୟ ପାଇଁ କ୍ରୁର ନରପତି ଭାବେ ଅଶୋକରୁ 'ଚଣ୍ଡାଶୋକ' ପାଲଟି ଗଲେ ସେ । ପ୍ରତିଶୋଧର ବହ୍ନି ରେ ନିଜେ ଜର୍ଜରିତ ହେଲେ । ତାଙ୍କର ତ୍ରୟୋଦଶ ଶୀଳାଲିପିରେ ବର୍ଣ୍ଣିତ ତଥ୍ୟ ଅନୁସାରେ କଳିଙ୍ଗ ଯୁଦ୍ଧରେ ସେ ୧,୦୦,୦୦୦ ଲୋକଙ୍କୁ ହତ୍ୟା କରିଥିଲେ, ୧,୫୦,୦୦୦ ଲୋକଙ୍କୁ ବନ୍ଦୀ କରିଥିଲେ, ଲକ୍ଷାଧିକ ଲୋକ ପଙ୍ଗୁ ଓ ଅକର୍ମଣ୍ୟ କରିଦେଇଥିଲେ । ଭୁବନେଶ୍ୱର ନିକଟବର୍ତ୍ତୀ ଦୟା ନଦୀରେ ପାଣି ବଦଳରେ ରକ୍ତର ଧାର ବୁହାଇଦେଲେ । କେହିକିଛି ବୁଝିବା ଆଗରୁ ଅତର୍କିତ ଆକ୍ରମଣ କରି ନିରିହ ଲୋକଙ୍କୁ ନିର୍ମମ ଭାବେ ହତ୍ୟା କରିବା ସହ ଚାଷ ଜମିରେ ହସ୍ତୀମାନଙ୍କୁ ଚଲାଇ ସମସ୍ତ ଫସଲ ଉଯାଡ଼ିଦେଲେ । କଳିଙ୍ଗବାସୀ ଭାରି ସାହସୀ କିନ୍ତୁ ଅଶୋକଙ୍କ ତରବାରୀ ଆଗରେ କଳିଙ୍ଗବାସୀ ହାର ମାନିଗଲେ ପରିଶେଷରେ ସମସ୍ତ ପ୍ରକାରର ତ୍ୟାଗ, ବିରତ୍ୱ ସତ୍ତ୍ୱେ କଳିଙ୍ଗର ଲଢୁଆ ସାମରିକ ବାହିନୀ ଅଶୋକଙ୍କ ଠାରୁ ପରାସ୍ତ ହୋଇ ଆତ୍ମସମର୍ପଣ କଲେ । କଳିଙ୍ଗକୁ ହରାଇ ଅଶୋକ ପାଲଟିଗଲେ 'ଅଶୋକ ଦି ଗ୍ରେଟ୍' ।

କଳିଙ୍ଗକୁ ଜୟ କରି ନିଜ ପିତୃପୁରୁଷଙ୍କ ସ୍ୱପ୍ନକୁ ସାକାର କଲେ ଯୁବ ସମ୍ରାଟ ଅଶୋକ । କଳିଙ୍ଗ ଭଳି ସମୃଦ୍ଧଶାଳୀ ରାଷ୍ଟ୍ରକୁ ପରାସ୍ତ କଲା ପରେ ଅତ୍ୟନ୍ତ ଖୁସିରେ ବିଭୋର ହୋଇପଡ଼ି ସାରା କଳିଙ୍ଗ ରାଜ୍ୟର ବିଚରଣରେ ବାହାରି ପଡ଼ିଲେ ସମ୍ରାଟ ଅଶୋକ । ରାଜ୍ୟ ବିଚରଣ କରିବା ସମୟରେ ସେ ଦେଖିଲେ ଯେ, ସବୁଆଡେ କୁଢ଼କୁଢ଼ ଶବ, ଶୁଣିଲେ ବିକଳାଙ୍ଗ ଲୋକଙ୍କ ଚିତ୍କାର, ଅନାଥ ମାନଙ୍କ କ୍ରନ୍ଦନର ସ୍ୱର, ସାରା ରାଜ୍ୟ ଜନଶୂନ୍ୟ ହୋଇପଡିଛି, ନିଜର ଦାସତ୍ୱ ଗ୍ରହଣ କରିବା ପାଇଁ ପ୍ରଜା ନାହାଁନ୍ତି, ରାଜ୍ୟ ଅଛି କିନ୍ତୁ ରାଜ୍ୟବାସୀ ନାହାଁନ୍ତି । ସେହି ସମୟରେ କ୍ରନ୍ଦନରତ ବୃଦ୍ଧା ଟିକୁ କାନ୍ଦିବାର ଅଭିପ୍ରାୟ ପଚାରିଲେ । ଅଶୋକ କହିଲେ କୁହ ମା' ତୋର କଣ ଦରକାର । ଧନ, ଦୌଲତ, ରାଜ୍ୟ? କିନ୍ତୁ ବୃଦ୍ଧା ଜଣକ ଆକୁଳ ସ୍ୱର ରେ କହିଲେ ପୁଅ ପ୍ରତିଜ୍ଞା କରେ ତୁ କଣ ସତରେ ମତେ ଦେଇ ପାରିବୁ? ତତକ୍ଷଣାତ୍ ଅଶୋକ ଉତ୍ତର ଦେଲେ ଯେଉଁ ରାଜା କଳିଙ୍ଗ ଭଳି ରାଜ୍ୟ କୁ ଜୟ କରିପାରେ ତ ପକ୍ଷେ ଅସମ୍ଭବ କଣ? କୁହ ମା' ମୁଁ ପ୍ରତିଜ୍ଞା କଲି ତୋର ଅଭିଳାଷ ମୁଁ ପୂର୍ଣ୍ଣ କରିବି । ପ୍ରଜା ମାନଙ୍କୁ ସୁଖରେ ରଖିବା ତ ଏକ ରାଜାର କର୍ତ୍ତବ୍ୟ । କୁହ ମା' କୁହ ତୋର କଣ ଦରକାର? ବୃଦ୍ଧା ଜଣକ କହିଲେ ହଜିଯାଇଥିବା ଖୁସିକୁ କଣ ତୁ ଫେରେଇଦେଇ ପାରିବୁ? ଅଶୋକ କହିଲେ ମା ତୋର ଖୁସି କଣ? କେଉଁ ଖୁସି ତୋର ହଜି ଯାଇଛି? ମୁଁ ନିଷ୍ଚେ ସେ ଖୁସିକୁ ତୋ ହାତରେ ଟେକି ଦେବି । ସାରା ଭାରତକୁ ଜୟ କରିଥିବା ରାଜା ପକ୍ଷେ କିଛି ବି ଅସମ୍ଭବ ମନେ ହୁଏନା । ବୃଦ୍ଧା ଟି କ୍ଷୀଣ ସ୍ୱରରେ କହିଲା ମୋର ଖୁସି ଧନରେ ନାହିଁ, ମୋର ଖୁସି ଦୌଲତରେ ନାହିଁ ମୋର ଖୁସି ହେଉଛି ମୋର ସ୍ୱାମୀ ଆଉ ମୋର ପୁଅ, ଫେରେଇଦେଇ ପାରିବୁ ତାଙ୍କ ଜୀବନ । ବୃଦ୍ଧାଟିର କଥା ଶୁଣି ନିରୁପାୟ ହୋଇଗଲେ ସମ୍ରାଟ ଅଶୋକ । ପାଟିରେ ଭାଷା ନାହିଁ । ନୀରବି ଗଲେ ଅଶୋକ । କଣ କରିବେ କିଛି ଜାଣିପାରିଲେ ନାହିଁ । ସେ ଅନୁଭବ କଲେ କରିଥିବା କର୍ମ ପାଇଁ । ଚାଲି ଯାଇଥିବା ଜୀବନକୁ ସେ କେମିତି ଫେରେଇ ଆଣିପାରିବେ? ଚକ୍ଷୁଦ୍ୱୟ ଅଶ୍ରୁରେ ଛଳଛଳ ହୋଇପଡ଼ିଲା । ଯୁଦ୍ଧର ଭୟାବହତାକୁ ସେ ନିଜେ ଅଙ୍ଗେ ନିଭେଇଲେ । କରିଥିବା କର୍ମ ପାଇଁ ପାଶ୍ଚାତାପ କଲେ । ହଠାତ ତାଙ୍କର ମାନସିକତାରେ ପରିବର୍ତ୍ତନ ଘଟିଲା । କଳିଙ୍ଗ ଭଳି ଅବିଜିତ ରାଜ୍ୟ ଜୟ କରିବା ଦ୍ୱାରା ଘଟିଥିବା ହତ୍ୟା, ପଙ୍ଗୁତା, ମୃତ୍ୟୁ ଓ ନିର୍ବାସନ, ଦେବାନାମ୍ ପ୍ରିୟ ଅଶୋକଙ୍କ ପକ୍ଷେ ଥିଲା କ୍ଲେଶଦାୟକ । କ୍ରୋଧ ମଣିଷର ଚରମ ଶତ୍ରୁ ବୋଲି ଅନୁଭବ କଲେ । ଦୁଃଖରେ ମ୍ରିୟମାଣ ଏବଂ ଅନୁତାପରେ ଦଗ୍ଧିଭୂତ ହୋଇ ସେ ପ୍ରଥମେ ଶାନ୍ତିକାମୀ ଏବଂ ପରେ ପରେ ଜଣେ ବୌଦ୍ଧ ଧର୍ମାବଲମ୍ବୀ ରେ ପରିଣତ ହେଲେ ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## ରାଜା ଦିଲୀପଙ୍କ ଗୋ ସେବା

ଦିଲ୍ଲୀପ କୁମାର ମହାରଣା

ଅଯୋଧାର ଚକ୍ରବର୍ତ୍ତୀ ସମ୍ରାଟ ରାଜା ଦିଲୀପଙ୍କ କୌଣସି ସନ୍ତାନସନ୍ତତି ନଥିବାରୁ ଦୁଃଖୀ ରହୁଥିଲେ । ଏକଦା ସେ ପୁତ୍ର କାମନା କରି ପତ୍ନୀ ସୁଦକ୍ଷିଣାଙ୍କ ସହ ଗୁରୁ ବଶିଷ୍ଟଙ୍କ ନିକଟକୁ ଗଲେ । ରାଜା ଦିଲୀପଙ୍କ ନିଃସନ୍ତାନ ହେବାର କାରଣ ଗୁରୁ ବଶିଷ୍ଠ ଧ୍ୟାନ ବଳରେ ଜାଣି ପାରିଲେ । ବଶିଷ୍ଠ କହିଲେ ହେ, ରାଜନ! ତୁମେ ଇନ୍ଦ୍ରଲୋକରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ କଳ୍ପବୃକ୍ଷ ନିକଟରେ ଠିଆ ହୋଇଥିବା କାମଧେନୁଙ୍କୁ ପ୍ରଣାମ ନ କରି କ୍ଷିପ୍ରଗତିରେ ଚାଲି ଆସିଥିଲେ । ଆପଣ ଏହି କାର୍ଯ୍ୟରେ କାମଧେନୁ କ୍ରୋଧିତ ହୋଇ ଶାପ ଦେଇଥିଲେ, ଯେ ପର୍ଯ୍ୟନ୍ତ ଆପଣ କାମଧେନୁଙ୍କ ସନ୍ତାନଙ୍କୁ ସେବା ନକରିବେ, ସେ ପର୍ଯ୍ୟନ୍ତ ଆପଣ ନିଃସନ୍ତାନ ରହିବେ । ରାଜା ଦିଲୀପଙ୍କ ନିଜର ଏହି ଅଜ୍ଞାନତାକୁ ଜାଣି ପାରି ଦୁଃଖ ପ୍ରକାଶ କଲେ ଏବଂ କହିଲେ ହେ ଗୁରୁଦେବ! ସଂସାରର ସମସ୍ତ ଗାଈ କାମଧେନୁଙ୍କ ସନ୍ତାନ । ଗୋ ସେବା କରିବା ଅତ୍ୟନ୍ତ ପୁଣ୍ୟ କାର୍ଯ୍ୟ, ଏଥିପାଇଁ ମୁ ପ୍ରସ୍ତୁତ । ରାଜାଙ୍କ କଥା ଶୁଣି ମହର୍ଷି ବଶିଷ୍ଠ କହିଲେ ହେ ଦିଲୀପ ମୋ ଆଶ୍ରମରେ କାମଧେନୁଙ୍କ ପୁତ୍ରୀ ନନ୍ଦିନୀ ଅଛି । ତୁମେ ତାଙ୍କ ସେବା ଏକୋଇଶ ଦିନ କର । ଗୁରୁ ବଶିଷ୍ଠଙ୍କ ଅନୁମତି ନେଇ ରାଜା ଦିଲୀପଙ୍କ ଆଶ୍ରମରୁ ନନ୍ଦିନୀ ରାଜପ୍ରାସାଦ ନେଇ ଆସିଲେ । ସେଠାରେ ସ୍ୱୟଂ ରାଜା ନନ୍ଦିନୀଙ୍କ ସମସ୍ତ କାର୍ଯ୍ୟ କରନ୍ତି । ରାଜା ଦିଲୀପ ପ୍ରତ୍ୟେକ ଦିନ ନନ୍ଦିନୀଙ୍କ ସହ ବଣକୁ ଯାଆନ୍ତି । ନନ୍ଦିନୀ ଯେଉଁଠାରେ ବିଶ୍ରାମ ନିଏ, ରାଜା ସେହିଠାରେ ହିଁ ବିଶ୍ରାମ ନିଅନ୍ତି । ଏପରିକି ସେ ନନ୍ଦିନୀ ବଣରେ ଚରିବା ସମୟରେ ତା ଦେହରେ ମଶା ମାଛି ବି ବସିବାକୁ ଦିଅନ୍ତୁ ନାହିଁ । ବଣରୁ ଫେରିବା ପରେ ସୁଦକ୍ଷିଣା ନନ୍ଦିନୀର ସମସ୍ତ ଯତ୍ନ ନିଅନ୍ତି । ନନ୍ଦିନୀ ଭୂମିରେ ଶୋଇଥାଏ, ତେଣୁ ରାଜା ଦିଲୀପ ମଧ ଭୂମିରେ ଶୁଅନ୍ତି । ସବୁଦିନ ପରି ରାଜା ଦିଲୀପ ଓ ନନ୍ଦିନୀ ବଣଙ୍କୁ ଯାଇଥାନ୍ତି । ବଣରେ ଫୁଟିଥିବା ଏକ ସୁନ୍ଦର ଫୁଲକୁ ରାଜା ଦେଖୁ ଦେଖୁ ନନ୍ଦିନୀ କୁଆଡ଼େ ଚାଲିଗଲା । ରାଜା ଆକୁଳରେ ନନ୍ଦିନୀକୁ ଖୋଜିବାକୁ ଲାଗିଲେ । ରାଜା ଦିଲୀପ ଦେଖିଲେ, ନନ୍ଦିନୀ ଏକ ଗୁମ୍ଫାକୁ ପ୍ରବେଶ କରୁଛି । ସେହି ଗୁମ୍ଫାରେ କୁମ୍ଭଧାରା ନାମରେ ସିଂହ ରୁହେ, ଯିଏକି ଭଗବାନ ଶିବ ଓ ଦେବୀ ପାର୍ବତୀଙ୍କ ପରମ ଭକ୍ତ ଥିଲା । ରାଜା ମଧ ନନ୍ଦିନୀ ପଛେ ପଛେ ଗୁମ୍ଫା ଭିତରକୁ ଚାଲିଗଲେ । ଭିତରକୁ ଯାଇ ଦେଖନ୍ତି ଯେ, ଏକ ବିରାଟକାୟ ସିଂହ ନନ୍ଦିନୀକୁ ଜାବୁଡ଼ି ଧରିଛି । ରାଜା ଦିଲୀପ ସିଂହକୁ ମାରିବା ପାଇଁ ଉଦ୍ୟମ କରନ୍ତି ମାତ୍ର ତାଙ୍କର ସମସ୍ତ ଉଦ୍ୟମ ବିଫଳ ହୁଏ । ସିଂହଟି ରାଜାଙ୍କୁ ଗୁମ୍ଫାରୁ ଚାଲିଯିବାକୁ କୁହେ । ମାତ୍ର ଦିଲୀପ କୁହନ୍ତି, ଯଦି ଆପଣଙ୍କୁ କ୍ଷୁଧା ଲାଗୁଛି ଆପଣ ମୋତେ ଭକ୍ଷଣ କରନ୍ତୁ, କିନ୍ତୁ ନନ୍ଦିନୀକୁ ଛାଡ଼ି ଦିଅନ୍ତୁ । ରାଜାଙ୍କ କଥା ଶୁଣି ସିଂହଟି କୁହେ, ମୁଁ ଶୁଣିଥିଲି ଆପଣ ଜଣେ ଅତ୍ୟନ୍ତ ଜ୍ଞାନୀ ରାଜା । ମାତ୍ର ଏ ସାମାନ୍ୟ ଗାଈ ପାଇଁ ନିଜ ଜୀବନ ତ୍ୟାଗ କରିବାକୁ ପ୍ରସ୍ତୁତ ହେଉଛନ୍ତି କିପରି? ଆପଣ ଚାହିଁଲେ ସମଗ୍ର ସଂସାର ଗାଈ ଆପଣଙ୍କର ହୋଇପାରିବ । ସିଂହର ଏପରି କହିବା ସତ୍ତ୍ୱେ ରାଜା ଦିଲୀପ ନିଜ କଥାରେ ଅଟଳ ରହିଲେ । ରାଜାଙ୍କ ଅଟଳ ପ୍ରତିଜ୍ଞାକୁ ଦେଖି ନନ୍ଦିନୀ ସେଠାରୁ ଖସିଆସି କହିଲେ, ଏ ସଂସାରରେ ଏମିତି କେହି ନାହିଁ ଯିଏକି ମୋତେ ଭକ୍ଷଣ କରିପାରିବ । ହେ ରାଜା ଦିଲୀପ, ମୁଁ ଆପଣଙ୍କ ସେବା ଓ ନିଷ୍ଠାରେ ସନ୍ତୁଷ୍ଟ ହୋଇ ପୁତ୍ର ପ୍ରାପ୍ତିର ବର ଦେଉଛି ।

+ଶିଖରପୁର ଉପରସାହି,
କଟକ,
ମୋ : ୮୨୮୦୯୬୩୨୮୩/
୯୪୩୮୫୮୩୨୮୯




### ଆସିଛି ଅମୃତ ବେଳରେ

ଜଗଦୀଶ ସାହୁ

ଧାନପାଚି ଶୋଭା ଦିଶେ
ମନଲୋଭା
ସୂରୁଜ ଉଦୟ କାଳରେ
ତାକୁଦେଖି ଚାଷୀ ହୁଏ କେତେଖୁସି
ଠିଆହୋଇ ବିଲମାଳରେ !

ଲକ୍ଷ୍ମୀପାଦେ ଧ୍ୟାନ କରି କାଟେ ଧାନ
ଦେହ ଭିଜିଯାଏ ଝାଳରେ
ଝାଳ ନୁହେଁ ସେତ ଚାଷୀର ରକତ
ଖସିପଡ଼େ ମାଟି କୋଳରେ !

ଲୋଡ଼ା ନାହିଁ ତୁଣ ଖଟା ଲଙ୍କା ଲୁଣ
ସାଙ୍ଗରେ ପିଆଜ ଫାଳରେ
ଖାଇଲେ ପଖାଳ ଯୋଗାଇବ ବଳ
ଧାନ କଟାକଟି ବେଳରେ !

ବୋହି ଶଗଡ଼ରେ ଥୋଇ ଖଳାପରେ
ଧାନ କରିବ ଅମଳରେ
ଚାଷୀ ଅବଦାନ ପାଇଁ ମୁଠେ ଅନ୍ନ
ପଡ଼େ ଭିକାରୀଙ୍କ ଥାଳରେ !

ନକରି ହେଳାରେ ଚାଷୀର ଗଳାରେ
ପିନ୍ଧାଇବା ଫୁଲମାଳରେ
ପୂଜାକଲେ ଚାଷୀ ଲକ୍ଷ୍ମୀହେବେ ଖୁସି
ଆସିଛି ଅମୃତ ବେଳରେ !

+ ସଞ୍ଚପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬

### କେମିତି ସେମିତି ଏମିତି

ନିରଞ୍ଜନ ସାହୁ

ତୁମେ କେତେବେଳେ ଏମିତି କେମିତି
ନିଦାରୁଣ ହୋଇଯାଅ
ପୁଣି କେବେକେବେ ଜୀବନେ ସବୁଠୁଁ
ମୋତେ ବେଶୀ ଭଲପାଅ ।

ବୁଝି ପାରେନା ମୁଁ ସରଳ ମନରେ
ଏହାର ରହସ୍ୟ କଥା
ଭାବି ବସିଲେ ମୁଁ ଆପେଆପେ ମୋର
ଘୁରି ଯାଉଥାଏ ମଥା
କେବେକେବେ ତୁମେ ଭଲକଥା କୁହ
କେବେ ଏଣୁତେଣୁ ଗାଅ ।

ନିଷ୍କପଟ ମନ କପଟ କରେନା
ସରଳ ହୁଅଇ ଅତି
ତୁମ ମୋ ଭିତରେ ପାର୍ଥକ୍ୟ ଯେତେକ
ସବୁତକ ହେଉ ଇତି
କେବେକେବେ ଆଉ
ଏମିତି ନ ହୋଇ
ସର୍ବଦା ଖୁସିରେ ଥାଅ ।

♥ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ : ୯୯୩୮୭୪୧୫୮୩

### ହେବି ମୁହିଁ କବାଡିଆ

ରମେଶ ଚନ୍ଦ୍ର ନାୟକ

ସାଙ୍ଗ ସାଥି ମୋର ଇସ୍କୁଲ ଯାଆନ୍ତି
ଝୁଲେଇ ବସ୍ତାନି କାନ୍ଧରେ
ଦେଖି ମୋର ମନ ଘାଣ୍ଟି ହେଉଅଛି
କେମିତି ପଢିବି ପାଠରେ ।

ଆଗକୁ ପଛକୁ କେହି ନାହିଁ ମୋର
ଅଛି ଘର ଝାଟି ମାଟିରେ
କେଉଁ ବରଷରୁ ହୋଇନି ଛପର
ଆକାଶରୁ ପାଣି ଗଳେରେ ।

ଛୋଟ ପିଲା ମୁହିଁ ଜଣା ନାହିଁ କାମ
ଖଟିବାକୁ ବିଲ ବାଡ଼ିରେ
ପେଟ ପାଇଁ ମୁହିଁ ଜରି ଗୋଟାଉଛି
ବୁଲି ବୁଲି ରାସ୍ତା ଘାଟରେ ।

ଜରି ବିକା ଅର୍ଥେ ପୁରେ ନାହିଁ ପେଟ
ପଢିବି ମୁଁ କେଉଁ ବଳରେ
ଚାଟଶାଳୀ ଘର ନାଚେ ମୋ ଆଖିର
ପିଲାଙ୍କୁ ଦେଖିଲେ କାନ୍ଦେରେ ।

ଲାଜରେ କାହାକୁ କହି ପାରେ ନାହିଁ
ବହି ଖଣ୍ଡେ ଦିଅ ମୋତେରେ
ମାଗଣାରେ ଟିକେ ପଢ଼ିବା ପାଇଁ କି
ଇସ୍କୁଲ ଯିବାକୁ ଚାହେଁରେ ।

କିଏ ସେ ପଢଇ ଇଂରାଜୀ ସ୍କୁଲରେ
ପିନ୍ଧି କୋଟ୍ ଟାଇ ଗଳାରେ
ଜରି ବୋତଲକୁ ପକାନ୍ତି ରାସ୍ତାରେ
ଗୋଟାଉଛି ମୁହିଁ ଖୁସିରେ ।

ସ୍ୱଚ୍ଛ ଭାରତର ଅଭିଯାନ କାର୍ଯ୍ୟେ
ଲାଗିଯାଏ ଖୁସି ମନରେ
ଦୁଃଖତ ଲାଗଇ ଜରି ଗୋଟାଳିଏ
କେଉଁ ଦିନ ସ୍କୁଲ ଯିବେରେ ।

ବଡ଼ ହେଲେ ମୁହିଁ ହେବି କବାଡିଆ
ବନିବି ମୁଁ ଲକ୍ଷ ପତିରେ
ଅନାଥ ପିଲାଙ୍କୁ ପଠାଇବି ସ୍କୁଲ
ପାଠ ପଢି ହେବେ ବାବୁରେ ।

♥କେଶରପୁର , ବକ୍ସି ବଜାର ,
କଟକ
ମୋ :- ୭୯୭୮୧୫୧୭୧୦

### କଳ୍ପନା ଗୋ

ଧ୍ରୁବ ଚରଣ ବେହେରା

ପୂର୍ଣ୍ଣ ଲାବଣ୍ୟତା ଭରିଛି ଯୌବନେ
ଓଠୁ ଝରେ ମଧୁଝର
ଦେଖିଲେ ଲାଗୁଛ ପ୍ରୀତି ସୌଦାମିନୀ
ପ୍ରିୟା ଗୋ ତୁମେ ନିଜର ।

ତୁମ ରୂପ ଛଇ କଳନା ନୁହଁଇ
ଅପସରୀ ସମ ଠାଣି
କୋଟିରେ ଗୋଟିଏ ଲକ୍ଷ୍ୟ ହୀରାଟିଏ
ସତେକି ସରଗ ମଣି ।

ଘଣ କୁନ୍ତଳରେ ବିରାଜେ ମାଧୁରୀ
ମୁଖେ କୋମଳତା ହସ
ରୂପସୀ ଗୋ ତୁମ ଚାହାଣିରେ କେହି
ହୋଇଯାଏ ପ୍ରେମେ ବଶ ।

ଜାଜ୍ଜ୍ୱଲ୍ୟତା ଭରା ତୁମେ ଅପସରା
ସତେ ରାଣୀ ମହୁମାଛି
କେଉଁ ବିଧାତାର ହାତେ ତୁମେ ଗଢା
ଲାଗୁଛ ପ୍ରେୟସୀ ଶଶୀ ।

ଗୋରା ତନୁ ପରେ ଝଟକେ ଉପମା
ଉରଜର ଶୋଭା ବାଢି
ଅତି ଝଲ ମଲ ନବ ଯଉବନୀ
ଦିଶୁଛ ଗୋଲାପ କଢି ।

ତୁମେ ରୁଷି ଗଲେ ରୁଷି ଯାଏ ଜହ୍ନ
ଆସଇ ଅନ୍ଧାର ଘୋଟି
ବେଳା କୋଳ ଛାଡି ତରଙ୍ଗ ରୁଷଇ
ପାରେନା ପ୍ରେମକୁ ଭେଟି ।

କେମିତି କହିବି କୁହ ପ୍ରିୟତମା
ମନେ ମୋ କରିଛ ଘର
ତୁମକୁ ଦେଖି ମୁଁ ଲେଖଇ କବିତା
ଭାବ ଭାଷା ତୁମେ ମୋର ।

ଭଲ ପାଉଥିବି ରହି ବହୁ ଦୂରେ
ନି ଦିଅ ପଛେ ଉତ୍ତର
ତୁମେତ ମୋ ପାଇଁ ପାରିଜାତ ପୁଷ୍ପ
ସୁଗନ୍ଧିତ ପ୍ରେମ ତୀର ।

କଳ୍ପନା କଳାର ତୁମେ ମଧୁମତୀ
ଶୃଙ୍ଗାର ରସ ହରିଣୀ
ରଖିଛି ତୁମକୁ ହୃଦୟେ ସାଇତି
ରଖିଥିବି କରି ରାଣୀ ।

♥ଅଠରବାଟିଆ,
ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪



## ଅନ୍ଧାରର ରହସ୍ୟମୟ ଦୁନିଆଁ


### ପ୍ର. ଗିରିଜା ଶଂକର ଶର୍ମା




ଅନ୍ଧାର ସହ ମିତ୍ରତାରେ
କଟି ଯାଇଛି ଅନେକ ଦିନ
ଆଖି ବନ୍ଦ କଲେ ମୁଁ ଥାଏ ଅଂଧାରର
ଖୋଳପା ଭିତରେ ।
ସେ ଭିତରେ ମୁଁ ଦେଖେ ଏକ
ରହସ୍ୟମୟ ଦୁନିଆଁ ।
ଅନ୍ଧାର ମାନେ ହିଁ ତ ରହସ୍ୟ
କିଛି ଦେଖାଯାଏ କି ନାହିଁ ଜାଣି
ହୁଏନା,
କିନ୍ତୁ ଅନ୍ଧାର ଖୋଲିଦିଏ ଏକ
ରହସ୍ୟାଚ୍ଛନ୍ନ ଇଲାକା,
ଯାହାର ଦିଗ୍‌ବଳୟ ଥାଏ ବହୁ
ଦୂରରେ ।

ଅନ୍ଧାରରେ ବହୁଥିବା
ରକ୍ତର ରଂଗ କଳା
ଲୁହ ଓ କୋହର ରଂଗ ବି କଳା
ଆତତାୟୀ ପାଖରେ ଥିଲେ ବି
ଚିହ୍ନି ହୁଏନା

କିଏ କାହାକୁ କି ଉଦ୍ଦେଶ୍ୟରେ ଖୋଜେ
ଜାଣି ହୁଏନା ।
ଜାଣିବାରେ ଲାଭ ବି କିଛି ନାହିଁ
କାହିଁକି ନା, ଅନ୍ଧାରର ସାମ୍ରାଜ୍ୟରେ
ଅନ୍ଧାର ଛଡ଼ା ଆଉ କିଛି ନଥାଏ ।

ଅନ୍ଧାର ସହ ମୋର ପ୍ରେମର ଗଭୀରତା
ବହୁତ ବେଶୀ
ଅନ୍ଧାରରେ ଆଖି ବନ୍ଦ କରି
ମୁଁ ଖୋଜେ ଶାନ୍ତିକୁ
ଦିନର ଆଲୁଅରେ
ଜମା ମିଳୁନଥିବା ଶାନ୍ତି
ଅଂଧାରରେ
ଶବ୍ଦର ତରଂଗ ହିଁ ନଥାଏ ।
ସବୁ ଆଡ଼େ ରାଶି ରାଶି
ସ୍ୱପ୍ନର ସ୍ତବକ,
ମନ ଇଚ୍ଛା ବିଚରଣ କରିବାର
ଏକ ସାମ୍ରାଜ୍ୟ ।

ଅନ୍ଧାର ଏକ ଦାର୍ଶନିକ
ପ୍ରମାଣ ଚାହୁଁଛ ଯଦି
ଆଖି ବନ୍ଦ କରି ବସ ।
ମନକୁ ଉଡ଼େଇ ଦି ପୂର୍ବ ପଶ୍ଚିମ
ଉତ୍ତର ଦେକ୍ଷାଣକୁ
ଅଧଃ ଓ ଉର୍ଦ୍ଧ୍ୱକୁ ।
ତୁମେ ଦେଖିବ କେଉଁଠି ନା କେଉଁଠି
ଅଟକି ଯାଇଛି ତୁମର ମନ।
ସେ ଭାବନାକୁ ଅନ୍ଧାର ଭିତରେ
ଖୋଲି କରି ଦେଖ
ସାମ୍ନାରେ ଦିଶୁଥିବା ରାସ୍ତା
ତୁମକୁ ସ୍ୱାଗତ ଜଣାଉଛି ।
ଜୀବନ ଦର୍ଶନର ଇଲାକାକୁ ।


ସୋନାପାଲି, ଧନକଉଡ଼ା,
ସମ୍ବଲପୁର-୭୬୮୦୦୬
ମୋ: ୯୪୩୭୦୮୮୬୦୨


## ନିଃସଙ୍ଗ ଜୀବନ




### ଡ.ମନୋରଞ୍ଜନ ବିଷୋୟୀ*


ନିଜ ଛାଇ ତଳେ
ବୋଝ ହୋଇ ଯାଇଥିବା
ନିଃସଙ୍ଗ ମଣିଷଟେ ମୁଁ
ଅନେକ କୁହା ଅକୁହା
ଶବ୍ଦମାନଙ୍କ ଗହଳି ଭିତରେ ।
ଏବେ ଆଉ କ'ଣ ବା ବାକି ଅଛି
ଜୀବନର ହିସାବ ଖାତାରେ
କାହାର ମୁଁ କେହି ନୁହେଁ
କାମ ସରିଗଲା ପରେ ।
ମୁଁ ବା କ'ଣ ଜାଣିଥିଲି
ପଛକୁ ଫେରି ଚାହିଁଲା ବେଳେ
କେହି ନଥିବେ ମୋ ସାଥିରେ ।
ଏବେ କେବଳ ଅବ୍ୟକ୍ତ ଅଶ୍ରୁରେ
ଆର୍ଦ୍ର ହେଉଥାଏ ଗଣ୍ଡସ୍ଥଳ
କେତେ ଯେ ନୀରବ ପ୍ରହରେ ।
ତଥାପି ସାପ ସିଡ଼ିର ଖେଳ ତ
ଏ ଜୀବନ, କେବେ ଜିତି ପୁଣି
କେବେ ହାରିବାକୁ ପଡ଼େ ।


ସ୍ନାତକୋ□ର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ:୮୮୯୫୧୪୧୭୨୭


## ପା'ପୋଛ


### ବାଦଲ କୁମାର ଭୂୟାଁ




ପା'ପୋଛ କେତେ ଯାତନା ସହେ
ତଥାପି ତା ବାଗରେ ସିଏ ହସୁଥାଏ
ମୁର୍କି ହସୁଥାଏ ସଦାବେଳେ
ତା' ଭାଗ୍ୟ ଯୋତା ଓ ପାଦର
ସାନିଧ୍ୟ ଲଭିବା
ଲକ୍ଷ ଲକ୍ଷ ଧୂଳିକଣା ସବୁକୁ
ଆଶ୍ରୟ ଦବା
ଆକଟରେ ସେ ସବୁକୁ
ଚନ୍ଦନ ପରିକା
ନିଜ ଦେହ ଦେହଳିରେ
ସାଇତି ରଖିବା
ଏଇ ପାଦୁକା ସେବାରେ
ପା'ପୋଛ ସ୍ୱର୍ଗ ଲଭେ
ମନର ଗୁମର କଥାକୁ ଶୁଣାଏ
କିନ୍ତୁ କାହା ମନରେ
କଷ୍ଟ ହବ କାଳେ

ମନର ଲକ୍ଷ ଲକ୍ଷ ଦୁଃଖର ପସରା
ଖୋଲିବା ପରିବର୍ତ୍ତେ
ସେ ସବୁକୁ ନିଜ ଦେହରେ ମାଖେ
ନିଜକୁ ସଂସାର ଆଗରେ ରଖି
ସବୁ ଅର୍ଦ୍ଧଳି ସହେ
ହାରିଯାଉଥିବା ମଣିଷକୁ
ବଞ୍ଚିବାର ବାଟ ଦେଖାଏ।।
ଠିକ ବୋଉ ପରିକା
ଦିଗବଳୟ ପରିକା,
ସଭିଙ୍କୁ କୋଳକୁ ଆ

କୋଳକୁ ଆ' ଠାଣିରେ ଡାକେ
ସଭିଙ୍କୁ ଆପଣାର କରେ
ନମିଷେ ଭିତରେ
ସୁଜନ ହେଉ କି କୁଜନ
ସଭିଙ୍କ ସାନିଧ୍ୟ ଲଭିଲେ
ତା' ବାଉନୁ ଭଣ୍ଡାର ପୁରିଲା
ମନର ମନାସୁଥିବା ଇଚ୍ଛା ପୁରିଗଲା
ଯେ!!
ଏଇ ଧୂଳିକଣା ଗୋଟେ ଗୋଟେ
ବ୍ରହ୍ମାଣ୍ଡ
ଏଇ ଧୂଳିକଣା ଗୋଟେ ଗୋଟେ
ନୂଆ ଇତିହାସ
ଏଇ ପା'ପୋଛ ଯେପରି
ଧନ ଜୀବନ ଗାଥାର ଗୋଟେ
ସୁଦୀର୍ଘ ସୋପାନ।


୪-ଜି, ପ୍ରତାପ ଆପାର୍ଟମେଣ୍ଟ,
୭ଏକ୍ସଟେନସନ, ଜାମସେଦପୁର,
ଝାରଖଣ୍ଡ,
ଦୂରଭାଷ : ୦୯୨୦୪୬୫୨୦୬୫


## ଚଢ଼େଇ


### ଡ.ଉମେଶ ଚନ୍ଦ୍ର ମହାପାତ୍ର




ଗଛ ଡାଳରେ ସ୍ପନ୍ଦିତ ଜିଜୀବିଷା
ଡେଣାରେ ଅନ୍ତରୀକ୍ଷର ଗୀତ
ଭୂଇଁ ଓ ଆକାଶର
ମଧ୍ୟବର୍ତ୍ତୀ ସେତୁ
ବ୍ୟାପ୍ତିର ପ୍ରତିଶ୍ରୁତି
ପ୍ରଶାନ୍ତିର ମିତ ।

ନବାରୁଣର ବନ୍ଦାପନାରୁ
ଗୋଧୂଳିର
ପ୍ରତ୍ୟାବର୍ତ୍ତୀ ପ୍ରତ୍ୟୟ ଯାଏଁ
କ୍ଳାନ୍ତିହୀନ ଯାତ୍ରାର କାହାଣୀ
ଚିର ସହଚର ପ୍ରେମିଳ ପବନ
ଯାର ପ୍ରଶସ୍ତ ଛାତିରେ
ଉଡ଼ି ଉଡ଼ି ଯାଉଥାଏ ବୁଣି ।

ଈପ୍‌ସିତ ମହାଭିସାର ପାଇଁ
ଆକାଶ ସହ ଉପରକୁ ଉଠୁଥିବା
ମାଟି ବି ତାହାର
ଆଞ୍ଜୁଳା ଆଞ୍ଜୁଳା ଜୀବନ ହେଇ
ମାଟିକୁ ପଶୁଥିବା
ମେଘ ବି ତାହାର
ବାହରକୁ ଲେଖୁଥାଏ ଭିତର ଯେତିକି
ଭିତରକୁ ସେତିକି ବାହାର ।

ସରାଗସିକ୍ତ ଆଖି ହଳେ ନେଇ
ଯଦି କେଇଟି ମୁହୂର୍ତ୍ତ
ଅନେଇ ଦିଅନ୍ତା ସେ ଦିଗ୍‌ବଳୟକୁ
ଏ ମଣିଷ ସ୍ଥଗିତ କରି
ଯନ୍ତ୍ରେ ଭିଆଇଥିବା
ନିଜ ସହ ନିଜର ଲଢ଼େଇ
ସତକୁ ସତ ହେଇଯାଆନ୍ତା
ସେଇ ଗୋଟିଏ ଆଶ୍ଳେଷରେ
ସ୍ୱର୍ଗ ଓ ମର୍ତ୍ତ୍ୟକୁ
ଏକୀଭୂତ କରିପାରୁଥିବା
ବିସ୍ମୟ ଚଢ଼େଇ ।


ଅଧ୍ୟାପକ,ସ୍ନାତକୋତ୍ତର ଇଂରାଜୀ
ଭାଷା ଓ ସାହିତ୍ୟ ବିଭାଗ,ପଞ୍ଚାୟତ
ମହାବିଦ୍ୟାଳୟ,
ବରଗଡ଼ -୭୬୮୦୨୮
ମୋ :୯୯୩୮୭୭୦୫୭୨


## ନିଭୃତ ସହର*




### ଡ. ମାଙ୍ଗଳିକା ମହାପାତ୍ର


ତୁମ ଆଖିଠୁ ଦୂରରେ
ଆଉ ସୀମାରେ, ହୃଦୟରେ
ତୁମ ଅନୁଭବ କିନ୍ତୁ ଅଦୃଶ୍ୟରେ
ଚାରିପଟେ ସ୍ପନ୍ଦିତ ହେଉଥିବା
ଶବ୍ଦର ସମାହରେ...

ତୁମେ ଯେଉଁଠି ବି ଥାଅ
ଆସ ନିତି ସ୍ୱପ୍ନରେ
ଆଖି ଖୋଲିବାକୁ ଡରେ
ପୁଣି ଫେରିଯିବ ଯେ
ଅପରିଚିତ ସାଜି ଦୂରେ...

ଜାଣେନା କେବେ କିଛି
ଯନ୍ତ୍ରଣା ଥାଏ ତୁମ ପାଖରେ
ଚହଲାଇ ଦିଏ ତୁମ ଛବିକୁ
ଅଜଣା ଆଶଙ୍କାରେ
ଅଶୁଭ ମୁହୂର୍ତ୍ତରେ...

ସତେବା ବସିଯିବ ତୁମେ
ସେଇ ହୃଦୟରେ,ଅଜାଣତରେ
ରହିଯିବି ମୁଁ ଅଭିମାନରେ
ପଛକୁ ଚାହିଁବିନି ବି ଥରେ
ସେଇ ନିଭୃତ ସହରରେ...


ରେଭେନସା ବିଶ୍ୱବିଦ୍ୟାଳୟ


## ଶୀତ ଯେବେ ଛୁଏଁ


### ଲକ୍ଷ୍ମୀପ୍ରିୟା ପୃଷ୍ଟି




ଏକ
......
ଶୀତ ଯେବେ ଛୁଏଁ
ତୋ ମନ ମୋ ମନ
ଗାଇ ପ୍ରେମ ଚଉପଦୀ
ଦୁନିଆ ଆଖିରେ ଈର୍ଷା ର ନିଆଁ
ଜହ୍ନ ସାଜେ ପ୍ରତିବାଦୀ,
ପବନ ବାତୁଳ ହୁଏ
ସୋରିଷ କ୍ଷେତର ସୁନା ପଣତେ ତା
ଅଭିମାନ ଲେଖିଦିଏ ।
ଦୁଇ
.....
ଶୀତ ଆଞ୍ଜୁଳାଏ ପ୍ରୀତି ର ପୁଲକ
କାହା ମିଠା କାକଳୀରେ
ସୃଜନ ର ଶୁଭ ଆଭାସ ବି ଶୀତ
କେବେ କବି କଳ୍ପନା ରେ,
ସ୍ମୃତି ର ଝଲକେ ନିଆଁ ରେ ଏ ଶୀତ
ଜଳି ଜଳି ଜାଳୁଥାଏ
କାହା ଭାବନା ର ଭବ୍ୟ ସ୍ତୁତି ରେ
ସୃଜି ରୂପକଳ୍ପ ଟିଏ ।

ତିନି
......
ମୁଦା ଲଫାପା ର ଚିଠି ଟିଏ ଭଳି
ଶୀତ ବି ସାଇତା ସ୍ମୃତି
ଲେଖାଅଛି ତାର ଲେଉଟା ପୃଷ୍ଠା ରେ
ଅଶ୍ରୁଭିଜା କିଛି ଗୀତି,
ଭିନ୍ନ ତାର ପରିଚୟ
ଠିକଣା ଠକିଛି ସମୟ ହାତରେ
ଥିଲା ବୋଲି ଅଭିନୟ କ୍ଷ

ଚାରି
.......
ଶୀତ କେବେ ଲେଖେ ବିରହ କବିତା
ତୁମ ବାଟ ଚାହିଁ ଚାହିଁ
ଅମା ଅନ୍ଧାରେ ତା ଆଖିର ଇସାରା
ଜହ୍ନ କୁ ଭେଟିବା ପାଇଁ,
ଶୀତ ପାଳୁଥାଏ ଶୋକ
କୁହୁଡ଼ି ଉହାଡୁ ପାଂଶୁଳ ମୁହଁ ତା
ଦିଶୁଥାଏ ଜକ ଜକ ।


ଅଧ୍ୟାପିକା, ଦଶରଥ ପୁର,
ଯାଜପୁର,୭୫୫୦୦୧


## ନାକ *


### ଭରତ ଚନ୍ଦ୍ର ଦାଶ




ନାକକୁ ନେଇ ପଲ୍ଲୀରୁ
ଦିଲ୍ଲୀଯାଏ ଚର୍ଚ୍ଚା
ଜୋରଧରିଛି ଅତ୍ର ତତ୍ର
ସର୍ବତ୍ର କଫଣ ପାଇଁ ଯେ
ନାକର ସୌନ୍ଦର୍ଯ୍ୟ
ସ୍ୱର୍ଗର ସୌନ୍ଦର୍ଯ୍ୟ ବୋଲି
କବିମାନେ ଲେଖିଛନ୍ତି
ପାଶ୍ଚାତ୍ୟ ସାହିତ୍ୟ ଠୁଁ
ପ୍ରାଚ୍ୟ ଯାଏ ନାକର
ଆଲୋଚନା ଅନନ୍ୟ ।

ନାକ ପାଇଁ ଅନେକ ବଳି ପଡିଛନ୍ତି
ପ୍ରତିଯୋଗିତାରେ
ପୁଣି ନାକ କଟାଗଲା ବୋଲିତ
ଲଙ୍କାରେ ନିଆଁଲାଗିଲା

ହରଣ ଫେଡାଣ ମଧ୍ୟରେ
ଜନକ ନନ୍ଦିନୀ ଠାରୁ ଦଶାନନ ଯାଏ
ହରଣରୁ ତ ଦଶାନନର
ସମସ୍ତ ପାପହରିଥିଲେ କୌଶଲ୍ୟାସୁତ।
ଆଜି କିନ୍ତୁ ନାକକୁ ନେଇ
ବେଶ୍ ତର୍କ ବିତର୍କ
ମର୍ଲିନ୍ ମୁନରୋ ପରି
ନାକ ନ ହେଲେକେମିତି ହେବ
ବିଶ୍ୱ ବିପଣନରେ ସୌନ୍ଦର୍ଯ୍ୟର ସଉଦା ।
ନାକ ଆଘ୍ରାଣ କରିପାରେ
ବ୍ୟକ୍ତିତ୍ୱର ସୁରଭି
ପ୍ରକୃତିର ଅନିନ୍ଦ୍ୟ ସୌରଭ
ନାକ ଶୋଷିପାରେ ଜୀବନର ସ୍ପନ୍ଦନ
ନାକ ବାରିପାରେ ସୃଜନର ସ୍ୱାଦ
ନାକର ଅବର୍ତ୍ତମାନ
ବିଷାଦର ଏକ ଅଲୋଡା ଗଣିତ
ନା ଭାଗ ଛିଣ୍ଡେ ନା ରହେ ଭାଗ ଶେଷ
ନାକ ହିଁ ତ ଅତୃପ୍ତିର ଏକ ଦୀର୍ଘଶ୍ୱାସ।

ନାକ ବାରିପାରେ ସୁଧା ଅବା ବିଷ
ନାକ ପାଇଁ ସୌନ୍ଦର୍ଯ୍ୟର ପଶାଖେଳ
ନିରନ୍ତର ପ୍ରାଣର ପ୍ରୟାସ ।


ସଦସ୍ୟ, ଓଡିଶା ସାହିତ୍ୟ
ଏକାଡେମୀ, ମାର୍କୋଣା,
ବାଲେଶ୍ୱର -୭୫୬ ୧୨୬
(ମୋ) ୯୪୩୭୩୭୨୧୬୬


## ଭାଗବତ


### ସୁଧୀର ମହାନ୍ତି (ଟୁନା)




ସଖା ଯଶୋବନ୍ତ ଅନନ୍ତ ଅଚ୍ୟୁତ
ଭକ୍ତ ବଳରାମ ଦାସ
ଅତିବଡ଼ି ନାମେ ଅତି ପରିଚିତ
ପଞ୍ଚସଖାଙ୍କର ଅଂଶ ।

ମାତା ଅନୁରୋଧ କ୍ରମେ ବ୍ୟାସକୃତ
ଭାବଗତେ ଲେଖା ଶେଷ
ନବାକ୍ଷର ଛାନ୍ଦେ କଥା ଭାଗବତ
ଭଣେ ଜଗନ୍ନାଥ ଦାସ ।
ମନେଇ ସାହୁର ଶୋଧନେ ଭଣିତ
ଶେଷ ପଦେ ଭାବ ରସ

ଜଗନ୍ନାଥ ଦାସ ଓଡ଼ିଆ ରଚିତ
ଭାଗବତ ଇତିହାସ ।
ଗ୍ରାମେ ଗ୍ରାମେ ନିତି ପୋଥି ଭାଗବତ
ପୂଣ୍ୟ ବାଣୀର ସନ୍ଦେଶ
ପଢ଼େ ଭାଗବତ ଟୁଙ୍ଗରେ ଭକତ
କଥାମୃତ ମହାରସ ।

କର୍ଣ୍ଣରେ ପଡ଼ିଲେ ହୁଏ ଦୂରୀଭୂତ
ପାପ ତାପ ରୋଗ ନାଶ
ସଂସାରେ ସକଳ ରୀତି ନୀତି ହିତ
ଯହିଁରେ ଭରା ବିଶ୍ୱାସ
ମାନବ ସେବାରେ ମାଧବ ବରତ
ଯହିଁରେ ଆତ୍ମ ସନ୍ତୋଷ
ନିତି ପୂଜା ପାଏ ଗାଦି ଭାଗବତ
ଓଡ଼ିଆ ଭାଷାର ଶ୍ୱାସ ।


ବାଗ ବୃନ୍ଦାବନ
ମୋ: ୮୩୩୮୮୨୦୦୭୩


## ଶବ୍ଦ *


### ସ୍ନିଗ୍ଧା ପଣ୍ଡା




ଭାବିଥିଲି
ତତେ କହିବି ବୋଲି କଥାଟିଏ
ଯାହା କାହାକୁ କହି ନ ଥିବି
କଥା ପାଇଁ ଶବ୍ଦ ଲୋଡ଼ା ବୋଲି
ସେଇ ଦିନ ହିଁ ବୁଝିଲି
ଯେଉଁ ଦିନ ତୁ କହିଲୁ
ମୋ କଥା ବୁଝିବା ପାଇଁ
ତୋର କାଳେ ଲୋଡ଼ା ଅଭିଧାନଟିଏ ?

ଭାବିଲି
କଥା ତେବେ ଶବ୍ଦ ହେଉ
ତୋ ମନକୁ ଛୁଇଁ ପାରୁଥିବା
ଶବ୍ଦମାନଙ୍କୁ ସଜାଡିବି ସମୟଡ଼ାଲାରେ
ନିଜେ ପୁଣି ବୁଝିବାକୁ
ତୋ ସାଙ୍ଗରେ ମିଶି ଖୋଜିବି
ଅଭିଧାନର ହଳଦିଆ ପୃଷ୍ଠାରେ
ଫାଟି ଯାଉଥିବା କାଗଜର
ରୁନ୍ଧି ପକଉଥିବା ବାସ୍ନାରେ ?

ବନିଶି ଆଣିଲି, ଜାଲ ଆଣିଲି
ପୋଖରୀ ହୁଡ଼ାରେ
ନଈ ଦାଢରେ ବସିଲି
ଚିକ୍ ଚିକ୍ ଶବ୍ଦ ମାନଙ୍କୁ ଧରିବାକୁ
ଯେତେ ଫନ୍ଦି କଲି
ସେମାନଙ୍କୁ ବାନ୍ଧି ରଖିବାକୁ
ଅଠା କାଠି ସଜାଡ଼ି ରଖିଲି
ହାତ ପାଆନ୍ତାରେ ପାଉ ପାଉ
କେହି ଖସି ଗଲା ଆପେ ତ
ନିଜେ ବୁଝି ନ ପାରି
କାହାକୁ ଖସେଇ ଦେଲି ?

ନିଆଁ, ସମୁଦ୍ର ଓ ଜଙ୍ଗଲ
ସବୁଠି ଖୋଜିବା ଶେଷ କଲି
ଖସି ଯାଇଥିବା ଶବ୍ଦ କିନ୍ତୁ
ନା ମିଳିଲା ନା ଭୁଲିହେଲା
ଅସ୍ତିତ୍ୱର ଦ୍ୱାହି ଦେଇ
ବଞ୍ଚିବାର ଦାୟିତ୍ୱରେ
କହିବାକୁ ଆରମ୍ଭ କରିଥିବା କଥା
ଆଉ କଣ କହିହେଲା ?
ମଝି ରାତିର
ବର୍ଷା ଭିଜା ଆକାଶ ପରି
ସକାଳକୁ ନିଃଶବ୍ଦ
କଥାଯାକ ସଫା ଦିଶୁଥିଲା ?


ଲହଣ୍ଡା, ବରଗଡ-୭୬୮୧୧୧


## ସ୍ମୃତି ପାଉଁଶ*




### ବିଜୟ କୁମାର ପଣ୍ଡା


ଛାଇକୁ ନିଜର କରିବା
ଯେବେଠୁଁ ଶିଖିଲି
ପଛ କଥା ଭୂଲି
ନିଜ ଭିତରେ ନିଜେ ଯେବେଠୁଁ
ଜିଇଁଲି
ତମେ ଈର୍ଷାରେ ଜଳିଲ
ମୋ ଦୁନିଆଁରେ ପୁଣିଥରେ
ପାଦ ଥାପିବାକୁ ଚାହିଁଲ
ସ୍ମୃତିର ପାଉଁଶରେ ସ୍ୱପ୍ନ ଖୋଜିବାକୁ
ମୁଁ ଧୈର୍ଯ୍ୟ ଯୁଟାଇ ପାରିଲିନି
ତୁମେ ସମ୍ପର୍କର ସଉଦା କରୁଥିଲ
ହେଲେ,ସେ ହିସାବ ରଖିବାକୁ
ପୁଣିଥରେ ମୋ ହୃଦୟ ବ୍ୟାକୁଳ
ହେଲାନି।


ସମ୍ପାଦକ- କନକପ୍ରଭା,
ଭର୍ତ୍ତୁ, ବେଙ୍ଗାଲୁରୁ
ଫୋନ୍ : ୯୭୩୯୫୯୧୮୧୬


## କବିବର ତୁମେ


### ଶ୍ରୀତୀର୍ଥେଶ ଚନ୍ଦ୍ର ରାୟ ମହାଶୟ


ଆହେ କବିବର!
ସ୍ୱପ୍ନ ସୌଦାଗର ରୂପେ ସ୍ୱପ୍ନିଳ ମାଟିରେ ବିରାଜ,
ଭାଷାଜ୍ଞାନ ପ୍ରଣେତା ଦେବଦୂତ ଭବ୍ୟ ଭୂମେଟି ।
ନିସ୍ତବ୍ଧ ଚିଲିକା ସୁନ୍ଦରୀ ରୂପେ ଲାବଣ୍ୟମୟୀ ଯେବେ,
ଐଶ୍ୱର୍ଯ୍ୟର ଗନ୍ତାଘର, ସୀମାହୀନ ପ୍ରାଚ୍ୟର୍ଯ୍ୟତା ଲଭେ ।

ବନ୍ଦନୀୟା ଦିଶା ପୂର୍ଣ୍ଣତୋୟା ସମହିଁ ମୁଲକେ ଜ୍ୟୋତି,
ପ୍ରତ୍ୟୁଷର କାକରେ କାକରେ ପଦ୍ମପତ୍ରେ ଢଳେ ମୋତି ।
ସାଧନାର ଦରବାରେ ମନଜିଣା ଅଜସ୍ର ସମ୍ଭାର,
କାବ୍ୟ ଗାଥାରେ ବିକଶିତ ଅପୂର୍ବ ସ୍ମୃତିର ଭଣ୍ଡାର ।

ପୁରୁବ ଯଶ କୀରତି ଏ ମାଟି ଝୁରୁଛି ଝୁରୁଥିବେ,
ବିମୋହିତ ନାବିକର ନାବଚାଲେ ବିନା ନାବିକରେ ।
ଜ୍ଞାନଦୀପ୍ତ ପ୍ରଜ୍ଞାଲବ୍ଧ କାବ୍ୟ କବିତାର ପ୍ରିୟଦର୍ଶୀ,
ଦୁର୍ଲ୍ଲଭ ଭାଷା ତତ୍ତ୍ୱ ଚିରପୂଜ୍ୟ ଚିନ୍ମୟର ଚିରଞ୍ଜୀବି ।

ଗୋଧୂଳି ଭାବାମୟ ଭାବନା ଲିପିକା ଲିପିକା ହୋଇ
ମାଟି ଝୁରେ ଗ୍ରାମ ଝୁରେ ଆକାଶ ବି ତମେ କାଳଜୟୀ ।

ବାଳୁତରୁ ମାତୃହରା ହୃଦୟର ହୃଦୟ ସରଳ ଶାନ୍ତି,
ସ୍ନେହମୟୀ ବିନେ ପ୍ରତି ସ୍ନେହେ ବିଭୂକୃପା ପରିବ୍ୟାପ୍ତ ।

ଚିଲିକାର ଶାନ୍ତ ସ୍ନିଗ୍ଧ ବେଳାରେ ଗୁଞ୍ଜରିତ ତବଧ୍ୱନି,
ରେଣୁ ରେଣୁ ବାଲିଝରା କାବ୍ୟ ଗାଥାରେ କାନ୍ଦେ ମାନିନୀ ।
ମରାଳ ମାଳିନୀ ପଂକ୍ତିଟା ବିଷାଦେ ଯାଉଥିଲା ଉଡ଼ି,
ଏବେବିତ ଗୁଞ୍ଜରୀତ ଶବ୍ଦ ପ୍ରତିଶବ୍ଦର ବର୍ଣ୍ଣାଳୀ ।

ତଲ୍ଲୀନ ଥିଲ ଦିଗ୍ ବିଜୟୀ କାବ୍ୟର ସାରଥୀ ତମେ,
ଭାବର ଭାବୋଚ୍ଛାସ ପ୍ରୀତିଭରା ଲେଖନୀ ଅନୁପମେ ।
ଗହନ ମନରେ ବିମୁଗ୍ଧ ରାଜନନ୍ଦିନୀ ସ୍ମୃତିରେଖା,
ପ୍ରୀତିଲଗ୍ନା ପ୍ରୀତିଲଗ୍ନେ ସ୍ମିତହାସ୍ୟେ ହୁଅଇ ବିମୁଗ୍ଧ ।

ଦୂର ଦିଗ୍‌ବଳୟେ ଚୂକେତ ଅଂଶୁମାନ ଢଳିଗଲେ,
ମାର୍ମିକ ମନଟିରେ ହଲ୍ଲୋଳିତ ପ୍ରାଣେ ପୁଲକ ଖେଳେ ।
ଏଣୁ ଆହେ ଦିଗ୍‌ଦର୍ଶକ!
ଦୂର ଦାୟାଦର ଘେନହେ କୋଟି ପ୍ରଣାମ,
ସୂର୍ଯ୍ୟଦେବ, ଚନ୍ଦ୍ର ଥିବାଯାଏଁ କରୁଥିବେ ଯଶଗାନ
କରୁଥିବେ ଯଶଗାନ ।


ଭୋଗରାଇ, ବାଲେଶ୍ୱର, ମୋ: ୯୭୭୭୧୦୯୨୦୫


## ଶୁଖିଲା ମନ


### ଡୁଇଟ ଡେଭିଡ ଫିଲିପ୍




ଶୁଖିଲା ଗଛ,
ଶୁଖିଲା ମୁଁହ,
ଶୁଖିଲା କଲମ,
ଶୁଖିଲା ହ୍ରଦ,
ଶୁଖିଲା ନଦୀ,
ଶୁଖିଲା ପୋଖରୀ,
ଶୁଖିଲା ଲୁହ,

ଶେଷ ନୁହେଁ,
ସମୟ ଚକ୍ରର ସେସବୁ ଖାଡ଼ି,
ପରିଚୟ ଓ ସତ୍ତା ପାଇ ଦୁଃଖିତ ଆଜି,
ସ୍ରୋତରୁ ବିୟୋଗ ହୋଇ ଯାଇଛି,
ବ୍ରଭାଣ୍ଡରେ ଏ କି ନୂଆଁ କଥା
ହୋଇଛି !

ଘରେ ପଶିଲେ, ତିନି ବର୍ଷର ଛୁଆ
ଦଉଡ଼ି ଆସିବ,
କଅଁଳ ହାତରେ ମୋତେ ଧରିବ,
ମୁଁ ଦାଦନ, ତାକୁ ଦେବୀ କଣ,

ତା ମାଁ କୁ ପୁଣି,
ପୁଣି ମୋ ମାଁ ବୁଢ଼ୀ,
ଆଉଥରେ କହିବ, 'ଗତ ଥର ବିତ
କହିଥିଲି ଯାଆନି'
ମାଲିକ କହିଲା, ଯା ଆଉ ଥରେ
ଆସିଲେ ଦେବି।


+ ଚାଇବସା, ଝାଡ଼ଖଣ୍ଡ
୧୩/୧୧/୨୦୨୨
(ମୋ) ୯୪୩୭୧୦୪୩୦୩


## ରଫ୍ ଖାତା


### ଦୀପ୍ତି ମିଶ୍ର




ପ୍ରତିଶ୍ରୁତି ଦେବାରେ କାର୍ପଣ୍ୟତା
ବା କାହିଁ ????
ସେ ତ ଶବ୍ଦ ଚାତୁରୀର ଖେଳ
କେତେବେଳେ ବାହାର ଖେଳ
କେତେବେଳେ ଭିତର.....

କେବେ ଆଲୁଅରେ ,
କେବେ ପୁଣି ଅନ୍ଧାରରେ.....
ବହୁରୂପୀ ଏଣ୍ଡୁଅ ପରି
ପ୍ରତିଶ୍ରୁତି ବି ରଙ୍ଗ ବଦଳାଏ....

ନିର୍ଲଜ୍ଜ ଙ୍କ ଦିନଲିପି ରେ,
କେତେବେଳେ ଯେ
ଶବ୍ଦ ମାନେ ପଛ କରି ଦିଅନ୍ତି ....
ଆଉ ଡ଼ାଏରି ଟା ଅନାବନା
ରଫ୍ ଖାତା ପାଲଟି ଯାଏ ।

ହେ ସମୟ !!!
ତୁମେ କେବେ ହେନା ଫୁଲ ର
ବାସ୍ନା ରେ ବାସ୍ନାୟିତ
କରିଦିଅ ମୋର ନୀରବତାର
ମୁହୂର୍ତ୍ତ ଗୁଡ଼ିକୁ..... ପୁଣି
ଜାଣେନା କେବେ
କାହିଁକି କଣ୍ଟକିତ ହୋଇ ଉଠେ
ସ୍ୱପ୍ନମୟ ଆଶାର କଳିକା....

କଣ୍ଟା ଓ ଫୁଲର ମିଶ୍ରିତ ପାଖୁଡ଼ାରେ
ସତେ ଅବା ଜୀବନ
ଏକ ରଫ୍ ଖାତା ସଦୃଶ
ସଂସାରକୁ ବୋଝ ଭଳି ମୁଣ୍ଡାଇ ଥାଏ ।

ଏଠି କିଏ କାହାର ପ୍ରତିଶ୍ରୁତି କୁ
ପବନରେ ଉଡ଼େଇ ଦିଏ ତ....
କିଏ ପାଣି ର ଗୀତ କରି
ସ୍ରୋତସ୍ୱିନୀ ରେ ଉଝେଇଁ ଦିଏ ...

ରଫ୍ ଖାତା ସଦୃଶ
ଜୀବନର ପ୍ରତିଟି ପୃଷ୍ଠା
କେତେ ବେଳେ
ଦୀର୍ଘ ଶ୍ୱାସର ଲୁହରେ
ଓଦା ହୋଇ ଯାଇଥାଏ
ଜଣା ବି ପଡେନି ।


ବାରିପଦା
ମୋ -୯୪୩୮୪୦୪୩୦୮

# ରାଜ୍ୟ ମାନବିକ ଅଧିକାର ଆୟୋଗ ପକ୍ଷରୁ ମାନବାଧିକାର ଦିବସ ପାଳିତ

ଭୁବନେଶ୍ୱର, ୧୨/୧୨ (ନି.ପ୍ର): ଓଡ଼ିଶା ରାଜ୍ୟ ମାନବାଧିକାର ଆୟୋଗ ଆନୁକୂଲ୍ୟରେ ଆୟୋଗଙ୍କ ସମ୍ମିଳନୀ କକ୍ଷରେ ମାନବାଧିକାର ଦିବସ ପାଳିତ ହୋଇଯାଇଛି । ସାରା ବିଶ୍ୱରେ ପ୍ରତିବର୍ଷ ଡିସେମ୍ବର ମାସ ୧୦ ତାରିଖରେ ମାନବାଧିକାର ଦିବସ ପାଳନ କରାଯାଇଥାଏ । ୧୯୪୮ ମସିହାରେ ମିଳିତ ଜାତିସଂଘର ସାଧାରଣ ପରିଷଦରେ 'ଡିସେମ୍ବର ମାସ ୧୦ ତାରିଖକୁ ମାନବାଧିକାର ଦିବସ ଭାବେ ପାଳନ କରିବା ପାଇଁ ଘୋଷଣା କରାଯାଇଥିଲା । ତାହା ପରଠାରୁ ସବୁ ଦେଶ ତଥା ରାଜ୍ୟରେ ଏହି ଦିବସକୁ ମାନବାଧିକାର ଦିବସ ଭାବେ ପାଳନ କରାଯାଉଛି । ଓଡ଼ିଶା ରାଜ୍ୟ ମାନବିକ ଅଧିକାର ଆୟୋଗ ଗଠନ ହେବା ଦିନଠାରୁ ଅର୍ଥାତ୍ ୨୦୦୦ ମସିହାଠାରୁ ରାଜ୍ୟ ମାନବିକ ଅଧିକାର ଆୟୋଗ ତରଫରୁ ପ୍ରତିବର୍ଷ ଡିସେମ୍ବର ୧୦ ତାରିଖ ଦିନ ମାନବାଧିକାର ଦିବସ ପାଳନ କରାଯାଉଛି । ଜନ୍ମ ହେବା ପରଠାରୁ ପ୍ରତ୍ୟେକ ମଣିଷର କେତେଗୁଡ଼ିଏ ମୌଳିକ ଅଧିକାର ଓ କର୍ତ୍ତବ୍ୟ ରହିଛି, ସେଥିରୁ ସେମାନଙ୍କୁ କେହିହେଲେ ବଞ୍ଚିତ କରିପାରିବେ ନାହିଁ, ଏହା ହିଁ ହେଉଛି ମାନବିକ ଅଧିକାର ଦିବସ ପାଳନର ମୂଳଲକ୍ଷ୍ୟ । ପ୍ରତ୍ୟେକ ନାଗରିକ ଯେପରି ନିଜର ମୌଳିକ ଅଧିକାର ଓ କର୍ତ୍ତବ୍ୟରୁ ବଞ୍ଚିତ ନହୁଏ ତାହା ହିଁ ହେଉଛି ମାନବିକ ଅଧିକାର ଦିବସ ପାଳନର ଉଦ୍ଦେଶ୍ୟ । ରାଜ୍ୟ ମାନବିକ ଅଧିକାର ଆୟୋଗଙ୍କ ଅଧ୍ୟକ୍ଷ ଜଷ୍ଟିସ୍ ବି.କେ. ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସଭାରେ ସ୍ୱତନ୍ତ୍ର ଡି.ଜି. ପ୍ରାଣବିନ୍ଦୁ ଆଚାର୍ଯ୍ୟ, ଆୟୋଗଙ୍କ ସଚିବ ସୁନୀଲ କୁମାର ନାୟକ, ରେଜିଷ୍ଟ୍ରାର ରାଜୀବ ଲୋଚନ ସାହୁ, ସହକାରୀ ରେଜିଷ୍ଟ୍ରାର ବିଶ୍ୱଜିତ ମହାପାତ୍ର, ଆୟୋଗର ଯୁଗ୍ମ ସଚିବ ବିଶ୍ୱଜିତ ଚନ୍ଦ୍ର ବର୍ମନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଦ୍ୟୁତ ଚନ୍ଦ୍ର ପଣ୍ଡା, ସହକାରୀ ଆରକ୍ଷୀ ଅଧୀକ୍ଷକ ସତ୍ୟନାରାୟଣ ପ୍ରଧାନ ଏବଂ ସଂଗ୍ରାମ କେଶରୀ ବିଶ୍ୱାଳଙ୍କ ସହ ମାନବିକ ଅଧିକାରୀ ଆୟୋଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ସଭାରେ ଉପସ୍ଥିତ ଥିଲେ । ଶେଷରେ ମାନବ ଅଧିକାରଗୁଡ଼ିକର ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ବେସରକାରୀ ଅନୁଷ୍ଠାନଗୁଡ଼ିକୁ ଏ ସଂପର୍କରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା ।

# ଧରାପଡିଲା ହାଇପ୍ରୋଫାଇଲ ଜୁଆ ଖେଳ: ୧୬ ଲକ୍ଷ ଟଙ୍କା ଜବତ, ୧୩ ଗିରଫ

ରାଉରକେଲା, ୧୨/୧୨ (ନି.ପ୍ର): ରାଉରକେଲା ପୁଲିସ ଜିଲ୍ଲା ରଘୁନାଥପାଲ୍ଲୀ ଥାନା ପାଖରେ ଥିବା ହୋଟେଲ ପ୍ୟାଲେସରେ ଦିର୍ଘ ଦିନ ଧରି ଚାଲିଥିବା ଜୁଆଖେଳ ଉପରେ ପୁଲିସର ନଜର ବିଳମ୍ବରେ ହେଲେ ମଧ୍ୟ ନଜର ପଡି ଚଢଉ ହେବା ପରେ ସେଠାରୁ ୧୬ ଲକ୍ଷ ୨ ହଜାର ୧୩୦ ଟଙ୍କା ଜବତ ହେବା ସହ ୧୩ ଜଣଙ୍କୁ ଗିରଫ କରାଯାଇଛି । ରାଉରକେଲା ସହରର ବିଭିନ୍ନ ହୋଟେଲ ଜୁଆ ଖେଳ ସାଂଗକୁ ନାନା ପ୍ରକାର ଅନୈତିକ କାରବାର ଚାଲୁଥିବା ନେଇ ସହରରେ ଆଲୋଚନା ହେଉଥିବା ବେଳେ ଥାନା ପାଖରେ ଥିବା ହୋଟେଲରେ ଏଭଳି କାରବାର ଚାଲିଥିବା ନେଇ ପୁଲିସ ଜାଣି ରୁମ ନମ୍ବର ୧୦୫ରେ ଚଢଉ କରିଥିଲା । ସେଠାରୁ ଏହି ପରିମାଣର ଟଙ୍କା ଜବତ ହେବା ସହ ୧୧ଟି ମୋବାଇଲ ଜବତ ହୋଇଥିଲା । ଜୁଆ ଆଡ୍ଡାରୁ ଗିରଫ ବ୍ୟକ୍ତି ମାନେ ରାଉରକେଲା ସହରର କିଛି ଲୋକ ହୋଇଥିବା ବେଳେ ଅନ୍ୟମାନେ ବୀରମିତ୍ରପୁର, ରାଜଗାଂଗପୁର ଅଂଚଳର ବୋଲି ଜଣାପଡିଛି । ସେମାନେ ହେଲେ ଆବିଦ ଜୁମେନ (୩୮), ମହମଦ ଅଶ୍ରଫ (୪୮), ପ୍ରଦିପ (୪୨), ପର୍ଶୁରାମ ସାହୁ (୫୪), ରାଜଗାଂଗପୁରର ଲକ୍ଷ୍ମଣ ମାଝି (୫୦), ମହମ୍ମଦ ନଦୀମ (୩୭), ରାଜଗାଂଗପୁରର ମହେଶ ଅଗ୍ରୱାଲ (୩୫), ରାଜଗାଂଗପୁରର ନନ୍ଦନ ରାମ (୪୦), ବୀରମିତ୍ରପୁରର ଗୌରୀ ଶଙ୍କର ପାଣ୍ଡେ (୩୫), ସନ୍ତୋଷ ସାହୁ (୩୫), ବୀରମିତ୍ରପୁରର ପିଟର ଖେସ (୫୨), ଦେଓ ଗାଁ ର ଶଙ୍କର ସାହୁ (୫୩) ଙ୍କ ସହ ହୋଟେଲ କର୍ମଚାରୀ ସୁକାନ୍ତ ଚନ୍ଦ୍ର ଦାସ (୫୨) । ତେବେ ଏହି ଜୁଆଡିଙ୍କ ଭିତରେ ଅନେକ ବଡ ବଡ ବେପାରୀ ଥିବା ବେଳେ ନାମୀ ଦାମି ଲୋକ ଥିବାରୁ ଏହି ଖବର ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି । ସହରରେ ହୋଟେଲ ଖୋଲି ବେପାର ହେଉଥିବାରୁ ଏଭଳି ଅନୈତିକ କାମରେ ମାଲିକ ଓ କର୍ମଚାରୀ ମାନେ ନିୟମିତ ସାମିଲ ରହୁଥିବା କଥା ଆଜିର ନୁଆ ନୁହେଁ, ରେଲଷ୍ଟେସନ ଅଂଚଳରେ ଥିବା ହୋଟେଲ ଗୁଡିକର ଅନେକ ଇତିହାସ ମଧ୍ୟ ରହିଛି । ରେଳରୁ ଓହ୍ଲାଇ ରାତି କଟାଇ ଚାଲିଯାଉଥିବା ଲୋକ ମାନେ କିଏ ତାହା ନିୟମିତ ଛାନଭିନ ହେଲେ ଜଣାପଡିବ, ପୁଲିସ ଏ ଦିଗରେ ସତର୍କ ରହିଲେ ବହୁ ଗୁଢ ରହସ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଆଲୋଚନା ହେଉଛି ।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

ଧର୍ମଶାଳା, ୧୨/୧୨ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦାଠାରେ ଅବସ୍ଥାପିତ ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ନାରାୟଣ ପ୍ରସାଦ ଦାସ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ ଦିବଙ୍ଗତ ସଭ୍ୟ ରବିନାରାୟଣ ପତି ଓ କାଶୀନାଥ ରାୟଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନ କରାଯାଇଥିଲା । ସଂଘ ସମ୍ପାଦକ ବିଶ୍ୱନାଥ ପଣ୍ଡା ବାର୍ଷିକ ବିବରଣୀ ପାଠ କରିବା ସହିତ ବୈଠକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ବରିଷ୍ଠମାନେ କେବେ ଥକି ପଡନ୍ତି ନାହିଁ, କିଛି କରି ଚାଲିଥାନ୍ତି । ଅବସରପ୍ରାପ୍ତ କର୍ମଚାରୀ ସଂଘମାନଙ୍କର ଅବସର ନାହିଁ । ସଂଘ ଦ୍ୱାରା ପାରିତ କରାଯାଉଥିବା ସମାଜ କଲ୍ୟାଣ ମୂଳକ କାର୍ଯ୍ୟକ୍ରମରେ ସେମାନେ ସବୁବେଳେ ଶ୍ରଦ୍ଧାର ସହ ସମାପନ କରି ସାମାଜିକ ସ୍ନେହ ଶ୍ରଦ୍ଧା ଲାଭ କରନ୍ତି ବୋଲି ଆଲୋଚନା କରିବା ଅବସରରେ ସଭ୍ୟା ମାଧବୀଲତା ରାଉତ, ଆନନ୍ଦ ଚନ୍ଦ୍ର ନାୟକ, ମହମ୍ମଦ ଇବ୍ରାହିମ୍, ବିଷ୍ଣୁ ସାହୁ, ତଜମୁଲ ହୋସେନ, ବିଷ୍ଣୁ ନାୟକ, ୟୁନୁସ୍ ଖାଁନ, ନିମାଇଁ ଚରଣ ଦାସ, ଜାବିର ଅଲ୍ଲୀ, ଜଗବନ୍ଧୁ ଶତପଥୀ ଓ ଶରତ ଚନ୍ଦ୍ର ବେହେରା ପ୍ରମୁଖ ନିଜ ନିଜର ମତ ପ୍ରକାଶ କରିଥିଲେ । ଆସନ୍ତା ନୂତନ ବର୍ଷରେ ଭ୍ରମଣ କରିବା ସହିତ ମାର୍ଚ୍ଚ ମାସରେ ସଂଘର ବାର୍ଷିକ ଉତ୍ସବ ଓ ବରିଷ୍ଠ ମୁଖପତ୍ରର ଉନ୍ମୋଚନ ଆଦି କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ଶେଷରେ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଡିସେମ୍ବର ୨୭ରେ ଆନ୍ଦୋଳନକୁ ଓହ୍ଲାଇବ ପ୍ରାଥମିକ ଶିକ୍ଷକ (ଏକ୍ସ-କ୍ୟାଡ଼ର) ମହାସଂଘ

ଭୁବନେଶ୍ୱର, ୧୨/୧୨ (ନି.ପ୍ର): ରାଜ୍ୟରେ କାର୍ଯ୍ୟରତ ପ୍ରାଥମିକ ଶିକ୍ଷକ (ଏକ୍ସ-କ୍ୟାଡ଼ର)ମାନଙ୍କର ସମସ୍ୟା ଗୁଡ଼ିକର ସମାଧାନ ପାଇଁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିକୁ ଆଣିଥିବା ସତ୍ତ୍ୱେ ସମାଧାନ ହୋଇ ନ ପାରିବାରୁ ଆସନ୍ତା ଡ଼ିସେମ୍ବର ୨୭ ତାରିଖରୁ ରାଜରାସ୍ତାରେ ଆନ୍ଦୋଳନକୁ ଓହ୍ଲାଇବାକୁ ସରକାରଙ୍କୁ ଚେତାବନୀ ଦିଆଯାଇଛି । ଏ ସମ୍ପର୍କରେ ଭୁବନେଶ୍ୱର ଖାରବେଳ ନଗରସ୍ଥିତ ଶିକ୍ଷକ ଭବନରେ ଏକ ଖବରଦାତା ସମ୍ମିଳନୀରେ ମହାସଂଘର ସଭାପତି ଶରତ ଚନ୍ଦ୍ର ନାୟକ ପ୍ରକାଶ କରିଛନ୍ତି । ଇଜିଏସ୍ ଯୋଜନା ବନ୍ଦ ହେବା ପରେ ଛଟେଇ ଶିକ୍ଷା ସ୍ୱେଚ୍ଛାସେବୀ ମାନଙ୍କୁ ରାଜ୍ୟ ସରକାର ୨୦୦୮ ମସିହାରେ ସେମାନଙ୍କୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ଗଣଶିକ୍ଷକ ଭାବରେ ନିୟୋଜିତ କଲେ । ପରବର୍ତ୍ତୀ ସମୟରେ ଏମାନଙ୍କୁ ନିୟମିତ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବିଜ୍ଞପ୍ତି ନଂ-୧୪୪୬୭ ତା ୨୫.୦୭.୨୦୧୬ ଓ ବିଜ୍ଞପ୍ତି ନଂ-୧୫୨୯୦ ତା ୨୨.୧୨.୨୦୧୬ରେ ନିର୍ଦ୍ଦେଶନାମା ପ୍ରକାଶ କରିଥିଲେ । ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଯେଉଁମାନେ ୮ ବର୍ଷ ପୂରଣ କରିଥିଲେ, ସେମାନେ ତା ୦୧.୦୩.୨୦୧୭ରୁ ନିୟମିତ ଶିକ୍ଷକ ହେଲେ । କିନ୍ତୁ ବିଭିନ୍ନ କାରଣରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୪୦୦୦ ଗଣଶିକ୍ଷକ ନିୟମିତ ହେବାରୁ ବାଦ୍ ପଡ଼ିଛନ୍ତି । ଏଣୁ ଗଣଶିକ୍ଷକଙ୍କ ନିୟୋଜିତ ବର୍ଷ ୨୦୦୮ରୁ ୮ ବର୍ଷ ଅବଧି ଗଣନା କରାଯାଇ ଥିବାରୁ ୨୦୧୨ ମସିହାରୁ ଓଡ଼ିଶାରେ ଲାଗୁ କରାଯାଇଥିବା ଓଟିଇଟି ସେମାନଙ୍କ ପାଇଁ ଆବଶ୍ୟକ ନାହିଁ ବୋଲି ଶିକ୍ଷକନେତାମାନେ ପ୍ରକାଶ କରିଛନ୍ତି । ଏଣୁ ଓଟିଇଟି ଉଚ୍ଛେଦ କରି ଯୋଗ୍ୟ ଗଣଶିକ୍ଷକ ମାନଙ୍କୁ ତା ୦୧.୦୩.୨୦୧୭ରୁ ନିୟମିତ କରି ଅବଶିଷ୍ଟ ଗଣଶିକ୍ଷକଙ୍କ ଦରମା ବୃଦ୍ଧି କରିବାକୁ ଦାବୀ କରିଛନ୍ତି । ଏହା ବ୍ୟତୀତ ଏକ୍ସ-କ୍ୟାଡ଼ର ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଯଥା ୩୧.୦୩.୨୦୧୯ ପରେ ଓଟିଇଟି ପାସ୍ କରିଥିବା ଏକ୍ସ-କ୍ୟାଡ଼ର ଶିକ୍ଷକଙ୍କ ୦୧.୦୩.୨୦୨୦ରୁ ବନ୍ଦ ଥିବା ଇନକ୍ରିମେ ପ୍ରଦାନ କରିବା, ସମଗ୍ର ଶିକ୍ଷା ଅଭିଯାନରେ କରାଯାଇଥିବା ଡେପୁଟେସନ ବାତଲ୍ କରି ଏକ୍ସ-କ୍ୟାଡ଼ର ବ୍ୟବସ୍ଥା ଉଚ୍ଛେଦ ସହ ୦୧.୦୩.୨୦୧୭ରୁ କ୍ୟାଡ଼ରଭୁକ୍ତ କରିବା, ଟ୍ରେଜେରୀ ମାଧ୍ୟମରେ ଦରମା ପ୍ରଦାନ କରିବା, ପୁରୁଣା ପେନସନ ବ୍ୟବସ୍ଥା (ଓପିଏସ୍) ଲାଗୁ କରିବା, ଅବିକଳ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରିବା, ମୃତ ଗଣଶିକ୍ଷକ ମାନଙ୍କୁ ଏକ୍ସ-ଗ୍ରାସିଆ ପ୍ରଦାନ କରିବା, ଏକ୍ସ-କ୍ୟାଡ଼ର ଶିକ୍ଷକମାନେ ଏଲିମେଣ୍ଟାରୀ କ୍ୟାଡ଼ରର ଲେବୁଲ-୫ ଭଳି ସମସ୍ତ ସୁବିଧା ସୁଯୋଗ ପାଇବେ ବୋଲି ଜିଲ୍ଲା ଓ ବ୍ଲକସ୍ତରକୁ ସ୍ପଷ୍ଟ ନିର୍ଦ୍ଦେଶନାମା ପ୍ରେରଣ କରିବା, ଦାବୀଗୁଡ଼ିକ ଆଗାମୀ ୨୬.୧୨.୨୦୨୨ ସୁଦ୍ଧା ମହାସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ପୂରଣ କରିବାକୁ କୌଣସି ପଦକ୍ଷେପ ନିଆନଗଲେ ଆସନ୍ତା ୨୭.୧୨.୨୦୨ରିଖରୁ ବିଧାନସଭା ସମ୍ମୁଖରେ ହଜାର ହଜାର ଏକ୍ସ-କ୍ୟାଡ଼ର ଶିକ୍ଷକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ମହାସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ ଖମାରୀ ପ୍ରକାଶ କରିଛନ୍ତି । ଏଥିପାଇଁ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ଓଡ଼ିଶା ସରକାର ଓ ପ୍ରଶାସନ ଦାୟୀ ରହିବେ ବୋଲି ମହାସଂଘର କାର୍ଯ୍ୟକାରୀ ସଭାପତି ଜୟନ୍ତୀଲାଲ ସାହୁ ଚେତାବନୀ ଦେଇଛନ୍ତି । ଆଜିର ସାମ୍ବାଦିକ ସମ୍ମିଳନୀରେ ମହାସଂଘର କାର୍ଯ୍ୟକାରୀ ସଭାପତି ଅଲେଖ ସାହୁ, ମହାସଚିବ ହାନେଶ ପାତ୍ର ବାଗ, କୋଷାଧ୍ୟକ୍ଷ ବିଜୟ ମିଶ୍ର, ଉପସଭାପତି ବିଶ୍ୱରଞ୍ଜନ ଦାସ, ରାଜୀବ ଲୋଚନ ପ୍ରଧାନ, ସୁରେନ୍ଦ୍ର ମଲ୍ଲିକ, ରାଜକିଶୋର ପ୍ରଧାନ, ସପ୍ତମ କିଶୋର ବେହେରା, ମିନତୀ ମିଶ୍ର, ମୁଖ୍ୟ ସାଂଗଠନିକ ସମ୍ପାଦକ ଗଙ୍ଗା ନାରାୟଣ ପାଢୀ, ସୁଦର୍ଶନ ବରାଳ, ରାଜକିଶୋର ବାରିକ, ପ୍ରମୋଦ ବେହେରା, ଅଭିମନ୍ୟୁ ସାହୁ, ଅନିୟ ବରାଳ, ସୁବ୍ରତ ଦଣ୍ଡସେନା, ଉପସଭାପତି ଉମେଶ ସ୍ୱାଇଁ, ଆଲୋକ ରାୟ ଏବଂ ଗଣମାଧ୍ୟମ ସଂଯୋଜକ ରଞ୍ଜୁ ଅମାତ ପ୍ରମୁଖ ଉପସ୍ଥିତ ଥିଲେ ।

# ମେଡିକାଲ ନାମଲେଖା: ୧୩୫ ସିଟ୍ ଖାଲି, ୧୩ରେ ସ୍ୱଟ୍ କାଉନସେଲିଂ

ଭୁବନେଶ୍ୱର, ୧୨/୧୨ (ନି.ପ୍ର): ରାଜ୍ୟରେ ଥିବା ମେଡିକାଲ କଲେଜଗୁଡ଼ିକର ଏମ୍‌ବିବିଏସ୍ ଓ ବିଡିଏସ୍ ପାଠ୍ୟକ୍ରମରେ ଦୁଇ ରାଉଣ୍ଡ ନାମଲେଖା ଶେଷ ହୋଇଛି । ତା' ପରେ ବି ୧୩୫ଟି ସିଟ୍ ଖାଲି ରହିଛି । ୮ଟି ସରକାରୀ ମେଡିକାଲ କଲେଜର ସମସ୍ତ ସିଟ୍ ପୂରଣ ହୋଇ ସାରିଥିବା ବେଳେ ନୂଆ କରି ପ୍ରତିଷ୍ଠା ହୋଇଥିବା ସୁନ୍ଦରଗଡ଼ ଓ କେନ୍ଦୁଝର ସରକାରୀ ମେଡିକାଲ କଲେଜରେ ମାତ୍ର ୪ଟି ଏମ୍‌ବିବିଏସ୍ ସିଟ୍ ବଳକା ରହିଛି । କେନ୍ଦୁଝର ମେଡିକାଲ କଲେଜରେ ଦୁଇଟି ସିଟ୍ ଅନୁସୂଚିତ ଜାତି(ଏସ୍‌ସି) ବର୍ଗ ଛାତ୍ରଛାତ୍ରୀଙ୍କ ଲାଗି ବଳକା ଥିବା ବେଳେ ଗୋଟିଏ ସାଧାରଣ ବର୍ଗର ଏକ୍ସ-ସର୍ଭିସ୍‌ମ୍ୟାନ୍‌ଙ୍କ ପାଇଁ ରହିଛି । ସୁନ୍ଦରଗଡ଼ ମେଡିକାଲ କଲେଜରେ ଗୋଟିଏ ମାତ୍ର ଏମ୍‌ବିବିଏସ୍ ସିଟ୍ ଏସ୍‌ସି ବର୍ଗଙ୍କ ପାଇଁ ବଳକା ଅଛି । କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜର ସମସ୍ତ ଏମ୍‌ବିବିଏସ୍



ସିଟ୍ ପୂରଣ ହୋଇଥିଲେ ମଧ୍ୟ ବିଡିଏସ୍‌ରେ ୧୩ଟି ସିଟ୍ ରହିଛି । ସେଥିରୁ ୮ଟି ସାଧାରଣ ବର୍ଗ, ୩ଟି ଇଡବ୍ଲୁଏସ୍ ଓ ୨ଟି ସାଧାରଣ ବର୍ଗର ଗ୍ରିନ୍‌କାର୍ଡଧାରୀଙ୍କ ଲାଗି ସଂରକ୍ଷିତ ରହିଛି । ରାଉରକେଲା ଓ ଭୁବନେଶ୍ୱରରେ ଥିବା ହାଇଟେକ୍ ମେଡିକାଲ କଲେଜରେ ସିଟ୍ ବଳିଛି । ହାଇଟେକ୍ ଭୁବନେଶ୍ୱରରେ ଏମ୍‌ବିବିଏସ୍‌ରେ ୧୯, ବିଡିଏସ୍‌ରେ ୮୩ଟି ସିଟ୍ ବଳକା ଥିବା ବେଳେ ହାଇଟେକ୍ ରାଉରକେଲାରେ ୧୬ଟି ଖାଲି ରହିଛି । ଓଜେଇଇର ଦୁଇ ରାଉଣ୍ଡ କାଉନସେଲିଂରେ ଏସ୍‌ସିବି କଲେଜର ଏମ୍‌ବିବିଏସ୍ ପାଠ୍ୟକ୍ରମର ୨୧୨, ଏମ୍‌କେସିଜି, ବ୍ରହ୍ମପୁରର ୨୧୨, ବୁର୍ଲା ଭୀମସାରର ୧୭୦, ଏସ୍‌ଏଲ୍‌ଏନ୍, କୋରାପୁଟର ୧୦୬, ପିଆରଏମ୍, ବାରିପଦାର ୧୦୬, ବିବି, ବଲାଙ୍ଗୀର, ଏଫ୍‌ଏମ୍, ବାଲେଶ୍ୱର ଓ ଏସ୍‌ଜେ, ପୁରୀର ୮୫ଟି ଲେଖାଏଁ ସିଟ୍ ପୂରଣ ହୋଇଯାଇଛି । ଏମ୍‌ବିବିଏସ୍ ଓ ବିଡିଏସ୍ ପାଠ୍ୟକ୍ରମରେ ଖାଲିଥିବା ସିଟ୍ ପୂରଣ ଲାଗି ଆସନ୍ତା ୧୩ ତାରିଖରେ ସ୍ୱଟ୍ କାଉନସେଲିଂ ଅନୁଷ୍ଠିତ ହେବ । କେଉଁ ର୍ୟାଙ୍କଧାରୀମାନେ ଭାଗ ନେବା ପାଇଁ ଯୋଗ୍ୟ, ତାହାର ତାଲିକା www.ojee.nic.in ୱେବସାଇଟ୍‌ରେ ଉପଲବ୍ଧ ହେଉଛି । ଆଗ୍ରହୀ ର୍ୟାଙ୍କକାର୍ଡଧାରୀ ଭୁବନେଶ୍ୱର ଗଣ୍ଡମୁଣ୍ଡାସ୍ଥିତ ଓଜେଇଇ ସେଲ୍‌କୁ ଆସି ଏହି କାଉନସେଲିଂରେ ଭାଗ ନେଇପାରିବେ ।

# ଅନୁଗୁଳରେ ୨୮ତମ ରାଜ୍ୟ ଟେବୁଲ ଟେନିସ୍ ପ୍ରତିଯୋଗିତା ଡିସେମ୍ବର ୧୪ରୁ

ଭୁବନେଶ୍ୱର, ୧୧/୧୨ (ନି.ପ୍ର): ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏସନ୍ ଆନୁକୂଲ୍ୟରେ ୨୮ତମ ଆନ୍ତଃଜିଲା ଓ ରାଜ୍ୟ ଟେବୁଲ ଟେନିସ ଚମ୍ପିଆନ୍ସିପ୍-୨୦୨୨ ଚଳିତମାସ ୧୪ରୁ ୧୭ ପର୍ଯ୍ୟନ୍ତ ଅନୁଗଳ ସହରର ଟେବୁଲ ଟେନିସ ଏକାଡେମୀ ତଥା ଇନ୍‌ଡୋର ହଲ୍ (ଅନୁଗଳ ଷ୍ଟାଡିୟମ ନିକଟସ୍ଥ)ରେ ଆୟୋଜିତ ହେବ । ଆନ୍ତଃଜିଲା ଓ ରାଜ୍ୟ ଟେବୁଲ ଟେନିସ ଚମ୍ପିଆନ୍ସିପ୍ ରାଜ୍ୟର ସବୁଠାରୁ ଗରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ପର୍ବରୁ ଆୟୋଜିତ ରାଙ୍କିଙ୍ଗ୍ ଟୁର୍ଣ୍ଣାମେଂଟ ସହ ଏହି ରାଜ୍ୟ ଚମ୍ପିଆନ୍ସିପ୍‌ର ପ୍ରଦର୍ଶନକୁ ଭିତ୍ତିକରି ଆଗକୁହେବାକୁ ଥିବା ବିଭିନ୍ନ ଜାତୀୟ ଟେବୁଲ ଟେନିସ ଚମ୍ପିଆନ୍ସିପ୍ ଲାଗି ସିନିୟର ସହ ଓଡ଼ିଶାର ବିଭିନ୍ନ ବୟସବର୍ଗର ବାଳକ ଓ ବାଳିକା ଦଳ ମନୋନୟନ କରାଯିବ । ଏହି ପ୍ରତିଯୋଗିତା ୧୪ଟି ଇଭେଂଟ ବା ବିଭାଗରେ ପ୍ରତିଯୋଗିତା ହେବ । କେବଳ ଓ ଜୁନିୟର ବାଳକ ବିଭାଗରେ ଦଳଗତ ପ୍ରତିଯୋଗିତା ଅନୁଷ୍ଠିତ ହେବ ।

# ମେଡିକାଲ ଷ୍ଟୋରରେ ଭୟାବହ ଅଗ୍ନିକାଣ୍ଡ

ସମ୍ବଲପୁର, ୧୨/୧୨ (ନି.ପ୍ର): ଟାଉନ ଥାନା ଅନ୍ତର୍ଗତ ମୁଦିପଡା ଛକ ଠାରେ ଥିବା ଏକ ମେଡିକାଲ ଷ୍ଟୋରରେ ଭୟାବହ ଅଗ୍ନିକାଣ୍ଡ ଘଟିଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ ଆଜି ଅପରାହ୍ନ ସାଢ଼େ ୪ଟା ସମୟରେ ମୁଦିପଡା ଠାରେ ଥିବା ଭକ୍ତ ସାଇ ମେଡିକାଲ ଷ୍ଟୋରରେ କୌଣସି କାରଣରୁ ନିଆଁ ଲାଗି ହୁତୁ ହୁତୁ ହୋଇ ଜଳି ଉଠୁଥିବା ଦେଖିବାକୁ ମିଳିଥିଲା । ଏହି ମେଡିକାଲ ଷ୍ଟୋରରେ କିପରି ନିଆଁ ଲାଗିଲା ତାହା ସଠିକ୍ ଭାବେ ଜଣାପଡ଼ିନାହିଁ । ତେବେ ଏହି ମେଡିକାଲ ଷ୍ଟୋର ସମ୍ମୁଖ ଗୋଟିଏ ସ୍ଥାନରେ କିଛି ମଇଳା ଆବର୍ଜନା ପୋଡାଯାଉଥିବା ବେଳେ ସେଇ ନିଆଁ ଛିଟିକି ମେଡିକାଲ ଷ୍ଟୋରରେ ଲାଗିଥିବା ସନ୍ଦେହ କରାଯାଉଛି । ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଔଷଧ ଓ ଅନ୍ୟାନ୍ୟ ଉପକରଣ ପୋଡ଼ି ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି ।

# ମା' ତାରିଣୀ ୱାକର୍ର କ୍ଲବର ବାର୍ଷିକୋତ୍ସବ ଅନୁଷ୍ଠିତ

କେନ୍ଦୁଝର, ୧୨/୧୨ (ନି.ପ୍ର): କେନ୍ଦୁଝରରେ ସକାଳ ପଥଚାରୀଙ୍କୁ ନେଇ ଗଠିତ ମା ତାରିଣୀ ୱାର୍କର କ୍ଲବର ବାର୍ଷିକୋତ୍ସ୍ୱ ବଣିଆପାଟ ସ୍ଥିତ କ୍ଲବ ପରିସରରେ ପାଳିତ ହୋଇଯାଇଛି । ଏହି କ୍ଲବ ବର୍ଷ ତମାମ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ବିଷୟରେ ଲୋକଙ୍କୁ ସଚେତନ କରିବା ସହ ସ୍ୱାସ୍ଥ୍ୟ ସଚେତନତା ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରର ଆୟୋଜନ କରିଥାଏ । ଅବସର ପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ତଥା କ୍ଲବର ସଭାପତି ଡାକ୍ତର ପ୍ରଫୁଲ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଏହି ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । କେନ୍ଦୁଝରର ଆରାଧ୍ୟା ଦେବୀ ମା ମାତାରିଣୀଙ୍କ ଫୋଟୋରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପରେ ଜାତୀୟ ସଙ୍ଗୀତ ସମସ୍ତ ସଦସ୍ୟ ମାନଙ୍କ ଦ୍ୱାରା ଗାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଦିବଂଗତ ସାଥି ୱାକର ବନ୍ଧୁଙ୍କ ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏହି କ୍ଲବର ବାର୍ଷିକୋତ୍ସବରେ ସମ୍ମାନିତ ଅତିଥି ଭାବେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ମୁଖ୍ୟ ବକ୍ତା ଭାବେ ୱାକର ଇଣ୍ଟରନେସନାଲର କେଶବ ଚନ୍ଦ୍ର ଦାସ, , ମୁଖ୍ୟ ଅତିଥି ଭାବେ ୱାକର କ୍ଲବ ୧୦୪ ଗଭର୍ଣ୍ଣର ପ୍ରଦୀପ୍ତ କୁମାର ମହାରଣା, ଓ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଏକାମ୍ର ୱାକର କ୍ଲବର ସୁବାଶ ଚନ୍ଦ୍ର ପାଣିଗ୍ରାହୀ , କ୍ଲବର ସାଧାରଣ ସମ୍ପାଦକ ଅଧ୍ୟାପକ ବିଦ୍ୟାଧର ଚୌଧୁରୀ, ଓ ଉପସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ ମଂଚରେ ଉପସ୍ଥିତ ଥିଲେ । ପ୍ରାତଃଭ୍ରମଣର ଉପକାରିତା, ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାରେ କିପରି ନିଜକୁ ସୁରକ୍ଷିତ ରଖିବା , ସୁସ୍ଥ ରହିବାର ଉପାୟ ଓ ଆବଶ୍ୟକତା, ବିଷୟରେ ମଂଚରେ ଥିବା ଅତିଥି ମାନେ ଉପସ୍ଥିତ ସଭ୍ୟଙ୍କୁ ସେମାନଙ୍କର ବକ୍ତବ୍ୟ ମାଧ୍ୟମରେ ଉଦବୋଧନ ଦେଇଥିଲେ । କ୍ଲବର ବାର୍ଷିକ ବିବରଣୀ କ୍ଲବର ସାଧାରଣ ସମ୍ପାଦକ ଶ୍ରୀ ବିଦ୍ୟାଧର ଚୌଧୁରୀ ପାଠ କରିଥିବା ବେଳେ ଶ୍ରୀ ସତ୍ୟଜିତ ସାମନ୍ତରାୟ ମଂଚ ପରିଚାଳନା କରିଥିଲେ । କ୍ଲବର ବରିଷ୍ଠ ସଦସ୍ୟ ସୁଶୀଲ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବାର୍ଷିକ ଉତ୍ସବ କରାଯାଇଥିବା ବେଳେ, କ୍ଲବ ତରଫରୁ ବରିଷ୍ଠ ସାହିତ୍ୟ ଅଧ୍ୟାପକ ତଥା କବି ସୁଧାକର ଦାଶଙ୍କୁ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା । ଏହା ସହିତ କ୍ଲବର ଅନ୍ୟ ବରିଷ୍ଠ ସଦସ୍ୟ ମାନଙ୍କୁ ମଧ୍ୟ ମାନପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ମା ତାରିଣୀ ୱାର୍କର କ୍ଲବର ଉପସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ଜନ୍ମେଞ୍ଜୟ ଦାସ, ଭାଗିରଥି ହେମ୍ବ୍ରମ, ଛବିନ୍ଦ୍ର ସାହୁ, ଭାଗିରଥି ସାହୁ, ଜିତେନ୍ଦ୍ର ଦାସ, ବିବେକାନନ୍ଦ ମାଇତି, ଆର୍ତ୍ତତ୍ରାଣ ସାହୁ, ବରଦା ଦାସ ପ୍ରମୁଖଙ୍କ ସମେତ ବହୁ ପ୍ରାତଃଭ୍ରମଣ ପଥଚାରି ଉପସ୍ଥିତ ଥିଲେ ।

# ସିସିଟିଭି ଜଗିବ ଯୁକ୍ତ୨ ପରୀକ୍ଷା: ୩୦ ସୁଦ୍ଧା ଲଗାଇବାକୁ କଲେଜଗୁଡ଼ିକୁ ନିର୍ଦ୍ଦେଶ

## କ୍ୟାମେରା ନ ଲାଗିଲେ, ଆଡମିଟ୍ କାର୍ଡ ପଠାଯିବନି

ଭୁବନେଶ୍ୱର : ଜାନୁଆରି ଶେଷ ସପ୍ତାହରୁ ଯୁକ୍ତ୨ ପ୍ରାକ୍ଟିକାଲ ପରୀକ୍ଷା । ତାରିଖ ସ୍ଥିର ହୋଇ ନ ଥିଲେ ମଧ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଯେଉଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(ଯୁକ୍ତ୨ କଲେଜ)ର ଭିତ୍ତିଭୂମି ସୁଦୃଢ଼ ନ ଥିବ ସେଠାରେ ଏଥର ପରୀକ୍ଷା କେନ୍ଦ୍ର ହେବ ନାହିଁ । ପରୀକ୍ଷା ପୂର୍ବରୁ କଲେଜଗୁଡ଼ିକର ଭିତ୍ତିଭୂମି ଯାଞ୍ଚ ହେବ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ୩ରୁ ୪ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯିବ । ଟିମ୍‌ର ସଦସ୍ୟମାନେ ପ୍ରତିଦିନ କଲେଜକୁ ଗସ୍ତ କରିବେ । ପ୍ରାକ୍ଟିକାଲ ପରୀକ୍ଷା ପାଇଁ ଲାବରୋଟାରି ରହିଛି କି ନାହିଁ, ସିସିଟିଭି କ୍ୟାମେରା ଲାଗିଛି କି ନାହିଁ, ଆଉ କ'ଣ ଆବଶ୍ୟକତା ରହିଛି, ତାହା ଉପରେ ଯାଞ୍ଚ କରିବେ । ସରକାରୀ, ଅନୁଦାନପ୍ରାପ୍ତ କଲେଜ ସମେତ ସେଲ୍ଫ-ଫାଇନାନ୍ସିଂ କଲେଜକୁ ଗସ୍ତ କରିବେ । ଯଦି କୌଣସି କଲେଜର ଭିତ୍ତିଭୂମି ଠିକ୍ ନଥିବ, ସେଠାରେ ପ୍ରାକ୍ଟିକାଲ ପରୀକ୍ଷା କେନ୍ଦ୍ର ହେବ ନାହିଁ । ସେଠାକାର ପରୀକ୍ଷାର୍ଥୀଙ୍କୁ ନିକଟସ୍ଥ କେନ୍ଦ୍ରକୁ ଯିବାକୁ ପଡ଼ିବ । ପରୀକ୍ଷାକୁ ନଜରରେ ରଖି ଆସନ୍ତା ୩୦ ତାରିଖ ସୁଦ୍ଧା ସମସ୍ତ କଲେଜ କର୍ତ୍ତୃପକ୍ଷ ସିସିଟିଭି କ୍ୟାମେରାଗୁଡ଼ିକୁ ପ୍ରସ୍ତୁତ କରି ରଖିବାକୁ ଦିଆଯାଇଛି । ପୂର୍ବ ବର୍ଷଗୁଡ଼ିକରେ ଅଧିକାଂଶ କଲେଜରେ ସିସିଟିଭି ଲାଗିଥିଲା । ମାତ୍ର ତାହା ଅଚଳ ହୋଇଯାଇଥିବା ନଜରକୁ ଆସିଛି । ତେଣୁ ପରୀକ୍ଷା ପୂର୍ବରୁ ସିସିଟିଭି ସଜାଡ଼ିବାକୁ ପରାମର୍ଶ ଦିଆଯାଇଛି । ପରୀକ୍ଷା କେନ୍ଦ୍ର ହେଉଥିବା ଯେଉଁ କଲେଜ ଏପର୍ଯ୍ୟନ୍ତ ସିସିଟିଭି ଲଗାଇ ନାହାନ୍ତି, ସେମାନେ ଏ ଦିଗରେ ତୁରନ୍ତ ପଦକ୍ଷେପ ନିଅନ୍ତୁ । ପରୀକ୍ଷା କେନ୍ଦ୍ରର ରୁମ୍, ହଲ୍ ଓ ଲାବରୋଟାରିରେ ସିସିଟିଭି ରହିବା ବାଧ୍ୟତାମୂଳକ । ପରୀକ୍ଷାର ସୁପରିଚାଳନା ଲାଗି ରାଜ୍ୟରେ ପ୍ରତିଷ୍ଠା ହେବାକୁ ଥିବା ୨୦୦ରୁ ଅଧିକ ପରୀକ୍ଷା ପରିଚାଳନା ହବ୍(ଇଏମ୍‌ଏଚ୍)ରେ ସିସିଟିଭି ସଜାଡ଼ିବାକୁ ମଧ୍ୟ କୁହାଯାଇଛି । ସେଲ୍ଫ ଫାଇନାନ୍ସିଂ କଲେଜଗୁଡ଼ିକ ଯେତେଶୀଘ୍ର ସମ୍ଭବ ସିସିଟିଭି ଲଗାଇବା ନେଇ ସୁନିଶ୍ଚିତ କରିବେ ଏବଂ ସାମ୍ସ ଇ-ସ୍ପେସ୍‌ରେ ସିସିଟିଭି କ୍ୟାମେରା ଲିଙ୍କ୍ ରିପୋର୍ଟ ୩୦ ତାରିଖ ସୁଦ୍ଧା ଦାଖଲ କରିବାକୁ ପରିଷଦ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

ଯଦି କୌଣସି କଲେଜ ସିସିଟିଭି ଲଗାଇବାରେ ବିଫଳ ହୁଅନ୍ତି, ସେଠାକାର ପରୀକ୍ଷାର୍ଥୀଙ୍କ ଆଡମିଟ୍ କାର୍ଡ ନପଠାଇବାକୁ ପରିଷଦ ନିଷ୍ପତ୍ତି ନେଇଛି । ଯେଉଁ ସ୍ୱୟଂଶାସିତ ମହାବିଦ୍ୟାଳୟ ଗୁଡ଼ିକରେ ଇଏମ୍‌ଏଚ୍ କରାଯାଉଛି, ସେଠାରେ ତୁରନ୍ତ ସିସିଟିଭି ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଯୁକ୍ତ୨ ଥିଓରି ପରୀକ୍ଷା କେନ୍ଦ୍ର ସଂଖ୍ୟା ଏଥର ବୃଦ୍ଧି କରିବାକୁ ପରିଷଦ କର୍ତ୍ତୃପକ୍ଷ ଯୋଜନା ପ୍ରସ୍ତୁତ କରିଛନ୍ତି । ପିଲାଙ୍କ ସଂଖ୍ୟା ବର୍ଷକୁ ବର୍ଷ ବଢୁଥିବାରୁ ଭିତ୍ତିଭୂମି ଅଭାବ ଦେଖିବାକୁ ମିଳୁଛି । ତେଣୁ ୪ରୁ ୫ଟି ସେଲ୍ଫ ଫାଇନାନ୍ସିଂ ଯୁକ୍ତ୨ କଲେଜ ଭିତ୍ତିଭୂମିକୁ ବ୍ୟବହାର କରାଯାଇ ସବ୍-ସେଣ୍ଟର ଭାବେ ସେଠାରେ ପରୀକ୍ଷାର୍ଥୀଙ୍କ ପରୀକ୍ଷା କରାଯିବ ।

# ୮ମ ବାର୍ଷିକ କେଡିଏମ୍ କ୍ରିକେଟ୍ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ

ଧର୍ମଶାଳା, ୧୨/୧୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଡମଧୁପୁର ଖେଳ ପଡିଆଠାରେ ୮ମ ବାର୍ଷିକ କଳ୍ପତରୁ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଘାଟିତ ହୋଇଯାଇଛି । କଳ୍ପତରୁ ଦାସ ନେସନାଲ ଫାଉଁଣ୍ଡେସନ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଂଟକୁ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଆନୁଷ୍ଠାନିକଭାବେ ଯୋଂଗ ଦେଇ ଉଦଘାଟନ କରିଥିଲେ । ଚଳିତ ବର୍ଷ ଏହି ଟୁର୍ଣ୍ଣାମେଂଟରେ ଧର୍ମଶାଳା, ରସୁଲପୁର ଓ କୋରାଇ ବ୍ଲକର ମୋଟ ୭୩ଟି ଟିମ୍ ଅଂଶ ଗ୍ରହଣ କରିଛନ୍ତି । ଉଦଘାଟନୀ ମ୍ୟାଚ ପୁରୁଣା ବୋଉଳମାଳ ଓ ସାହାଣୀଡିହ ପଂଚାୟତ ମଧ୍ୟରେ ମ୍ୟାଚ ଖେଳା ଯାଇଛି । ଏହି ଟୁର୍ଣ୍ଣାମେଂଟ ୨ ମାସ ଧରି ଚାଲି ଫେବୃଆରୀ ମାସ ୫ ତାରିଖରେ ଉଦଯାପିତ ହେବ । ଏହି ଉଦଘାଟନୀ ଉତ୍ସବରେ ନିର୍ବାଚନ ମଣ୍ଡଳୀର ସମସ୍ତ ଜିଲା ପରିଷଦ ସଭ୍ୟସଭ୍ୟା, ସରପଂଚ, ସମିତିସଭ୍ୟ ସଭ୍ୟା ଓ ବରିଷ୍ଠ ନେତା ଯୋଗ ଦେଇଥିଲେ । ଗ୍ରାମାଂଚଳରେ ଥିବା କ୍ରୀଡା ପ୍ରତିଭାଙ୍କୁ ଲୋକାଲୋଚନକୁ ଆଣିବା ଏହି ଟୁର୍ଣ୍ଣାମେଂଟର ମୂଳ ଲକ୍ଷ୍ୟ ବୋଲି ବ୍ଲକ ଅଧ୍ୟକ୍ଷ ଶ୍ରୀଯୁକ୍ତ ବଳବନ୍ତରାୟ କହିଛନ୍ତି ।

## ସମ୍ରାଟ ଅଶୋକ....

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଧର୍ମଗୁରୁ ଉପଗୁପ୍ତ ନାମକ ବୌଦ୍ଧ ସନ୍ନ୍ୟାସୀଙ୍କ ଠାରୁ ବୌଦ୍ଧ ଧର୍ମ ଗ୍ରହଣ କରି 'ଚଣ୍ଡାଶୋକ'ରୁ 'ଧର୍ମାଶୋକ'ରେ ପରିଣତ ହେଲେ। ତରବାରୀର ଜୟ ପ୍ରକୃତ ଜୟ ନୁହେଁ ବରଂ ମଣିଷ ହୃଦୟକୁ ଜୟକରିବା ପ୍ରକୃତ ଜୟ ବୋଲି ସେ ହୃଦୟଙ୍ଗମ କରି ନିଜକୁ ବୁଦ୍ଧଙ୍କ ପରମ ଉପାସକ ହିସାବରେ ଉପସ୍ଥାପନା କଲେ। ଖାଲି ଯେ ସେ ବୌଦ୍ଧ ଧର୍ମରେ ଦୀକ୍ଷିତ ହେଲେ ତା ନୁହେଁ ବରଂ ଏହି ଧର୍ମର ପ୍ରଚାର ଓ ପ୍ରସାର ପାଇଁ ସେ ବିହିତ ପଦକ୍ଷେପ ନେଲେ। କଳିଙ୍ଗବାସୀଙ୍କ ଆଗରେ ନିଜକୁ ପିତୃତୁଲ୍ୟ ଶାସକ ରୂପେ ପରିଚିତ କରାଇବାକୁ ଯାଇ ସେ ନିଜର କଳିଙ୍ଗ ଅନୁଶାସନ ରେ ଲେଖିଥିଲେ, 'ସମସ୍ତ ମନୁଷ୍ୟ ମୋର ସନ୍ତାନ ସଦୃଶ୍ୟ। ମୁଁ ମୋ ନିଜ ସନ୍ତାନ ସନ୍ତତି ମାନଙ୍କ ପାଇଁ ଇହଲୋକ ପରଲୋକ ରେ ଯେମିତି ସୁଖ କାମନା କରେ, ତାହା ମୁ ସମସ୍ତ ମନୁଷ୍ୟ ପାଇଁ କାମନା କରେ'। ଧାର୍ମିକ ସହନଶୀଳତାର ପରିଚୟ ସ୍ୱରୂପ ଶାନ୍ତି, ମୈତ୍ରୀ, ଏବଂ ବିଶ୍ୱ ଭାତୃତ୍ୱ ପ୍ରତିଷ୍ଠା ଦିଗରେ ଭାରତ ଏବଂ ଭାରତ ବାହାରକୁ ଶାନ୍ତିଦୂତ ମାନଙ୍କୁ ପ୍ରେରଣ କରିଥିଲେ। କଳିଙ୍ଗ ଜୟ କରିବା ପରେ ସେଠାରେ ରାଜ କର୍ମଚାରୀ ମାନଙ୍କୁ ନିଯୁକ୍ତି କରି ପ୍ରଜାମାନଙ୍କର ବହୁବିଧ ଉନ୍ନତ ନିମନ୍ତେ ବିଭିନ୍ନ ପଦକ୍ଷେପ ମାନ ନେଇଥିଲେ। ଧର୍ମ ବାସ୍ତବିକ୍ ଅଶୋକଙ୍କ ରାଜନୈତିକ ତଥା ଧାର୍ମିକ ଜୀବନର ଏକ ଅଂଶ ଥିଲା। ଏହା ଥିଲା ସର୍ବଜନା ଦୃତ, ବାସ୍ତବବାଦୀ ଏବଂ ସମାଜ କଲ୍ୟାଣକାରୀ। ଲୋକ ମାନଙ୍କୁ ଏକତ୍ରିତ କରି ଭାରତର ଅଖଣ୍ଡତାକୁ ଅକ୍ଷୁଣ୍ଣ ବଜାୟ ରଖିବା ପାଇଁ ସେ ସର୍ବଦା ତତ୍ପର ଥିଲେ।

ଐତିହାସିକ ଏଚ୍. ଜି. ୱେଲ୍ସଙ୍କ ଭାଷାରେ ନିଜର ମହାନତା ଏବଂ ଉଦାରତା, ଶାନ୍ତ ଏବଂ ରାଜକୀୟ ଉଚ୍ଚ ଭାବନା ତଥା ସେହିପରି ଗୁଣରାଜି ଦ୍ୱାରା ଇତିହାସ ପୃଷ୍ଠା ମଣ୍ଡନ କରିଥିବା ଶତ ସହସ୍ର ନରପତି ମାନଙ୍କ ମଧ୍ୟରେ କେବଳ ମାତ୍ର ଅଶୋକଙ୍କ ନାମ ହିଁ ଏକ ଉଜ୍ଜଳ ନକ୍ଷତ୍ର ରୂପେ ପ୍ରତିଭାତ ହେଉଥାଏ। ବିଶ୍ୱର ଅନ୍ୟ ସମସ୍ତ ସମ୍ରାଟ ମାନଙ୍କଠାରୁ ଅଶୋକ ଙ୍କର ନିଶ୍ଚିତ ସ୍ୱତନ୍ତ୍ରତା ରହିଅଛି। ଅବଶ୍ୟ କେତେକ ଐତିହାସିକ ମାନଙ୍କ ମତରେ ଅଶୋକଙ୍କ କଳିଙ୍ଗ ଯୁଦ୍ଧ ଏବଂ ଧର୍ମ ପ୍ରଚାର ଅତି ରଞ୍ଜିତ ଅଟେ। କିନ୍ତୁ ବିଶ୍ୱ ଇତିହାସରେ ଏହିଭଳି ପରିବର୍ତ୍ତନ ନିଶ୍ଚିତ ନିଆରା । ସେ ଜଣେ କର ନରପତିରୁ ଜନ କଲ୍ୟାଣକାରୀ, ତଥା ଆଦର୍ଶ ଶାସକ ରୂପେ ସର୍ବଜନ ବିଦିତ।

+ଅଧ୍ୟାପକ, ବାଣିଜ୍ୟ ବିଭାଗ, କଟକ

## କଳମା ପଂଚାୟତରେ ଜେସିବିରେ ଏନ୍ଆର୍ଇଜିଏସ୍ କାର୍ଯ୍ୟକୁ ଗ୍ରାମବାସୀଙ୍କ ବିରୋଧ

ଜଳେଶ୍ୱର, ୧୨/୧୨ (ନି.ପ୍ର): ଜଳେଶ୍ୱର ବ୍ଲକର କଳମା ପଂଚାୟତରେ କେତେକ ଏନ୍ଆର୍ଇଜିଏସ୍ କାର୍ଯ୍ୟଲାଗି ଅର୍ଥ ମଂଜୁର ହୋଇଥିବା ବେଳେ ତାକୁ ଜେସିବିରେ ମାଟିଖୋଳା ଚାଲିଥିବାରୁ ତାହାକୁ ଗ୍ରାମବାସୀମାନେ ବିରୋଧ କରିଛନ୍ତି। ପଂଚାୟତର ପଂଚାୟତ ସମ୍ପ୍ରସାରଣ ଅଧିକାରୀ ଓ ଅନ୍ୟ କେତେକ ପଦାଧିକାରୀ ଜେସିବି ନଂ ଓଡି୦୧କେ ୮୬୩୫ ସହାୟତାରେ ମାଟି ଖୋଳି ମନ୍ଦିର ପ୍ରାଙ୍ଗଣ ପକାଇ ସମତୁଲ ପ୍ରଚେଷ୍ଟା କରିଛନ୍ତି। କିନ୍ତୁ ଏନ୍ଆର୍ଇଜିଏସ୍ କାର୍ଯ୍ୟ ଗାଁର ଜବ୍‌କାର୍ଡଧାରୀଙ୍କ ଦ୍ୱାରା ହେବାକୁ ଥିବା ବେଳେ ତାହା ହୋଇନଥିବାରୁ ଗ୍ରାମବାସୀମାନେ ବିରୋଧ କରିଥିଲେ। ୱାର୍ଡ ମେମ୍ବର ଶିଶିର କୁମାର ପ୍ରଧାନ କର୍ମକର୍ତ୍ତାଙ୍କୁ ପଚାରିବାରୁ କେତେକ ଦଲାଲ ଶ୍ରେଣୀର ଲୋକେ ଜେସିବିରେ ମାଟି ଖୋଳାକୁ ଗୁରୁତ୍ୱ ଦେଇଥିଲେ। ପରବର୍ତ୍ତୀ ସମୟରେ ଗ୍ରାମବାସୀ ବ୍ଲକ ଓ ଜିଲା ପ୍ରଶାସନକୁ ଜଣାଇବାରୁ ଜେସିବି ଘଟଣାସ୍ଥଳରୁ ପଳାଇଥିଲା। ଗ୍ରାମବାସୀଙ୍କ ଦ୍ୱାର ଏନ୍ଆର୍ଇଜିଏସ୍‌ଙ୍କ ଦ୍ୱାରା କରାଯିବାକୁ ୱାର୍ଡମେମ୍ବର ଶ୍ରୀ ପ୍ରଧାନ ଓ ରାଜୀବ ପ୍ରଧାନ ଦାବି କରିବା ସହ ଗରିବ ଲୋକମାନଙ୍କୁ ନ୍ୟାୟ ଦେବାକୁ ଦାବି କରିଛନ୍ତି।

## ଭଦ୍ରକ ଜିଲ୍ଲା ଜୁନିଅର ଆନ୍ତଃ କ୍ଲବ କ୍ରିକେଟ: ବିଜୟଭାନୁ କ୍ରିକେଟ ଏକାଡ଼େମୀ ଚମ୍ପିୟନ

ଭଦ୍ରକ, ୧୨/୧୨ (ନି.ପ୍ର): ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଭିଜନ-୨୦୨୪ ପରିପ୍ରେକ୍ଷୀରେ ଭଦ୍ରକ ନେହେରୁ ଷ୍ଟାଡିୟମ ଓ ଚରମ୍ପା ରେଲୱେ ପଡ଼ିଆରେ ଚାଲିଥିବା ଜିଲ୍ଲା ଜୁନିଅର ଆନ୍ତଃ କ୍ଲବ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଗତକାଲି ଅନୁଷ୍ଠିତ ହୋଇଥିଲା। ନେହେରୁ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲ ମ୍ୟାଚ ବିଜୟଭାନୁ କ୍ରିକେଟ ଏକାଡ଼େମୀ ଓ ସୂର୍ଯ୍ୟଶିଖା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ବିଜୟଭାନୁ ବ୍ୟାଟିଂ କରିଥିଲା। ଦଳ ୩୦ ଓଭରରେ ୯ ଉଇକେଟ ହରାଇ ୩୨୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସ୍ୱୟଂଭୁ ପଲାଇ ୭୨ ବଲରେ ୧୨୪ ରନ କରିଥିଲେ। ପରେ ସୂର୍ଯ୍ୟଶିଖା ଦଳ ବ୍ୟାଟିଂ କରି ୧୩୧ ରନ୍‌ରେ ଅଲ୍ ଆଉଟ ହୋଇ ଯାଇଥିଲେ। ବିଜୟଭାନୁ ଦଳ ଏହି ମ୍ୟାଚକୁ ୧୯୦ ରନରେ ଜିତି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା କ୍ରିକେଟ ଆସୋସିଏସନ ସଭାପତି ଉପେନ୍ଦ୍ର ବାରିକ, ବରେଣ୍ୟ ଅତିଥି ଭାବେ ଅଧିବକ୍ତା ଜତିକାନ୍ତ ନାୟକ, ପବନ ଶର୍ମା, ପାର୍ଥ ସାରଥୀ ରାୟ ପ୍ରମୁଖ ଯୋଗ ଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ସ୍ୱୟଂଭୁ ପଲାଇ, ମ୍ୟାନ ଅଫ୍ ଦି ସିରିଜ ଲକ୍ଷ୍ମୀକାନ୍ତ ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପ୍ରତିଯୋଗିତାରେ ମୋଟ ୭ଟି କ୍ଲବ ଭାଗ ନେଇଥିଲେ। ସେଗୁଡ଼ିକ ହେଲା ସୂର୍ଯ୍ୟଶିଖା, ବିଜୟଭାନୁ କ୍ରିକେଟ ଏକାଡେମୀ, ଜଗନ୍ନାଥପୁର କ୍ରିକେଟ କ୍ଲବ, ୟୁନାଇଟେଡ଼ କ୍ଲବ, ଚାନ୍ଦବାଲି ସ୍ପୋର୍ଟ୍ସ କ୍ଲବ, ଶ୍ୟାମା କ୍ଲବ, ବଙ୍କସାହି ଯୁବକ ସଂଘ।

## ଚାଷୀ ପାଇନାହାନ୍ତି ଟୋକନ : ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଲେ ପୂର୍ବତନ ବିଧାୟକ ଚିତ ଷଡ଼ଙ୍ଗୀ

ନୀଳଗିରି, ୧୨/୧୨ (ନି.ପ୍ର): ନୀଳଗିରି ଉପଖଣ୍ଡରେ କୌଣସି ସ୍ଥାନରେ ସରକାରୀ ସ୍ତରରେ ଧାନମଣ୍ଡି ଖୋଲି ନ ଥିବା ବେଳେ ଟୋକନ ପାଇବା ନେଇ ଆଶା ଆଶଙ୍କା ରହି ଶେଷରେ କରଜ ଟଙ୍କା ଓ ଋଣ ଟଙ୍କା ପରିଶୋଧ କରିବା ପାଇଁ ନିଜର ଝାଳବୁହା ପରିଶ୍ରମର ଧାନକୁ ମାଛ ଶୁଖୁଆ ଦରରେ ଦଲାଲଙ୍କୁ ବିକି କରୁଛନ୍ତି। ଉକ୍ତ ଘଟଣାକୁ ଗୁରୁତ୍ୱ ଦେଇ ନୀଳଗିରିର ପୂର୍ବତନ ବିଧାୟକ ଚିତରଂଜନ ଷଡ଼ଙ୍ଗୀ ଚାଷୀଙ୍କୁ ତୁରନ୍ତ ଟୋକନ ଦେବା ସହ ଧାନମଣ୍ଡି ଖୋଲିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଜଣାଇଛନ୍ତି। ନୀଳଗିରି ଉପଖଣ୍ଡରେ ଖୁବଶୀଘ୍ର ଧାନମଣ୍ଡି ଖୋଲିବାର ସରକାର ବ୍ୟବସ୍ଥା କରାଇଲେ ହୁଏତ ଚାଷୀମାନେ ନିଜ ନିଜର ଧାନକୁ ମାଛଶୁଖୁଆ ଦରରେ ଦଲାଲଙ୍କୁ ବିକ୍ରି କରନ୍ତେ ନାହିଁ। ଏ ନେଇ ଓଡ଼ିଶାର ଯୋଗାଣ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, କୃଷି କମିଶନର ଯୋଗାଣ ସଚିବ ଏବଂ ବାଲେଶ୍ୱର ଜିଲ୍ଲାପାଳଙ୍କୁ ତୁରନ୍ତ ପଦକ୍ଷେପ ନେବା ପାଇଁ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଲିଖିତ ଭାବେ ଜଣାଇଛନ୍ତି।

## ଭିକି ଭାଇ ସ୍ମାରକୀ ଆନ୍ତଃ କ୍ଲବ ଫୁଟ୍‌ବଲ ଲିଗ୍ : ବାଇଧର ଏକାଡେମୀ ଚାମ୍ପିୟନ




ଭଦ୍ରକ, ୧୨/୧୨ (ନି.ପ୍ର): ଭଦ୍ରକ ରାନ୍ଦିଆ ସ୍ଥିତ ରାମେଶ୍ୱର ପଡ଼ିଆରେ ଅନୁଷ୍ଠିତ ଭିକି ଭାଇ ସ୍ମାରକୀ ଆନ୍ତଃ କ୍ଲବ ଫୁଟ୍‌ବଲ ଲିଗ୍ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଚରମ୍ପା ବାଇଧର ଏକାଡେମୀ ୟୁନାଇଟେଡ଼ କ୍ଲବକୁ ୨-୧ ଗୋଲ୍‌ରେ ହରାଇ ଚାମ୍ପିୟନ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୨ଟି କ୍ଲବ ଭାଗ ନେଇଥିଲେ। ଟୁର୍ଣ୍ଣାମେଣ୍ଟରେ ବାଇଧର ଏକାଡେମୀ, ୟୁନାଇଟେଡ କ୍ଲବ, ବିଏସ୍‌ଏସ୍ ଏକାଡେମୀ, ଜଗନ୍ନାଥପୁର କ୍ଲବ, କଳିଙ୍ଗ କ୍ଲବ, ଦୀକ୍ଷିତ ଫୁଟ୍‌ବଲ କ୍ଲବ, ମହାବୀର କ୍ଲବ, ରୋଭର୍ସ କ୍ଲବ, ଏନ୍‌ଏସି ଚାନ୍ଦବାଲି, ରାମେଶ୍ୱର କ୍ଲବ, ଏସ୍‌ଟି ଫୁଟବଲ୍ କ୍ଲବ, ସୁବର୍ଣ୍ଣେଶ୍ୱର କ୍ଲବ ଭାଗ ନେଇଥିଲେ। ଟୁର୍ଣ୍ଣାମେଣ୍ଟକୁ ରେଫେରୀ ଭାବେ ଉତ୍ତମ ବାରିକ, ମାନସ ବିଶ୍ୱାଳ, ତାଜୁଦ୍ଦିନ ଖାଁ, ରିୟାଜ ଖାଁ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ରାନ୍ଦିଆ ସରପଞ୍ଚ ପ୍ରତିନିଧି ପିଣ୍ଟୁ ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ।

## ପରିତ୍ୟକ୍ତ ଅବସ୍ଥାରେ ପଡିରହିଥିବା କୂଅରୁ ଉଦ୍ଧାର ହେଲା ଷଣ୍ଢ

ବସ୍ତା, ୧୨/୧୨ (ନି.ପ୍ର): ବସ୍ତା ଥାନା ଅନ୍ତର୍ଗତ ଆଜି ଅପରାହ୍ନ ସମୟରେ ବସ୍ତା ପରିବା ମାର୍କେଟ ସ୍ଥିତ ଏକ ପରିତ୍ୟକ୍ତ କୂପ ରୁ ଏକ ଷଣ୍ଢ କୁ ଉଦ୍ଧାର କରାଯାଇଛି। ତେବେ ଷଣ୍ଢ ଟି ଖାଦ୍ୟ ଅନ୍ୱେଷଣ ରେ ଆସି ଉକ୍ତ କୂପ ପଡି ଯାଇଥିଲା। ତେବେ ସ୍ଥାନୀୟ ଲୋକେ ଷଣ୍ଢ ଟି କୂପ ଭିତରେ ଛଟପଟ ହେଉଥିବାର ଦେଖି ବସ୍ତା ଅଗ୍ନିଶମ ଅଧିକାରୀଙ୍କୁ ଜଣାଇଥିଲେ। ତେବେ ଘଟଣା ସ୍ଥଳରେ ବସ୍ତା ୮ ଜଣିଆ ଅଗ୍ନିଶମ ଅଧିକାରୀ ପହଂଚି ପାଖାପାଖି ୩ ଘଣ୍ଟା ପରେ ଷଣ୍ଢ ଟିକୁ ଉଦ୍ଧାର କରାଯାଇଛି। ତେବେ ସ୍ଥାନୀୟ ଲୋକେ କହିବା ଅନୁଯାୟୀ ଏଥିରେ ପୁର୍ବର ଅନେକ ଥର ଛେଳି କୁକୁର ବିଲେଇ ପଡିବାଭୋଳି ଘଟଣାମାନ ଘଟିଛି।ଦୁଃଖର ବିଷୟ ଏହି ଖୋଲାକୂପକୁ ସ୍ଥାନୀୟ ପ୍ରଶାସନ ନା ରେଳବିଭାଗ ପୁନଃରୁଦ୍ଧାର କଲେ ନା ତାର ଚାରିପାଖରେ ତାରବାଡ ଲଗାଇ ଦୁର୍ଘଟଣାରୁ ରକ୍ଷା ପାଇଁ ସୁରକ୍ଷା ବ୍ୟବସ୍ଥା କରିବାକୁ ଦାବୀ ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ....

କଳେ ବଳେ କୌଶଳେ ୨୦୨୪ ସାଧାରଣ ନିର୍ବାଚନରେ ଟିମ୍ ମୋଦିଙ୍କୁ କ୍ଲିନ ବୋଲ୍ଡ କରିବା ପାଇଁ ବିରୋଧୀ ଅଂଟା ଭିଡିଛନ୍ତି। ଏହା ଭିତରେ ବଳ ଯୋଗାଇଛି ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନୂଆ ଆହ୍ୱାନ। ନୀତିଶ ବିରୋଧୀ ଦଳର ଏକତାକୁ ଅଧିକ ମଜବୁତ କରିବା ପାଇଁ ବାର୍ତା ଦେଇ କହିଛନ୍ତି ଯଦି ସବୁ ଦଳ ଏକାଠି ହେବେ ତେବେ ୨୦୨୪ ନିର୍ବାଚନରେ ବିଜେପି ସରକାରକୁ ହରାଇବା ସମ୍ଭବ ହେବ। ଏଥିପାଇଁ ବିରୋଧୀ ଏକତା, ପ୍ରସ୍ତୁତି ଓ ରଣନୀତି ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ହେବ। ନୀତିଶଙ୍କ ଏହି ବୟାନ ପ୍ରଥମ ଥର ପାଇଁ ଶୁଣିବାକୁ ମିଳିନି।ତେବେ ଉତରପ୍ରଦେଶ ଉପନିର୍ବାଚନରେ ଜେଡିୟୁ ଫେଲ ମାରିବା ପରେ ନୀତିଶ ଅଧିକ ଆକ୍ରାମକ ହୋଇପଡିଛନ୍ତି। ଏଥିସହ ନୀତିଶ କହିଛନ୍ତି କୌଣସି ପରିସ୍ଥିତିରେ ୨୦୨୪ ପାଇଁ ତୃତୀୟ ସାମୁଖ୍ୟ ହେବନି। ଆଗାମୀ ଦିନରେ ଯାହା ଗଠନ ହେବ ତାହା ମୁଖ୍ୟ ସାମୁଖ୍ୟ ଭାବେ ପରିଚୟ ପାଇବ। ବିଜେପିଠୁ ମେଂଟ ଭାଙ୍ଗି ଅଗଷ୍ଟମାସରେ ଜେଡିୟୁ ନୂଆ ସରକାର ଗଠନ କରିଥିଲା।

### ପ୍ରଧାନମନ୍ତ୍ରୀଙ୍କ ବିରୋଧରେ କଂଗ୍ରେସ....

ସେ କହିଛନ୍ତି, ମୁଁ ଜଣେ ବ୍ୟକ୍ତି, ଯିଏ ମହାତ୍ମାଗାନ୍ଧୀଙ୍କ ଆଦର୍ଶ ଅନୁସରଣ କରୁଛି। ସଭାରେ ମୋର ଭାଷଣର ଉଦ୍ଦେଶ୍ୟ ନରେନ୍ଦ୍ର ମୋଦୀଙ୍କୁ ହତ୍ୟା କରିବା ନୁହେଁ, ବରଂ ପରବର୍ତୀ ନିର୍ବାଚନରେ ତାଙ୍କୁ ପରାସ୍ତ କରିବା। କଥା ପ୍ରସଙ୍ଗରେ ହୁଏତ ଏପରି ଶବ୍ଦ ପାଟିରୁ ବାହାରିଯାଇଥିବ, ହେଲେ ଏହାକୁ ଭୂଲଭାବରେ ଉପସ୍ଥାପନା କରାଯାଉଛି। ଏହି ପ୍ରସଙ୍ଗରେ ବିଜେପି ଅଯଥା ରାଜନୀତି କରୁଥିବା ସେ କହିଛନ୍ତି। ତେବେ ଏହା ପ୍ରଥମ ଥର ନୁହେଁ ଯେବେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ କଗ୍ରେସ ନେତା କୌଣସି ବିବାଦୀୟ ବୟାନ ଦେଇଛନ୍ତି। ଅନେକବାର ଏଭଳି ଘଟଣା ସାମ୍ନାକୁ ଆସିଛି ଓ ଏହାକୁ ଟାର୍ଗେଟ କରି ନିଜେ ପ୍ରଧାନମନ୍ତ୍ରୀ ଓ ବିଜେପି ତରଫରୁ ପାଲଟା ଜବାବ ଦିଆଯାଇଛି।

## ମୋହନ ଜେନାଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଶୋକ

ଭୁବନେଶ୍ୱର, ୧୨/୧୨ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୂର୍ବତନ ସାଂସଦ ମୋହନ ଜେନାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି। ସେ ଟ୍ୱିଟ କରି କହିଛନ୍ତି ଯେ - ଆମ ଦଳର ନେତା ତଥା ପୂର୍ବତନ ସାଂସଦ ମୋହନ ଜେନାଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ଓଡ଼ିଶା ରାଜନୀତି କ୍ଷେତ୍ରରେ ସେ କରିଥିବା ବିକାଶମୂଳକ ଓ ଜନସେବା କାର୍ଯ୍ୟ ଗୁଡ଼ିକ ସର୍ବଦା ସ୍ମରଣୀୟ ହୋଇ ରହିବ। ଦିବଙ୍ଗତ ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି।

## ସିବିଆଇ ପକ୍ଷରୁ ଅନ୍ତର୍ଜାତୀୟ ଦୁର୍ନୀତି ନିବାରଣ ଦିବସ ପାଳିତ




ଭୁବନେଶ୍ୱର, ୧୨/୧୨ (ନି.ପ୍ର): (ସିବିଆଇ) ପକ୍ଷରୁ ଅନ୍ତର୍ଜାତୀୟ ଦୁର୍ନୀତି ନିବାରଣ ଦିବସ ସମାରୋହ ଆୟୋଜିତ ହୋଇଯାଇଛି। ଏହି ସମାରୋହରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ ମିଶ୍ର ଦୀକ୍ଷାନ୍ତ ଭାଷଣ ଦେଇଥିଲେ। ଏଥିସହିତ ସେ ଉତ୍କୃଷ୍ଟ ସେବା ପାଇଁ ୩୪ ଜଣ ସିବିଆଇ ଅଧିକାରୀଙ୍କୁ ପୁଲିସ ପଦକ ପ୍ରଦାନ କରିଥିଲେ। ସମାରୋହକୁ ସମ୍ବୋଧିତ କରି ଡକ୍ଟର ମିଶ୍ର ପଦକ ବିଜେତା ଓ ସେମାନଙ୍କ ପରିବାରବର୍ଗଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ ଯେ ଦୁର୍ନୀତି ରୂପକ ଅପରାଧ ରୋକିବା ସମସ୍ତଙ୍କ ଅଧିକାର ଓ ଉତ୍ତରଦାୟିତ୍ୱ। ବିଶେଷ କରି ସାଧାରଣ ନାଗରିକଙ୍କ ଉପରେ ଦୁର୍ନୀତିର ଅଧିକ ପ୍ରଭାବ ପଡ଼ିଥାଏ। ଗରିବ ଓ ଦୁର୍ବଳ ସମୁଦାୟ ଏହାର ସବୁଠୁ ଖରାପ ପ୍ରଭାବର ସମ୍ମୁଖିନ ହୋଇଛନ୍ତି। ଦୁର୍ନୀତି ସରକାରରେ ନିଷ୍କ୍ରିୟତାକୁ ପ୍ରୋତ୍ସାହନ ଦେଇଥାଏ ଓ ଆର୍ଥିକ ଅପରଗତା ଆଣିଥାଏ। ଦେଶର ସୁରକ୍ଷା ପ୍ରତି ଦୁର୍ନୀତି ମଧ ଗମ୍ଭୀର ବିପଦ ସୃଷ୍ଟି କରିଥାଏ। ଡକ୍ଟର ମିଶ୍ର କହିଥିଲେ ଯେ, ଛୋଟ ହେଉ କିମ୍ବା ବଡ଼ ଦୁର୍ନୀତି ସବୁବେଳେ ଅନ୍ୟ କାହାର ଅଧିକାର ଛଡ଼େଇ ନେଇଥାଏ। ଅନ୍ତର୍ଜାତୀୟ ଦୁର୍ନୀତି ନିବାରଣ ଦିବସର ବିଷୟବସ୍ତୁ ରହିଛି ''ୟୁଏନସିଏସି ଆଟ୍ ୨୦ : ଦୁର୍ନୀତି ବିରୋଧରେ ବିଶ୍ୱକୁ ଏକଜୁଟ କରିବା।'' ଏହା ଉପରେ ଡକ୍ଟର ମିଶ୍ର କହିଥିଲେ ଯେ, ସେ କହିଥିଲେ ଏହା ଦୁର୍ନୀତିର ସାମଗ୍ରିକ ପ୍ରକୃତିକୁ ଦର୍ଶାଇଥାଏ ଏବଂ ସବୁ ଦେଶ ଏହା ବିରୋଧରେ ଏକଜୁଟ ହୋଇ ଲଢ଼ିବାର ସମୟ ଆସିଛି। ସେ କହିଥିଲେ ଯେ ପ୍ରଶାସନ ଆରମ୍ଭ ହେବା ଦିନ ଠାରୁ ଦୁର୍ନୀତି ରହି ଆସିଛି। ଭାରତରେ ଉଦାରୀକରଣ ପରେ ଦୁର୍ନୀତି ପ୍ରକୃତି ଅତ୍ୟନ୍ତ ଜଟିଳ ହୋଇଯାଇଛି। ତେବେ ପ୍ରଯୁକ୍ତିର ବିକାଶ ସହିତ ଦୁର୍ନୀତି ନିବାରଣ ପାଇଁ ସୁଯୋଗ ବୃଦ୍ଧି ପାଇଛି। କିନ୍ତୁ କ୍ରିପ୍ଟୋକରେନ୍ସୀ ଭଳି କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ର ରହିଛି ଯେଉଁଠି ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଷ୍ଟକର। ଅଭିନବ ଦୁର୍ନୀତି ନିବାରଣ ସମାଧାନ ଉପରେ ଡକ୍ଟର ମିଶ୍ର ଗୁରୁତ୍ୱାରୋପ କରିଥିଲେ।

## ଷ୍ଟେଟ ବ୍ୟାଙ୍କ ପକ୍ଷରୁ ମୃତକ ଋଣିଙ୍କ ପତ୍ନୀଙ୍କୁ ବୀମା ଚେକ୍ ପ୍ରଦାନ

ବାରିପଦା, ୧୨/୧୨ (ନି.ପ୍ର): ଭାରତୀୟ ଷ୍ଟେଟ ବ୍ୟାଙ୍କ ଠାକୁରମୁଣ୍ଡା ଶାଖା ଆନୁକୁଲ୍ୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବାରିପଦା ଆଂଚଳିକ ପ୍ରବନ୍ଧକ ଦେବ ପ୍ରସାଦ ଲୋହାରଙ୍କ ଦ୍ୱାରା ସ୍ୱର୍ଗତ ଭଗାନ ମାରାଣ୍ଡିଙ୍କ ଧର୍ମ ପତ୍ନୀ ପୁଷ୍ପଲତା ହେମ୍ବ୍ରମଙ୍କୁ ୧୫ ଲକ୍ଷ ଟଙ୍କାର ବୀମା ରାଶି ଚେକ ମାଧ୍ୟମରେ ପ୍ରଦାନ କରାଯାଇଛି। ସୂଚନା ମୁତାବକ ସ୍ୱର୍ଗତଃ ଭଗାନ ମାରାଣ୍ଡି ଠାକୁରମୁଣ୍ଡା ଶାଖାରେ ଏକ ବ୍ୟକ୍ତିଗତ ଋଣ ଗ୍ରହଣ କରିବା ସମୟରେ ଋଣ ପାଇଁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଜୀବନ ବୀମାଟିଏ କରିଥିଲେ। କିଛିଦିନ ଋଣ ପରିଶୋଧ କରିବା ପରେ ତାଙ୍କର ଦେହାନ୍ତ ହୋଇଥିଲା ଏବଂ ଲୋନଟି ଏନପିଏ ହୋଇଯାଇଥିଲା। ନୂତନ ଭାବେ ଯୋଗଦାନ କରିଥିବା ଶାଖା ପରିଚାଳକ ଆର ଅଶ୍ୱିନୀ ବଂଜନ ମୁର୍ମୁ ଅନୁସନ୍ଧାନ କରି ଋଣ ବାବଦକୁ ହୋଇଥିବା ଜୀବନବୀମା ରାଶି ପାଇବା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିଥିଲେ ଏବଂ ବୀମା ଅର୍ଥ ମିଳିବା ପରେ ସ୍ୱର୍ଗତ ମାରାଣ୍ଡିଙ୍କର ଋଣ ପରିଶୋଧ ହେବା ସହ ଅବଶିଷ୍ଟ ବୀମାରାଶି ତାଙ୍କ ଧର୍ମପତ୍ନୀଙ୍କୁ ଚେକ ଆକାର ରେ ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯାଇଛି। ସ୍ୱର୍ଗତଃ ମାରାଣ୍ଡିଙ୍କ ଧର୍ମ ପତ୍ନୀ ପୁଷ୍ପଲତା ହେମ୍ବ୍ରମ ଭାରତୀୟ ଷ୍‌ଟେଟ ବ୍ୟାଙ୍କକୁ ଏଥିପାଇଁ କୃତଜ୍ଞତା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଜୀବନ ବୀମାର ଏରିଆ ମ୍ୟାନେଜର କୁଶ ଚନ୍ଦ୍ର ପାଢୀ, ବିଜନେସ ଡେଭଲପମେଂଟ ଓ ସେଲ୍ସ ବିଭାଗର ମୁଖ୍ୟ ପରିଚାଳକ ପତଂଜଳୀ ବିଭୁପଦ ସାହୁ ଏବଂ ଠାକୁରମୁଣ୍ଡା ଶାଖାର ବରିଷ୍ଠ ଏବଂ ମୁଖ୍ୟ ସହାୟକ ହରିଶ୍ଚନ୍ଦ୍ର ମୁର୍ମୁ, ଆନନ୍ଦ ଚନ୍ଦ୍ର ଗିରି ପ୍ରମୁଖ ଉପସ୍ଥିତ ଥିଲେ।

## ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ଓ ଶାସନ ସଚିବ ଦୃଷ୍ଟି ଦେବାକୁ ସଚେତନ ନାଗରିକ ମଞ୍ଚର ଦାବି

ବାରିପଦା, ୧୨/୧୨ (ନି.ପ୍ର): କୋଭିଡ - ୧୯ ଯୋଗୁ ମହାବିଦ୍ୟାଳୟ ମାନଙ୍କରେ କାର୍ଯ୍ୟଶୈଳି ବହୁଳ ଭାବରେ ପରିବର୍ତ୍ତନ ହୋଇଛି। ପୂର୍ବରୁ କୌଣସି ମହାବିଦ୍ୟାଳୟକୁ ଅନୁମତି ବା ସ୍ୱୀକୃତି ପ୍ରଦାନ କ୍ଷେତ୍ରରେ ଉଚ୍ଚ ଶିକ୍ଷା ବିଭାଗ ରିଜିଓନାଲ ଡାଇରେକ୍ଟରମାନେ ଇନ୍‌ସ୍ପେକସନ କରି ରିପୋର୍ଟ ଦେଉଥିଲେ, ଯେଉଁ ଆଧାରରେ ଉଚ୍ଚଶିକ୍ଷା ବିଭାଗ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଅନୁମୋଦନ କରୁଥିଲେ କିନ୍ତୁ ଅନୁମତି ବା ସ୍ୱୀକୃତି ପ୍ରଦାନ କରାଯାଇଥିବା ଶିକ୍ଷାନୁଷ୍ଠାନ ମାନଙ୍କୁ ନେଇ ବିଶ୍ୱବିଦ୍ୟାଳୟମାନେ ଅସନ୍ତୋଷ ପ୍ରକାଶ କଲେ। ବିଶ୍ୱବିଦ୍ୟାଳୟ ମାନଙ୍କର ଅସନ୍ତୋଷକୁ ଦୃଷ୍ଟିରେ ରଖି ଅନୁମତି ବା ସ୍ୱୀକୃତି ପ୍ରଦାନ କ୍ଷେତ୍ରରେ ରିଜିଓନାଲ ଡାଇରେକ୍ଟର ଅଫ୍ ଏଡୁକେସନ ଓ ବିଶ୍ୱବିଦ୍ୟାଳୟର ପ୍ରତିନିଧିଙ୍କୁ ନେଇ ଇନସପେକସନ କରାଗଲା। ଏହାର ଅର୍ଥ ଥିଲା ଅନୁମତି, ସ୍ୱୀକୃତି ଓ ଆଫିଲେସନ କ୍ଷେତ୍ରରେ କେବଳ ଗୋଟିଏ ମିଳିତ ଇନ୍‌ସପେକସନ ରିପୋର୍ଟ ମାଧ୍ୟମରେ କରାଯାଇପାରିବ, କିନ୍ତୁ ଏହି ନିୟମକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଆଫିଲେସନ ପ୍ରଦାନ କ୍ଷେତ୍ରରେ ମାନୁ ନାହାନ୍ତି ଏବଂ ସ୍ୱୀକୃତି ପାଇଥିବା ଅନୁଷ୍ଠାନମାନେ ବର୍ଷ ବର୍ଷ ଧରି ଆଫିଲେସନ ପାଇପାରୁନାହାନ୍ତି। ସାଧାରଣତଃ ଛାତ୍ରଛାତ୍ରୀମାନେ ପାସ କରିବାର ବର୍ଷେ ପରେ ବା ଦୁଇ ବର୍ଷ ପରେ ଆଫିଲେସନ ଇନସପେକସନ କରାଯାଉଛି, ଯାହା ମୂଲ୍ୟହୀନ କହିଲେ ଚଳେ। ଉଚ୍ଚ ଶିକ୍ଷା ବିଭାଗ ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ସଭାପତି ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବ, ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି, ସମସ୍ତ ରିଜିଓନାଲ ଡାଇରେକ୍ଟର ଓ ଉଚ୍ଚ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ସଦସ୍ୟ ଅଛନ୍ତି। ତେଣୁ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଦେଇଥିବା ଅନୁମତି ବା ସ୍ୱୀକୃତିକୁ ବିଶ୍ୱବିଦ୍ୟାଳୟ ଗ୍ରହଣ ନ କରିବାର କୌଣସି କାରଣ ନାହିଁ। ସାଧାରଣତଃ ସ୍ୱୀକୃତି ଏବଂ ଆଫିଲେସନ ଇନପେକସନର ବିଷୟବସ୍ତୁ ସମାନ ହୋଇଥିବାରୁ ଏବଂ ସମାନ ଅଧିକାରୀମାନେ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ଓ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟର ସଦସ୍ୟ ଅଟନ୍ତି। ତେଣୁ ସିଣ୍ଡିକେଟ ଏଫିଲେସନ ଅନୁମୋଦନ କରିବାରେ କୌଣସି ଅସୁବିଧା ନାହିଁ କିନ୍ତୁ ଯଦି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଯୁଗ୍ମ ଇନସପେକ୍ସନ ରିପୋର୍ଟକୁ ଆଫିଲେସନ ଦେବା ପାଇଁ ମାନୁ ନାହାନ୍ତି ତାହା ହେଲେ ଯୁଗ୍ମ ଇନସପେକସନ କାହା ସ୍ୱାର୍ଥରେ କରଯାଉଛି ? ସେହିପରି କୌଣସି ଶିକ୍ଷାନୁଷ୍ଠାନ ଉଚ୍ଚ କ୍ଷମତା ସମ୍ପନ୍ନ କିଟି ନିଷ୍ପତ୍ତି ବିରୋଧରେ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ କୋର୍ଟରେ ଅପିଲ କରିବାର ନିୟମ ରହିଛି। କିନ୍ତୁ ମନ୍ତ୍ରୀଙ୍କ କୋର୍ଟରେ ଅପିଲ ପିଟିସନ ବର୍ଷ ବର୍ଷ ଧରି ପଡି ରହୁଛି, ଯାହା ଫଳରେ ରାଜ୍ୟ ସରକାରଙ୍କର ସୁବ୍ୟବସ୍ଥା ଛାତ୍ରଛାତ୍ରୀମାନଙ୍କର ସ୍ୱାର୍ଥ ପୂରଣ କରିପାରୁ ନାହିଁ। ତେଣୁ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ, ଉଚ୍ଚ ଶିକ୍ଷା ବିଭାଗ ଶାସନ ସଚିବ ଏବଂ ବିଶ୍ୱବିଦ୍ୟାଳୟ କୁଳପତିମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ସଚେତନ ନାଗରିକ ମଞ୍ଚ ସଭାପତି ତଥା ପୂର୍ବତନ ବିଧାୟକ କିଶୋର ଦାସ, ବିଶ୍ୱବିଦ୍ୟାଳୟ ଏକାଡେମୀ କାଉନସିଲ ସଦସ୍ୟ ପ୍ରଦୀପ ନାୟକ, ପୂର୍ବତନ ସିନେଟ ସଦସ୍ୟ ସଂଘମିତ୍ରା ରାଉତ, ରଞ୍ଜିତା ନାୟକ, ସଂଜୀବ ଆଚାର୍ଯ୍ୟ, ବରିଷ୍ଠ ଆଇନଜୀବି ତଥା ପୂର୍ବତନ ସିଣ୍ଡିକେଟ ସଦସ୍ୟ ଜ୍ୟୋତିପ୍ରକାଶ ରଥ ଦାବୀ କରିଛନ୍ତି।

## ସାପ କାମୁଡାରେ ଯୁବକ ମୃତ

ଖଇରା, ୧୨/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଡୁଙ୍ଗୁରା ଗ୍ରାମ ପଞ୍ଚାୟତ ସୁବଳିଆ ପାଟଣା ଗ୍ରାମର ଭଗବାନ ବାରିକ(୫୨) ସାପକାମୁଡାରେ ମୃତ୍ୟୁ ବରଣ କରିଛନ୍ତି। ଶ୍ରୀ ବାରିକ ରବିବାର ବିଳମ୍ବିତ ରାତିରେ ବାହାରକୁ ଝାଡା ଯାଇଥିବା ବେଳେ ବିଷଧର ସର୍ପ ଦଂଶନ କରିଥିଲେ। ପରେ ସେ ଘରକୁ ଚାଲିଆସି ପୁଣି ଶୋଇ ପଡିଥିଲେ। ସକାଳେ ଯନ୍ତ୍ରଣା ହେବାରୁ ଗୁରୁତର ଅବସ୍ଥାରେ ଖଇରା ଡାକ୍ତରଖାନାକୁ ଅଣାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

## ପଦ୍ମପୁର ଜିଲ୍ଲା ଗଠନ ନେଇ ପ୍ରକ୍ରିୟା ଖୁବ୍ ଶୀଘ୍ର ଆରମ୍ଭ ହେବ

ଭୁବନେଶ୍ୱର୧୨/୧୨ (ନି.ପ୍ର): ପଦ୍ମପୁର ଜିଲ୍ଲା ଗଠନ ନେଇ ପ୍ରକ୍ରିୟା ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଜିଲ୍ଲା ଗଠନ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଅନେକ ପ୍ରକ୍ରିୟା ରହିଛି। ଏସବୁକୁ ଭିତିକରି ଜିଲ୍ଲା ଗଠନ ପାଇଁ ପଦକ୍ଷେପ ନିଆଯିବ। ସୂଚନାଯୋଗ୍ୟ ଯେ ଦୀର୍ଘ ଦିନ ଧରି ପଦ୍ମପୁରକୁ ଜିଲ୍ଲା ମାନ୍ୟତା ପ୍ରଦାନ ନେଇ ଦାବି ହେଉଥିଲା। ଗତ ପଦ୍ମପୁର ନିର୍ବାଚନ ପୂର୍ବରୁ ଜିଲ୍ଲା ଘୋଷଣା ନେଇ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

## ଜାତୀୟ ସେବା ଯୋଜନା ଓ ଯୁଥ ରେଡ଼କ୍ରସ ପାଳିଲେ ବିଶ୍ୱମାନବିକ ଅଧିକାର ଦିବସ




ଉଦଳା, ୧୨/୧୨ (ନି.ପ୍ର): ନୂଆସାହିସ୍ଥିତ କପ୍ତିପଦା ଡ଼ିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଯୁଥ ରେଡ୍‌କ୍ରସ ତରଫରୁ ମିଳିତ ଭାବରେ ବିଶ୍ୱମାନବିକ ଅଧିକାର ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷା ଡ଼କ୍ଟର ଲିପିକା ବେହେରାଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟରେ କାର୍ଯ୍ୟରତ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ଲମ୍ବୋଦର ବାରିକ ଓ ଯୁଥ ରେଡ଼କ୍ରସ ଅଧିକାରୀ ଅଧ୍ୟାପକ ଚନ୍ଦ୍ରମୋହନ ପରିଡ଼ା ମାନବିକ ଅଧିକାର ଦିବସ ଆଜି ସାରା ବିଶ୍ୱରେ କାହିଁକି ପାଳିତ ହେଉଛି ଓ ଏହାର ଉଦେଶ୍ୟ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଆଲୋଚନାରେ ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପିକା ମଞ୍ଜନା ମହାପାତ୍ର ଓ ଅଧ୍ୟାପିକା ସ୍ମିତା ଶ୍ରୀ ସିଂ ଅଂଶ ଗ୍ରହଣ କରି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରୀ ଅନିତା ବେହେରା ସମଗ୍ର ବିଶ୍ୱବାସୀ ନିଜକୁ ଗୋଟିଏ ପରିବାର ବୋଲି ଭାବିବା ସହିତ ସ୍ନେହ ମମତା ଭିତରେ ସମସ୍ତେ ପରସ୍ପରକୁ ବାନ୍ଧି ରଖିଲେ ଆଜିର ଦିବସ ପାଳନ ସାର୍ଥକ ହେବ ବୋଲି ମତ ଦେଇଥିଲେ। ଆଜିର ଦିବସକୁ କେନ୍ଦ୍ର କରି ଛାତ୍ର ପ୍ରିୟାଂସୁ ମହାନ୍ତ ଏକ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଅଧ୍ୟାପିକା ରଞ୍ଜିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ମାନ୍ୟବର ଉଚ୍ଚତମ ନ୍ୟାୟାଳୟର ନିଷ୍ପତ୍ତିକୁ ଓକିଲ ସଂଘର ବିରୋଧ

ନୀଳଗିରି, ୧୨/୧୨ (ନି.ପ୍ର): ମାନ୍ୟବର ଉଚ୍ଚତମ ନ୍ୟାୟଳୟ କୌଣସି ଓକିଲ ସଂଘ ଆନ୍ଦୋଳନ, ଧାରଣା କିମ୍ବା ପିକେଟିଂ କରିପାରିବେ ନାହିଁ ବୋଲି ଏକ ନିଷ୍ପତି ଘୋଷଣା କରିଥିବା ବେଳେ ଏହାକୁ ବାର କାଉନସିଲ ଅଫ ଇଣ୍ଡିଆ ଓ ଓଡ଼ିଶା ଷ୍ଟେଟ ବାର କାଉନସିଲ ମାନ୍ୟବର ଉଚ୍ଚତମ ନ୍ୟାୟଳୟର ନିଷ୍ପତିକୁ ଗ୍ରହଣ କରିଛନ୍ତି। ମାତ୍ର ଉକ୍ତ ନିଷ୍ପତିକୁ ପ୍ରତ୍ୟାହାର କରିବା ପାଇଁ ଗତ ୪/୧୨/୨୦୨୨ରିଖରେ ଭୁବନେଶ୍ୱର ବାର ଏସୋସିଏସନଙ୍କ ନେତୃତ୍ୱରେ ଓଡ଼ିଶାର ଥିବା ସମସ୍ତ ଏସୋସିଏସନର ସଭାପତି ଓ ସଂପାଦକମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ନିଷ୍ପତି ନିଆଗଲାକି ୧୨/୧୨/୨୦୨୨ରିଖରେ ପ୍ରତି କୋର୍ଟ ଆଗରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଓ ଧାରଣା ଦିଆଯିବ। ଏହି ନିଷ୍ପତିକୁ ଆଧାର କରି ଆଜି ନୀଳଗିରିର ୨ଗୋଟି ବାର ଯଥା ସବଡିଭିଜନାଲ ବାର ଏସୋସିଏସନ ଓ ନୀଳଗିରି ବାର ଏସୋସିଏସନ ର ସମସ୍ତ ଓକିଲ ବନ୍ଧୁ ଏକତ୍ରିତ ହୋଇ କୋର୍ଟର ମୁଖ୍ୟ ଫାଟକରେ ତାଲା ପକାଇ ବିକ୍ଷୋଭ ସହ ଧାରଣାରେ ବସିଥିଲେ। ମାନ୍ୟବର ବିଚାରପତିଙ୍କୁ ମଧ କୋର୍ଟ ପରିସରକୁ ଛାଡ଼ି ନ ଥିବା ବେଳେ କୌଣସି କର୍ମଚାରୀଙ୍କୁ ମଧ୍ୟ ଛାଡ଼ି ନ ଥିଲେ। ମାନ୍ୟବର ବିଚାରପତି ବାହାରେ ଛିଡ଼ା ହୋଇଥିବା ବେଳେ ନୀଳଗିରି ଆଇ.ଆଇ.ସି. ଗୋପାଳଚନ୍ଦ୍ର କର୍ଣ୍ଣ ପୋଲିସଫୋର୍ସ ଧରି କୋର୍ଟ ଆଗରେ ପହଂଚିବା ପରେ ମାନ୍ୟବର ବିଚାରପତିଙ୍କୁ ତାଲା ଖୋଲି କୋର୍ଟ ପରିସରକୁ ପ୍ରବେଶ କରାଇଥିଲେ। ସନ୍ଧ୍ୟା ୫ଟା ପରେ ଅନ୍ୟ କର୍ମଚାରୀମାନେ ଅଫିସକୁ ଯାଇଥିଲେ।

ମଙ୍ଗଳବାର, ଡିସେମ୍ବର ୧୩, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ସେଭ୍ ଏଲିଫାଂଟ ଫାଉଣ୍ଡେସନ୍ ଟ୍ରଷ୍ଟର ଏକାଦଶ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୧୨/୧୨ (ନି.ପ୍ର): ହାତୀ-ମନୁଷ୍ୟ ବିବାଦ ଦିନକୁ ଦିନ ବଢ଼ିବାରେ ଲାଗିଛି। ରାଜ୍ୟରେ କେତେକ ସ୍ଥାନରେ ଏହା ମୁଣ୍ଡବ୍ୟଥାର କାରଣ ହୋଇଛି। ଏହି ବିବାଦ ମଧ୍ୟରେ ବି ଆମକୁ ମନେ ରଖିବାକୁ ପଡ଼ିବ ଯେ ପରସ୍ପର ସହ ସଂଶ୍ଳିଷ୍ଟ ଜୈବମଣ୍ଡଳ, ସମାଜ ଓ ପରିବେଶ ସନ୍ତୁଳନରେ ହାତୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଡାଇନୋସର ପରେ ବର୍ତ୍ତମାନ ହାତୀ ସ୍ଥଳଭାଗର ସବୁଠାରୁ ବଡ଼ ପ୍ରାଣୀ । ଯଦି ହାତୀମାନେ ନରୁହନ୍ତି ତା'ହେଲେ ଜୈବମଣ୍ଡଳରେ ତାଙ୍କ ସ୍ଥାନ ଅନ୍ୟ କେହି ନେଇପାରିବେ ନାହିଁ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦିପ କୁମାର ଅମାତ ସେଭ୍ ଏଲିଫାଂଟ ଫାଉଣ୍ଡେସନ୍ ଟ୍ରଷ୍ଟର ଏକାଦଶ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ହାତୀ-ମନୁଷ୍ୟଙ୍କ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ସରକାରୀ-ଘରୋଇ-ଗୋଷ୍ଠୀ-ଭାଗୀଦାରି (ପବ୍ଲିକ୍-ପ୍ରାଇଭେଟ୍-କମ୍ୟୁନିଟି-ପାର୍ଟନରସିପ୍ (ପିପିସିପି) ମଡେଲ୍ ରେ କାର୍ଯ୍ୟ କରାଗଲେ ହାତୀ-ମନୁଷ୍ୟ ବିବାଦରେ ଅନେକ ଉପଶମ ମିଳିପାରିବ ବୋଲି ମନ୍ତ୍ରୀ ଶ୍ରୀ ଅମାତ ମତପୋଷଣ କରିଛନ୍ତି। ପରିବେଶ ସନ୍ତୁଳନରେ ହାତୀ ଏକ ପ୍ରମୁଖ ଭୂମିକା ନିର୍ବାହ କରିଥାଏ। ହାତୀମାନଙ୍କ ରହିବା ସ୍ଥାନକୁ ଭଲ ଜଙ୍ଗଲ ଥିବା ଅଂଚଳ ବୋଲି ବିବେଚନା କରାଯାଇଥାଏ। ଜୈବମଣ୍ଡଳ ପାଇଁ ଜଙ୍ଗଲ ନିତାନ୍ତ ଆବଶ୍ୟକ-ଏକଥା ଆପଣମାନେ ସମସ୍ତେ ଜାଣିଛନ୍ତି ବୋଲି ଉଭୟ ପ୍ରଧାନ ବନସଂରକ୍ଷକ ଦେବୀଦତ ବିଶ୍ୱାଳ ଏବଂ ସୁଶୀଲ କୁମାର ପୋପଲି ପ୍ରକାଶ କରିଛନ୍ତି। ଜୈବମଣ୍ଡଳ ତଥା ପରିବେଶର ସନ୍ତୁଳନ ପାଇଁ ହାତୀର ଆବଶ୍ୟକତା ଉପରେ ରମେଶ କୁମାର ପଣ୍ଡା, ଆଇଜିଏଫ୍ ତଥା ନିର୍ଦ୍ଦେଶକ, ପ୍ରୋଜେକ୍ଟ ଏଲିଫାଂଟ, ଡ. ଦେବବ୍ରତ ସ୍ୱାଇଁ, ସଦସ୍ୟ, ଲୋକାୟୁକ୍ତ, ଟ୍ରଷ୍ଟି ଜିତଶତ୍ରୁ ମହାନ୍ତି, ଟ୍ରଷ୍ଟର ଉପଦେଷ୍ଟା ସରୋଜ କୁମାର ପଟ୍ଟନାୟକ, ବି.କେ. ଲୀନା ପ୍ରମୁଖ ସବିଶେଷ ଆଲୋଚନା କରିଥିଲେ। ଏହି ଅବସରରେ ଏକ ଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯିବା ସହ ବନ କର୍ମଚାରୀ ଓ ହାତୀ-ସାଥୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଛାତ୍ର କଂଗ୍ରେସ ପକ୍ଷରୁ ପୌରପାଳିକା ଘେରାଉ




ବାଲେଶ୍ୱର, ୧୨/୧୨ (ନି.ପ୍ର): ନୂତନ ପୌର ପରିଷଦ ଗଠନକୁ ୮ମାସ ବିତିବାକୁ ଯାଉଥିବା ବେଳେ ବାଲେଶ୍ୱର ସହରାଞ୍ଚଳରେ ମନ୍ଥର ଉନ୍ନୟନ କାର୍ଯ୍ୟଧାରାକୁ ନେଇ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ସୋମବାର ବାଲେଶ୍ୱର ପୌରପାଳିକା ଘେରାଓ କରାଯାଇଛି। ଏନେଇ ଜିଲା କଂଗ୍ରେସ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା ସହ ପୌରପାଳିକା ସମ୍ମୁଖରେ ପହଞ୍ଚିଥିଲା। ଛାତ୍ର କଂଗ୍ରେସ ଜିଲା ସଭାପତି ଗୌତମ ସାହୁଙ୍କ ନେତୃତ୍ୱରେ ସେଠାରେ ଆୟୋଜିତ ବିକ୍ଷୋଭ ସମାବେଶରେ ଜିଲା କଂଗ୍ରେସ ସମ୍ପାଦକ ସୁଧାଂଶୁ ଶେଖର ଜେନା, ଯୁବନେତା ଭବାନୀ ମହାଲିକ, ଜୟଦେବ ବେହେରା, ସଂଖ୍ୟାଲଘୁ ସଭାପତି ଅଜଗର ଅଲି, ଉପ-ସଭାପତି ଜୀବନ ମହାପାତ୍ର, ସାଧାରଣ ସମ୍ପାଦକ ନବପ୍ରସାଦ ଭୂୟାଁ, ସୌରଭ ବେହେରା, ଚନ୍ଦନ ମହାଲିକ, ସୁମିତ ସାଗର ଦାସ, ସମ୍ପାଦକ ଶଶାଙ୍କ ପାଢ଼ୀ, ଜଳେଶ୍ୱର ଛାତ୍ର କଂଗ୍ରେସ ସଭାପତି ଜଗନ୍ନାଥ ମହାପାତ୍ର, ରେମୁଣା ସଭାପତି ବିମଳଜିତ ମହାଲିକ, ସିମୁଳିଆ ସଭାପତି ଦେବାଶିଷ ସାହୁ, ବସ୍ତା ସଭାପତି ଅବିନାଶ ଦାସଙ୍କ ସମେତ ଛାତ୍ରନେତା ସତ୍ୟରଂଜନ ବେହେରା, ଚନ୍ଦନ ପ୍ରଧାନ, ଚନ୍ଦନ ମାଝୀ, ସୁଧାରଂଜନ ମହାପାତ୍ର, ବଳରାମ ଜେନା, ପ୍ରଶାନ୍ତ ଜେନା, ପ୍ରଶାନ୍ତ ଦେ, ବିପ୍ଳବ ଦେ ପ୍ରମୁଖ ଛାତ୍ର କଂଗ୍ରେସର କର୍ମକର୍ତ୍ତା ଓ ସଦସ୍ୟ ଯୋଗଦେଇ ବାଲେଶ୍ୱର ସହର ବିକାଶରେ ପୌର କର୍ତ୍ତୃପକ୍ଷଙ୍କ ଉଦାସୀନପୂର୍ଣ୍ଣ କାର୍ଯ୍ୟଧାରାକୁ ନେଇ ତୀବ୍ର ସମାଲୋଚନା କରିଥିଲେ। ବିଶେଷ କରି ସ୍ଥାୟୀ ନିର୍ବାହୀ ଅଧିକାରୀ ନିଯୁକ୍ତି, ଖତ ଖାଉଥିବା ସିଟି ବସ ଫେରସ୍ତ ସହ ନୂତନ ଛୋଟ ବସ ପୌରାଞ୍ଚଳରେ ଚଳାଚଳ କରିବା, ଗୋପବନ୍ଧୁ ପାର୍କ ଓ ଶିଶୁ ଉଦ୍ୟାନର ନବୀକରଣ ତଥା ଉଚିତ ରକ୍ଷଣାବେକ୍ଷଣ, ସହରର ଲୋକଭିଡ଼ ହେଉଥିବା ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ, ଉଠା ଦୋକାନୀଙ୍କ ପାଇଁ ସ୍ୱତନ୍ତ୍ର ଭେଣ୍ଡିଂଜୋନ ବ୍ୟବସ୍ଥା କରିବା, ନିଳିଆବାଗ ରାସ୍ତା ନବୀକରଣ କାର୍ଯ୍ୟ ଶେଷ କରିବା, ବିଭିନ୍ନ ୱାର୍ଡ଼ରେ ଉନ୍ନୟନ କାର୍ଯ୍ୟ ସାଙ୍ଗକୁ ବୁଲାଗୋରୁ ଓ ମଶା ଦାଉରୁ ରକ୍ଷା ପାଇଁ ଉଚିତ ପଦକ୍ଷେପ ନେବା ଆଦି ଛାତ୍ର କଂଗ୍ରେସ ପକ୍ଷରୁ ଦାବି ହୋଇଛି। ଏନେଇ ସଂଗଠନ ପକ୍ଷରୁ ଏକ ଦାବିପତ୍ର ପୌରାଧ୍ୟକ୍ଷାଙ୍କୁ ପ୍ରଦାନ କରାଯାଇଛି। ବାଲେଶ୍ୱର ପୌରପାଳିକା ପାଇଁ ଆବଶ୍ୟକ ସ୍ଥାୟୀ ନିର୍ବାହୀ ଅଧିକାରୀ ନିଯୁକ୍ତି ବାବଦରେ ରାଜ୍ୟ ନଗର ଓ ଗୃହନିର୍ମାଣ ବିଭାଗକୁ ଅବଗତ କରାଯାଇଥିବା ବେଳେ ଖୁବଶୀଘ୍ର ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ପୌରାଧ୍ୟକ୍ଷା ସବିତା ସାହୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପୌରାଞ୍ଚଳରେ ବିକାଶମୂଳକ କାର୍ଯ୍ୟଧାରା ଜାରି ରହିଥିବା ବେଳେ ଛାତ୍ରକଂଗ୍ରେସ କରିଥିବା ଅନ୍ୟାନ୍ୟ ଦାବି ଭିତ୍ତିହୀନ ବୋଲି ସେ କହିଛନ୍ତି।

## ୱାର୍ଲ୍ଡ଼ କପ୍ ଫୁଟବଲ ଫାଇନାଲ ପାଇଁ ଓଡ଼ିଶା ଫୁଟ୍‌ବଲ ଆସୋସିଏସନ ୨ଜଣଙ୍କୁ ପଠାଇଲା କତାର : ଭଦ୍ରକର ଧିରେନ ପଲାଇ ସାମିଲ



ଭଦ୍ରକ, ୧୨/୧୨ (ନି.ପ୍ର): କତାର ଠାରେ ଅନୁଷ୍ଠିତ ହେବାକୁ ଥିବା ଫୁଟବଲ ୱାର୍ଲ୍ଡ କପ୍‌ର ସେମିଫାଇନାଲ ଓ ଫାଇନାଲ ଦେଖିବା ପାଇଁ ଓଡ଼ିଶା ଫୁଟବଲ ଆସୋସିଏସନ ୨ଜଣ ବିଶେଷଜ୍ଞଙ୍କୁ ପଠାଇଛି। ଉକ୍ତ ୨ଜଣଙ୍କ ମଧ୍ୟରେ ଭଦ୍ରକ ଜିଲ୍ଲା କ୍ରିକେଟ ଆସୋସିଏସନ ଓ ଆଥ୍‌ଲେଟିକ୍ ଆସୋସିଏସନର ସମ୍ପାଦକ ତଥା ଓଡ଼ିଶା କ୍ରିକେଟ ଆସୋସିଏସନର ପୂର୍ବତନ ଅଧ୍ୟକ୍ଷ ଧିରେନ ପଲାଇ ମନୋନୀତ ହୋଇଛନ୍ତି। ତାଙ୍କ ମନୋନୟନକୁ ନେଇ ଜିଲ୍ଲା କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇବା ସହ ଜିଲ୍ଲା ଆଥ୍‌ଲେଟିକ୍ ଆସାସିଏସନ, ଜିଲ୍ଲା କ୍ରିକେଟ ଆସୋସିଏସନର ସମସ୍ତ କର୍ମକର୍ତ୍ତା ସଦସ୍ୟ, ଖେଳାଳୀମାନେ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ନାବାଳିକା ଅପହରଣ : ଦୁଇ ଯୁବକ ଗିରଫ

ବସ୍ତା,୧୨।୧୨(ନିପ୍ର): ବସ୍ତା ଥାନା ହଳଦୀପଦା ଅଞ୍ଚଳର ଜଣେ ନାବାଳିକା ଅପହରଣ ମାମଲା ରେ ପୁଲିସ ସୋମବାର ଦୁଇ ଜଣ ଯୁବକ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାରୁ ପ୍ରକାଶ ଯେ,ଏହି ଅଞ୍ଚଳର ନାବାଳିକାଙ୍କୁ ପଳାସିଆ ଗ୍ରାମର ଶିବ ରଞ୍ଜନ ସାହୁ(୧୯), ଗତ ମାସ ୧୨ ତାରିଖ ରେ ଅପହରଣ କରିବା ନେଇଥିବା ସମ୍ପର୍କରେ ଥାନାରେ ନାବାଳିକା ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଏନେଇ ପୁଲିସ ୨୯୫/୨୨ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ବେଳେ ଉଭୟ ଗୁଜୁରାଟ ମୂର୍ବି ଅଞ୍ଚଳରେ ଥିବା ଜାଣିବାକୁ ପାଇ ସଦଳେ ବେଳେ ଚଢ଼ାଉ କରି ନାବାଳିକା ସମେତ ଶିବ ରଞ୍ଜନ କୁ ଉଦ୍ଧାର କରିଥିଲେ। ବସ୍ତା ଥାନା କୁଣ୍ଡୁଳି ଗ୍ରାମର ଅନ୍ୟ ଏକ ଅପହରଣମାମଲାରେ କେଶ ନଂ୧୨୨/୨୨ ରେ ମଧ୍ୟ ପୁଲିସ ସଞ୍ଜୟ କୁମାର ଜେନାଙ୍କୁ ଗୁଜୁରାଟ ରୁ ଗିରଫ କରିଥିଲା । ଉଭୟ ଙ୍କୁ ସୋମବାର ବସ୍ତା ଥାନା ପୁଲିସ କୋର୍ଟ ଚାଲାଣ କରିଥିବା ଜଣାଯାଇଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ



ବାଲେଶ୍ୱର, ୧୨/୧୨ (ନି.ପ୍ର): ସହରର ମାଣିଖମ୍ଭ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଉଦଘାଟିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଖାଉନସିଲର ପଦ୍ମଲୋଚନ ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାକୁ ଉଦଘାଟନ କରିବା ସହିତ ଛାତ୍ରଛାତ୍ରୀଙ୍କ ପାଇଁ କ୍ରୀଡ଼ାର ଅବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ନିରୋଗ ଶରୀର ଓ ସୁସ୍ଥ ମନ ପାଇଁ ପାଠପଢ଼ା ସାଙ୍ଗକୁ ଖେଳକୁଦ କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୁରଜିତ ମୁନିଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ସମ୍ପାଦକ ଭବେଶ କୁମାର ରାଉତ, ଉପ-ସଭାପତି ଯୋନେ ଚନ୍ଦ୍ର ରଣା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଶୃଙ୍ଖଳିତ ହୋଇ କ୍ରୀଡ଼ା ପ୍ରତିଯୋଗିତାରେ ସଫଳତା ପ୍ରଦର୍ଶନ ପାଇଁ ପରାମର୍ଶ ଦେଇଥିଲେ। ଖେଳ ଶିକ୍ଷକ ମାନସ ରଂଜନ ସାହୁ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଏହି ଅବସରରେ ମାର୍ଚ୍ଚପାଷ୍ଟ ହୋଇଥିଲା। ଦୁଇଦିନିଆ କ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ ବିଭାଗରେ ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି।

## ରାଜ୍ୟ ପୁସ୍ତକ ମହୋତ୍ସବର ୪ ର୍ଥ ସଂଧ୍ୟା : ଆଧୁନିକ କବିତାରେ ଜୀବନର ସ୍ୱର ଓ ସ୍ୱାକ୍ଷର ସମ୍ପର୍କରେ ଆଲୋଚନା

ଭୁବନେଶ୍ୱର, ୧୨/୧୨ (ନି.ପ୍ର): ୪ର୍ଥ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ 'ଅକ୍ଷର'ର ଚତୁର୍ଥ ଦିନରେ ଆଜି 'ଆଧୁନିକ କବିତାରେ ଜୀବନର ସ୍ୱର ଓ ସ୍ୱାକ୍ଷର' ବିଷୟରେ ସାହିତ୍ୟ ଆଲୋଚନା ହୋଇଥିଲା। ଏଥିରେ ପ୍ରସିଦ୍ଧ ଗୁଜୁରାଟୀ କବି ପ୍ରଫେସର ପଦ୍ମଶ୍ରୀ ସୀତାଂଶୁ ୟାଶଚନ୍ଦ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ, ବିଶିଷ୍ଟ କବି ଓଡିଶା ସାହିତ୍ୟ ଏକାଡେମୀର ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ, ସମ୍ପାଦକ ପ୍ରବୋଧ କୁମାର ରାଉତ, ସଂସ୍କୃତି ବିଭାଗର ଉପନିର୍ଦ୍ଦେଶିକା ଶ୍ରୀମତୀ ଶୁଚିସ୍ମିତା ମନ୍ତ୍ରୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଭାନୁମତୀ ସାହୁଙ୍କ ଦୀର୍ଘ ଉପନ୍ୟାସ 'ଚକ୍ରବ୍ୟୂହ ଓ ଗଳ୍ପ ସଂକଳନ 'ଅଦୃଶ୍ୟ ଆଖି' (ଉଭୟ ଜ୍ଞାନଯୁଗ ପବ୍ଲିକେଶନ, ଭୁବନେଶ୍ୱର ଦ୍ୱାରା ପ୍ରକାଶିତ) ଏବଂ କବି ପ୍ରଫେସର ଅରୁଣ ଚନ୍ଦ୍ର ସାହୁଙ୍କ କବିତା ସଂକଳନ 'ନିଃଶବ୍ଦ ବଂଶୀସ୍ୱନ' (ବ୍ଲାକ୍ ଇଗଲ ବୁକ୍ସ, ଆମେରିକା ଦ୍ୱାରା ପ୍ରକାଶିତ ) ଉନ୍ମୋଚିତ ହୋଇଥିଲା। ଡଃ.ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ପୂର୍ବତନ ଯାଜପୁର ସାଂସଦ ମୋହନ ଜେନାଙ୍କ ବିୟୋଗରେ ସମାଜବାଦୀ ପାର୍ଟିର ଶୋକ

ଭୁବନେଶ୍ୱର, ୧୨/୧୨ (ନି.ପ୍ର): ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ପୂର୍ବତନ ଛାତ୍ର ସଂସଦ ସଭାପତି, ଓଡ଼ିଶାର ଛାତ୍ର ଓ ଯୁବ ରାଜନୀତିରେ ଏକ ଜଣାଶୁଣା ନାମ, ଯାଜପୁରର ପୂର୍ବତନ ଲୋକସଭା ସାଂସଦ ମୋହନ ଜେନାଙ୍କ ୬୫ ବର୍ଷ ବୟସରେ ସୋମବାର ଅପରାହ୍ନରେ ଅକାଳ ବିୟୋଗ ଘଟିଛି। ମୋହନ ଜେନାଙ୍କ ବିୟୋଗରେ ସମାଜବାଦୀ ପାର୍ଟି ସଭାପତି ରବି ବେହେରା ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକ ବାର୍ତ୍ତାରେ ଶ୍ରୀ ବେହେରା କହିଛନ୍ତି, ଛାତ୍ର ରାଜନୀତିରେ ଶ୍ରୀଯୁକ୍ତ ଜେନା ତାଙ୍କ ସମେତ ଅନେକ ଛାତ୍ରନେତାଙ୍କୁ ତିଆରି କରିଥିଲେ। ତାଙ୍କର ଅକାଳ ବିୟୋଗ ରାଜ୍ୟର ଛାତ୍ର ଓ ଯୁବ ରାଜନୀତିରେ ଏକ ଅପୂରଣୀୟ କ୍ଷତି। ପ୍ରଭୁ ଜଗନ୍ନାଥ ତାଙ୍କ ଆତ୍ମାର ସଦଗତି କାମନା କରନ୍ତୁ ଏବଂ ତାଙ୍କ ପରିବାରକୁ ଏହି ଦାରୁଣ ଦୁଃଖ ସହିବାର ଶକ୍ତି ଦିଅନ୍ତୁ ବୋଲି ଶ୍ରୀ ବେହେରା ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

## ନିଖିଳ ଓଡ଼ିଶା ଆଇନଜୀବି ମହାସଂଘର ସତ୍ୟାଗ୍ରହ

ଭୁବନେଶ୍ୱର, ୧୨/୧୨ (ନି.ପ୍ର): ନିଖିଳ ଓଡ଼ିଶା ଆଇନଜୀବୀ ମହାସଂଘର ନିଷ୍ପତି କ୍ରମେ ଆଜି ସାରା ରାଜ୍ୟରେ ଓକିଲମାନେ ଦିନିକିଆ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ଆନ୍ଦୋଳନ ପାଇଁ ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ସୋମବାର ଭୁବନେଶ୍ୱର କୋର୍ଟ ସମ୍ମୁଖରେ ଶତାଧିକ ଆଇନଜୀବୀ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହରେ ସାମିଲ ହୋଇଥିଲେ। ଜନସାଧାରଙ୍କ ଦାବି ପାଇଁ ଓକିଲଙ୍କ ମୌଳିକ ଅଧିକାର ରକ୍ଷା ପାଇଁ ଏହି ଆନ୍ଦୋଳନ କରାଯାଇଥିଲା। କୋର୍ଟ କାର୍ଯ୍ୟରେ କେହି ବାଧା ସୃଷ୍ଟି ନକରି କିମ୍ବା ହସ୍ତକ୍ଷେପ ନକରି ଓକିଲମାନେ କୋର୍ଟ କାର୍ଯ୍ୟରୁ ଆଜି ନିବୃତି ରହିଥିଲେ। ସଂଘ ପକ୍ଷରୁ କୁହାଯାଇଛି ଯେ, ହାଇକୋର୍ଟ ପକ୍ଷରୁ ରେଜିଷ୍ଟାର ଜେନେରାଲଙ୍କ ଦ୍ୱାରା ଦାଖଲ ହୋଇଥିବା ସତ୍ୟାପାଠ ଆଧାରକୁ ନେଇ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଆଇନଜୀବୀମାନଙ୍କ ବିରୁଦ୍ଧରେ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ତାହା ଏକ ତରଫା। ଏଥି ପାଇଁ ଓକିଲମାନଙ୍କ ପକ୍ଷରୁ କୌଣସି ଯୁକ୍ତି ଉପସ୍ଥାପନା ଓ ମତବ୍ୟକ୍ତ କରିବାକୁ ସୁଯୋଗ ଦିଆନଯାଇ ଓକିଲମାନଙ୍କ ବିରୁଦ୍ଧରେ ଏପରି ନିର୍ଦ୍ଦେଶ ଦିଆଯାଇଛି। ଏବଂ ରାଜ୍ୟ ଆଇନଜୀବୀ ପରିଷଦ ଓ ଭାରତୀୟ ଆଇଜୀବୀ ପରିଷଦର ଓକିଲ ମାରଣ ନୀତିକୁ ବିରୋଧ କରାଯାଇଛି।

## ଭଦ୍ରକ କାର୍ମେଲ୍ ବିଦ୍ୟାଳୟର ୨୨ତମ ବାର୍ଷିକ ଉତ୍ସବ




ଭଦ୍ରକ, ୧୨/୧୨ (ନି.ପ୍ର): ଭଦ୍ରକ କାର୍ମେଲ୍ ବିଦ୍ୟାଳୟର ୩୩ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭଦ୍ରକ ଜିଲା ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନା, ବିଦ୍ୟାଳୟର ଅଧ୍ୟକ୍ଷ ସିଷ୍ଟର ଶେମା, ସମ୍ମାନିତ ଅତିଥି ଭୋପାଳର ମାଉଣ୍ଟ କାର୍ମେଲ ପ୍ରୋଭିସ୍‌ନିଆଲ ସୁପେରିଅର ମଦର ପବିତ୍ରା ଓ ମଦର ଅର୍ପିତାଙ୍କ ଉପସ୍ଥିତିରେ ବାର୍ଷିକ ଉତ୍ସବଟିକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ୧୮ ଟି କାର୍ଯ୍ୟକ୍ରମକୁ ବିଭିନ୍ନ ରଙ୍ଗାରଙ୍ଗ ପରିବେଶରେ ପ୍ରସ୍ତୁତ କରାଯାଇଥିଲା। ନୃତ୍ୟ, ଗୀତ, ସ୍ୱାଗତ ସମ୍ଭାଷଣ ତଥା ଅନ୍ୟାନ୍ୟ ବିଭିନ୍ନ କଳାକୃତି ମାଧ୍ୟମରେ ବିଦ୍ୟାଳୟର ପରିବେଶ ବେଶ୍ ଭବ୍ୟ ହୋଇଥିଲା। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଛୋଟଛୋଟ ପିଲାମାନଙ୍କୁ ନେଇ ଏହି ଉତ୍ସବଟିକୁ ସଫଳ କରାଇଥିଲେ। ମୁଖ୍ୟ ଅତିଥି ପିଲାମାନଙ୍କର ସର୍ବାଙ୍ଗୀନ ବିକାଶ ଉଦ୍ଦେଶ୍ୟରେ ନିଜ ବକ୍ତବ୍ୟରେ କହିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସ୍ୱାଗତ ସମ୍ଭାଷଣ ଉପସ୍ଥାପନ କରିଥିଲେ। ଶେଷରେ ବିଦ୍ୟାଳୟର କ୍ୟାପଟେନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲେଶ୍ୱର ବାର ଆସୋସିଏସନ ପକ୍ଷରୁ ଗଣସତ୍ୟାଗ୍ରହ



ବାଲେଶ୍ୱର, ୧୨/୧୨ (ନି.ପ୍ର): ଆଇନଜୀବୀଙ୍କ ଗଣତାନ୍ତ୍ରିକ ଅଧିକାର ଉପରେ ଉଚ୍ଚତମ ନ୍ୟାୟାଳୟଙ୍କ ଅଙ୍କୁଶ ଓ ରାଜ୍ୟରେ ୫ ବାର ଆସୋସିଏସନ ଅସିଦ୍ଧ ଘୋଷଣାକୁ ବିରୋଧ କରି ବାଲେଶ୍ୱର ଓକିଲ ସଂଘ ପକ୍ଷରୁ ସୋମବାର ଗଣ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି। ଆସୋସିଏସନର ସଭାପତି ଆଇନଜୀବୀ ମନୋଜ କୁମାର ନାୟକ ଓ ସମ୍ପାଦକ ସମ୍ବିତ ନନ୍ଦୀଙ୍କ ନେତୃତ୍ୱରେ ଜିଲା ଜଜଙ୍କ କୋର୍ଟ ସମ୍ମୁଖରେ ଆୟୋଜିତ ଧାରଣା କାର୍ଯ୍ୟକ୍ରମରେ ସଂଘର କର୍ମକର୍ତ୍ତାଙ୍କ ସମେତ ବାଲେଶ୍ୱରର ବହୁ ବରିଷ୍ଠ ଓକିଲ ଯୋଗ ଦେଇଥିଲେ। ହକ ଆଦାୟ ପାଇଁ ଗଣତାନ୍ତ୍ରିକ ଉପାୟରେ ସତ୍ୟାଗ୍ରହ କରିବା ନାଗରିକର ମୌଳିକ ଅଧିକାର ହୋଇଥିବା ବେଳେ ଆଇନଜୀବୀଙ୍କ ଲାଇସେନ୍ସ ଓ ବାର ଆସୋସିଏସନକୁ ରଦ୍ଦ କରିବା କେଉଁ ନ୍ୟାୟରେ ବୋଲି ଆଇନଜୀବୀମାନେ ପ୍ରଶ୍ନ କରିଥିଲେ। ଏହା ସମ୍ବିଧାନର ୧୯ (କ)କୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି ବୋଲି ସେମାନେ ଆରୋପ ଉଠାଇଥିଲେ। ଏହି ନିର୍ଦ୍ଦେଶର ପୁନର୍ବିଚାର ସହ ଏକ ସୁସ୍ଥ ବାତାବାରଣ ସୃଷ୍ଟି ପାଇଁ ରାଜ୍ୟ ଆଇନଜୀବୀ ପରିଷଦ ତୁରନ୍ତ ଉଚିତ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ଆଜିର ଗଣସତ୍ୟାଗ୍ରରେ ଦାବି କରାଯାଇଛି। ଅନ୍ୟପକ୍ଷରେ ଧାରଣା ସ୍ଥଳରେ ଆସୋସିଏସନର ବ୍ୟାନରକୁ ପୁଲିସ ଛିଣ୍ଡାଇବାକୁ ନେଇ କର୍ମକର୍ତ୍ତାମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

## ବାସୁଦେବପୁରରେ ୧୧୯ଟି ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ



ଭଦ୍ରକ, ୧୨/୧୨ (ନି.ପ୍ର): ବାସୁଦେବପୁର ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ଜିଲ୍ଲାପାଳ ଓ ଏସ୍.ପିଙ୍କ ମିଳିତ ଜନ ଶୁଣାଣି ଶିବିରରେ ଯୋଗ ଦେଇ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍.ପି. ଚରଣ ସିଂ ମୀନା ସମୁଦାୟ ୧୧୯ଟି ଅଭିଯୋଗର ଶୁଣାଣି କରିଛନ୍ତି । ସେଗୁଡ଼ିକ ମଧ୍ୟରେ ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ୧୦୭ଟି ଅଭିଯୋଗ ଥିଲାବେଳେ ୧୨ଟି ଥିଲା ସାମୂହିକ ସମସ୍ୟା ସମ୍ବନ୍ଧୀୟ । ଗୋଟିଏ ଅଭିଯୋଗ ତତ୍କାଳ ସମାଧାନ କରାଯାଇଥିଲା । ୨ଟି ଅଭିଯୋଗ ରେଡ୍‌କ୍ରସ୍ ସମ୍ବନ୍ଧୀୟ ଥିଲା । ଚିକିତ୍ସା ସହାୟତା ବାବଦ ଜଣଙ୍କୁ ୫ ହଜାର ଓ ଅନ୍ୟ ଜଣଙ୍କୁ ୩ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲ୍ଲାପାଳ ମଞ୍ଜୁର କରିଥିଲେ । ଭଦ୍ରକ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ , ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସନ୍ତୋଷ କୁମାର ପାତ୍ର, ବାସୁଦେବପୁର ବ୍ଲକ୍ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ବି.ଡ଼ି.ଓ. ସତ୍ୟଜିତ୍ ରାଉତ, ସହାୟକ ଜିଲ୍ଲାପାଳ ବସନ୍ତ କୁମାର ଲେଙ୍କା ପ୍ରମୁଖ ଏହି ଶିବିରରେ ଯୋଗ ଦେଇଥିଲେ । ଏହି ମିଳିତ ଜନ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା ଯୋଜନାର ଅତିଥିମାନଙ୍କ ଦ୍ୱାରା ଦିବ୍ୟାଙ୍ଗ ହିତାଧିକାରୀମାନଙ୍କୁ ୪ଟି ହ୍ୱିଲ୍ ଚେୟାର ଓ ୫ଟି ତିନି ଚକିଆ ସାଇକେଲ ବଣ୍ଟନ କରାଯାଇଥିଲା । ଜିଲ୍ଲାସ୍ତରୀୟ ଓ ଉକ୍ତ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ ।

## ଖଇରା ବିକାଶ ମାନଚିତ୍ରରେ ଯୋଡିଗଲା ୭ନୂଆ ପ୍ରକଳ୍ପ



ଖଇରା, ୧୨/୧୨ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକ ବିକାଶ ଧାରା ଜାରି ରହିଥିବା ବେଳେ ମାନଚିତ୍ରରେ ୭ନୂଆ ପ୍ରକଳ୍ପ ଯୋଡି ହୋଇ ଯାଇଛି । ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସୋମବାର ୨ ପ୍ରମୁଖ ରାସ୍ତା ଓ ୫ରାଜସ୍ୱ ନିରିକ୍ଷକ କାର୍ଯ୍ୟାଳୟ ନୂତନ ଗୃହର ଭିତ୍ତି ପ୍ରସ୍ତର ସ୍ଥାପନ କରିବା ପରେ ପାଖାପାଖି ୧୫ପଞ୍ଚାୟତ ଜନସାଧାରଣଙ୍କ ମଧ୍ୟରେ ଆଶାର ସଞ୍ଚାର ସୃଷ୍ଟି ହୋଇଛି । ବିଧାୟକ ପାଣିଗ୍ରାହୀ ପ୍ରଥମେ ଅନ୍ତରା ରାଜସ୍ୱ ନିରିକ୍ଷକ କାର୍ଯ୍ୟାଳୟ ଗୃହର ଭିତ୍ତି ପ୍ରସ୍ତର ସ୍ଥାପନ କରିବା ପରେ ବର୍ଦ୍ଧନା, କୁପାରୀ ଓ ଖଇରା ରାଜସ୍ୱ ନିରିକ୍ଷକ କାର୍ଯ୍ୟାଳୟର ଭୂମି ପୂଜନ କରିଥିଲେ । ବର୍ଦ୍ଧନା କାର୍ଯ୍ୟକ୍ରମରେ ସରପଞ୍ଚ ବିଣାପାଣି ପଣ୍ଡା, ସମିତି ସଭ୍ୟା ରଶ୍ମିବାଳା କର, ବର୍ଦ୍ଧନା ପରିଚାଳନା ବୋର୍ଡ ସଭାପତି ନିରଞ୍ଜନ ମହାପାତ୍ର, ପ୍ରାକ୍ତନ ସମିତି ସଭ୍ୟ ରଘୁନାଥ ପଣ୍ଡା, ସୁଧାକର ଦାସ, ପ୍ରାକ୍ତନ ସରପଞ୍ଚ ସୁଶାନ୍ତ ମିଶ୍ର ଏବଂ କୁପାରୀ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ, ସରପଞ୍ଚ ଜ୍ୟୋସ୍ନାରାଣୀ ଦାସ, ସମିତି ସଭ୍ୟ ଅକ୍ଷୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ । ପରେ ପ୍ରଶସ୍ତିକରଣ ଓ ଉନ୍ନତିକରଣ ହେବାକୁ ଥିବା କଇଥଗଡିଆ ଡୁଙ୍ଗୁରା ଭାୟା ଆଳଦା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ସରପଞ୍ଚ ମାଳତୀ ସେଠୀ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସମିତି ସଭ୍ୟା ନର୍ମଦା ଦେଓ ପ୍ରମୁଖ ଉପସ୍ଥିତ ଥିଲେ । ପରେ ୪କୋଟି ୮୮ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଓଝାପୋଖରୀ - ଅଡା ରାସ୍ତାର ଶିଳାନ୍ୟାସ ଉତ୍ସବ ସାରଡାଙ୍ଗ ପଞ୍ଚାୟତ ପଡିଆରେ ଅନୁଷ୍ଠିତ ହୋଇଥିଲା । ବିଜେଡି ସଭାପତି ବ୍ରଜକିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବ୍ଲକ ଉପାଧକ୍ଷ ଗଜେନ୍ଦ୍ର ପରିଡା, ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର, ନନ୍ଦୁର ସରପଞ୍ଚ ଜୟନ୍ତୀ ପତି, ସମିତି ସଭ୍ୟା ଦମୟନ୍ତୀ ସିଂ ପ୍ରମୁଖ ଯୋଗ ଦେଇ ଓଡିଶାରେ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଓ ସିମୁଳିଆରେ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ୩ୟଥର ପାଇଁ ବିଧାୟକ ଆସନରେ ବସାଇବାକୁ ଅନୁରୋଧ କରିଥିଲେ । ପରେ ଗଗନଧୂଳି ରାଜସ୍ୱ ନିରିକ୍ଷକ କାର୍ଯ୍ୟାଳୟ ଗୃହର ଭୁମି ପୂଜନ ଉତ୍ସବରେ ଜିଲା ପରିଷଦ ସଭ୍ୟ ମାନଶ କୁମାର ଦାଶ, ଗଗନଧୂଳି ସରପଞ୍ଚ ମଦନ ସାନ୍ତରା, ପୂର୍ବତନ ସରପଞ୍ଚ କରୁଣାକର ଜେନା, ଅତିରିକ୍ତ ତହସିଲଦାର ଗଦାଧର ସେଠୀ, ଡଗରପଡା ସରପଞ୍ଚ ରତ୍ନାକର ଦଳେଇ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ ।

## ଚିନ୍ମୟ ମିଶନ ପକ୍ଷରୁ ଗୀତା ଆବୃତ୍ତି ପ୍ରତିଯୋଗିତା

ବାଲେଶ୍ୱର, ୧୨/୧୨ (ନି.ପ୍ର): ଚିନ୍ମୟ ମିଶନ ବାଲେଶ୍ୱର ଶାଖା ତରଫରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶ୍ରୀମଦ ଭଗବତ ଗୀତା ଆବୃତ୍ତି ପ୍ରତିଯୋଗିତା ସହରର ଭୋଇସାହି ସ୍ଥିତ ସିଦ୍ଧିବିନାୟକ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ଟି ସ୍କୁଲ୍ କଲେଜ୍‌ର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସିଦ୍ଧି ବିନାୟକ ସ୍କୁଲର ଅଧ୍ୟକ୍ଷ ସୁଧାଂଶୁ ଶେଖର ପଣ୍ଡା, ଚିନ୍ମୟ ମିଶନର ପୂର୍ବତନ ସଭାପତି ଧୀରେନ୍ଦ୍ର ନାରାୟଣ ଦାସଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଚିନ୍ମୟ ମିଶନର ସଭାପତି କ୍ଷିତୀଶ୍ୱର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ପରିଚାଳିତ ହୋଇଥିଲା। ଛାତ୍ରଛାତ୍ରୀମାନେ ଶ୍ରୀମଦ ଭାଗବତ ଗୀତାର ୩ୟ ଅଧ୍ୟାୟ 'କର୍ମଯୋଗ'ର ଶ୍ଳୋକ ଆବୃତ୍ତି କରିଥିଲେ। ବ୍ରହ୍ମଚାରୀ ଅଗସ୍ତ୍ୟ ଚୈତନ୍ୟ, ରଶ୍ମିରେଖା ସାହୁ, ସଦାନନ୍ଦ ଦିକ୍ଷୀତ୍, ଶ୍ରଦ୍ଧାଞ୍ଜଳି ରାଉତ୍, ମନୋରଞ୍ଜନ ମହାରଣା ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗିତା ପରେ ଆୟୋଜିତ ଉତ୍ସବରେ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଗଙ୍ଗାଧର ପୃଷ୍ଟି, ହରିଶ୍ଚନ୍ଦ୍ର ସାହୁ, ରଜନୀକାନ୍ତ ବେହେରା, ଯୋଗେନ୍ଦ୍ର ଦଳେଇ, ପ୍ରଦୀପ କୁମାର ସେଠୀ, ଜନ୍ମେଜୟ ବାରିକ, ମୁକେଶ ପାତ୍ର, ପଙ୍କଜିନୀ ମାଝୀ, ଶରତ ଚନ୍ଦ୍ର ପାଣିଗ୍ରାହୀ, ଦୀପଶିଖା ନାୟକ, ସୁମିତ୍ରା ସିଂ, କବିତା ଚାନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ସଞ୍ଜୟ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo